ଶେଷ ପୃଷ୍ଠା
ଲୋକାର୍ପଣ ଅପେକ୍ଷାରେ ମାଁ ସମଲେଶ୍ୱରୀ ମନ୍ଦିର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
29 YEARS

# ସମ୍ବାଦ କଳିକା

The Sambad Kalika TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ଓଡ଼ିଆ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
12 Pages, ₹2.00

● ବର୍ଷ–୩୦ ● ସଂଖ୍ୟା–୩୫୫ ● ୨୪ ଜାନୁଆରୀ ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -30 ● Issue-355 ● 24th January 2024, Wednesday ● Bhubaneswar | Licensed to post without pre-payment of postage No- BN-60/22-24




## ମହାପ୍ରଭୁଙ୍କୁ ଦର୍ଶନ କରି ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି କାମନା କଲେ ମୁଖ୍ୟମନ୍ତ୍ରୀ

**ପୁରୀ, ୨୩।୧ : ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଅବସରରେ ମହାପ୍ରଭୁଙ୍କ ଆଶୀର୍ବାଦ ଲୋଡିବା ସହ ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି କାମନା କରିଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣର ୭ମ ଦିନରେ ମୁଖ୍ୟମନ୍ତ୍ରୀ ମଙ୍ଗଳବାର ପୁରୀ ଗସ୍ତ କରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରିବା ସହିତ ପରିକ୍ରମା ପ୍ରକଳ୍ପର ପୁନଃ ପ୍ରଦକ୍ଷିଣ କରିଛନ୍ତି। ଭକ୍ତମାନଙ୍କୁ ମିଳୁଥିବା ନୂତନ ସୁବିଧା ସୁଯୋଗ ସମ୍ପର୍କର ଅନୁଭୂତି ନେବାପାଇଁ ମୁଖ୍ୟମନ୍ତ୍ରୀ ମଙ୍ଗଳବାର ପୁଣି ଥରେ ପୁରୀ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ।



ପୂର୍ବ ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ହେଲିକପ୍ଟରରେ ଆସି ଅପରାହ୍ନ ୪ଟା ୪୦ରେ ମାଟିତୋଟାସ୍ଥିତ ଅସ୍ଥାୟୀ ହେଲିପ୍ୟାଡରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହିତ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଧ୍ୟ ଆସିଥିଲେ। ସେଠାରେ ଜିଲ୍ଲାପାଳ ସମର୍ଥ ବର୍ମା, ଏସ୍‌ପି ଡ. କନଓ୍ୱର ବିଶାଳ ସିଂ ସ୍ୱାଗତ କରିଥିଲେ। ସେଠାରୁ କାର ଯୋଗେ ଶ୍ରୀସେତୁ ଦେଇ ଜଗନ୍ନାଥ ବଲ୍ଲଭ ପିଲିଗ୍ରୀମ ସେଣ୍ଟର (ଜେବିପିସି)ରେ ପହଞ୍ଚିଥିଲେ। ସେଠାରୁ ବ୍ୟାଟେରୀ ଗାଡିରେ ଶ୍ରୀମାର୍ଗ ଦେଇ ଅପରାହ୍ନ ୫ଟାରେ ସିଂହଦ୍ୱାରଠାରେ ପହଞ୍ଚିଥିଲେ। ଗାଡିରୁ ଓହ୍ଲାଇବା ପରେ ସିଂହଦ୍ୱାର ସମ୍ମୁଖରେ ସମବେତ ଜନସାଧାରଣ ଏବଂ ମନ୍ଦିର ବେଢା ଭିତରେ ଥିବା ଭକ୍ତଙ୍କୁ ହାତ ହଲାଇ ଶୁଭେଚ୍ଛା ଜଣାଇଥିଲେ ମୁଖ୍ୟମନ୍ତ୍ରୀ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ସମେତ ପରିଚାଳନା କମିଟି ସେବାୟତ ପ୍ରତିନିଧି ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇବା ସହ ମନ୍ଦିରକୁ ପାଛୋଟି ନେଇଥିଲେ। ମୁଖ୍ୟମନ୍ତ୍ରୀ ସିଂହଦ୍ୱାର ଗୁମୁଟରେ ପତିତପାବନଙ୍କୁ ଦର୍ଶନ କରିବା ପରେ ଆଗକୁ ବଢିଥିଲେ। ଗୋଟିଏ ପରେ ଗୋଟିଏ ପାଦ ପକାଇ ବାଇଶିପାହାଚ ଚଢିବା ଦୃଶ୍ୟ ଥିଲା ବେଶ *(ପୃଷ୍ଠା ୭ରେ)*

## ୭ ମାସ ଭିତରେ ଗଜପତି ଜିଲ୍ଲାକୁ ମିଳିଛି ପ୍ରାୟ ୧୨୦ କୋଟି

**ପାରଳାଖେମୁଣ୍ଡି, ୨୩।୧**
**ନ୍ୟୁଜ୍ ବ୍ୟୁରୋ**

୫-ଟି ତଥା ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ମଙ୍ଗଳବାର ଦିନିକିଆ ଗଜପତି ଗସ୍ତ କରିଥିଲେ । ସେ ଜିଲ୍ଲା ମୁଖ୍ୟାଳୟ ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମରେ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ସଫଳତାର ଟିପ୍ସ ଦେଇଥିଲେ । ସେ ଛାତ୍ରଛାତ୍ରୀଙ୍କୁ ଜୀବନରେ ସଫଳ ହେବା ପାଇଁ ମନ୍ତ୍ର ଦେଇଥିଲେ । ପାଠପଢା ସହ *(ପୃଷ୍ଠା ୭ରେ)*



## ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡ୍ରୋନ୍‌ର ଉପଯୋଗ, ଏମ୍‌ସ ଭୁବନେଶ୍ୱର ପକ୍ଷରୁ ସଫଳ ପରୀକ୍ଷଣ

**ଭୁବନେଶ୍ୱର, ୨୩।୧**
**ନ୍ୟୁଜ୍ ବ୍ୟୁରୋ**

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଏମ୍‌ସ ଭୁବନେଶ୍ୱର ପୁନର୍ବାର କରିଛି ଅଭିନବ ପ୍ରୟୋଗ। ମେଡିକାଲ୍ ସାଇନ୍ସ ସହିତ ପ୍ରଯୁକ୍ତି ବିଦ୍ୟାର ସମ୍ମିଶ୍ରଣରେ ପ୍ରୟୋଗ ପୂର୍ବକ ସ୍ୱାସ୍ଥ୍ୟସେବା



କ୍ଷେତ୍ରରେ ଡ୍ରୋନ୍‌ର ଉପଯୋଗ ନିମନ୍ତେ ମଙ୍ଗଳବାର କରିଥିବା ପରୀକ୍ଷଣ ସଫଳତାର ସହିତ ସମ୍ପନ୍ନ ହୋଇଛି। ଡ୍ରୋନ୍ ମାଧ୍ୟମରେ ଔଷଧ ତଥା ଅନ୍ୟାନ୍ୟ ଅତ୍ୟାବଶ୍ୟକ ମେଡିକାଲ୍ ସାମଗ୍ରୀ ଯୋଗାଣ ନେଇ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ପକ୍ଷରୁ ହୋଇଥିବା ପରୀକ୍ଷଣ ବିନା କୌଣସି *(ପୃଷ୍ଠା ୭ରେ)*



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

29 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ଦାମ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

12 Pages, ₹2.00

● ବର୍ଷ–୩୦ ● ସଂଖ୍ୟା–୩୫୫ ● ୨୪ ଜାନୁଆରୀ ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -30 ● Issue-355 ● 24th January 2024, Wednesday ● Bhubaneswar

Licensed to post without pre-payment of postage No- BN-60/22-24


## କେଏଲ ରାହୁଲଙ୍କଠୁ ଛଡ଼ାଇ ନିଆଗଲା ୱିକେଟ କିପିଂ ଦାୟିତ୍ୱ




ଓଡ଼ିଶା ସରକାର

DSPL-576

# "ଓଡ଼ିଆ ବିଶ୍ୱବିଦ୍ୟାଳୟ"

ଓଡ଼ିଆ ବିଶ୍ୱବିଦ୍ୟାଳୟ ସତ୍ୟବାଦୀ ବନ୍ଦେ ଉତ୍କଳ ଜନନୀ

## ନୂତନ ସୌଧର ଲୋକାର୍ପଣ ଉତ୍ସବ

ମୁଖ୍ୟ ଅତିଥି

## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା



୨୪ ଜାନୁଆରୀ ୨୦୨୪ || ଦିବା ୧୧.୩୦ ଘଟିକା

ପଞ୍ଚସଖା କ୍ରୀଡ଼ାଙ୍ଗନ, ସତ୍ୟବାଦୀ, ପୁରୀ



ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀ, ଓଡ଼ିଶା

OIPR : 11001/13/0063/2324

ସମ୍ପାଦକୀୟ

29 YEARS
ସମ୍ବାଦ କଳିକା

# ଭାରତୀୟଙ୍କ ପାଇଁ ସତର୍କ ଘଣ୍ଟି

ଭାରତକୁ ସଞ୍ଚୟର ଦେଶ ବୋଲି କୁହାଯାଏ। ଭାରତୀୟ ଲୋକଙ୍କ ଏହି ସଞ୍ଚୟ ଗୁଣ ଯୋଗୁ ୨୦୦୮ରେ ଦେଖା ଦେଇଥିବା ବିଶ୍ୱ ମାନ୍ଦାବସ୍ଥାରେ ବି ଭାରତ ତିଷ୍ଠି ଯାଇଥିଲା। ହେଲେ ଆଜିର ସ୍ଥିତି ସମ୍ପୂର୍ଣ୍ଣ ଓଲଟା ହୋଇଯାଇଛି। ଲୋକଙ୍କ ପାଖରେ ଆଉ ରହୁ ନାହିଁ ସଞ୍ଚୟ। ହେଲେ ଋଣରେ କିଣା ଚାଲିଛି କାର୍ ଓ ମୋବାଇଲ୍। ତୋଳା ଚାଲିଛି ବିଳାଶମୟ ଘର। ପଶ୍ଚାତ୍ୟ ସଭ୍ୟତାରେ ବଞ୍ଚୁଛନ୍ତି ଭାରତୀୟ ଲୋକେ।

ପାଖରେ ସଞ୍ଚୟ ରହୁ ନଥିଲେ ବି ଅର୍ଥନୀତିଜ୍ଞଙ୍କ ଅନୁଯାୟୀ ବିଶ୍ୱର ବଡ଼ ଅର୍ଥନୀତିର ଦେଶ ତୁଳନାରେ ଭାରତୀୟ ଲୋକଙ୍କର ଋଣ ପରିଶୋଧ କ୍ଷମତା ଅଧିକ ରହିଛି। ଆପଣ ଜାଣିଲେ ଓ ଆଶ୍ଚର୍ଯ୍ୟ ହେବେ ଯେ ଭାରତୀୟଙ୍କ ପାଖରେ ନେଟ୍ ସେଭିଂ ଫିଗର ବର୍ତ୍ତମାନ ୪ ପ୍ରତିଶତରୁ କମ। ସରକାରୀ ତଥ୍ୟ ଏହି ରିପୋଟ୍ ଦେଇଛି।

ଆର୍ଥିକ ବର୍ଷ ୨୦୨୨-୨୩ ଜିଡିପି ୫.୧ ପ୍ରତିଶତ ରହିଛି। ଦୀର୍ଘ ସମୟ ହେଲା ଚାଲି ଆସୁଥିବା ହାରାହାରି ଆକଳନ ୭ରୁ ୭.୫ ପ୍ରତିଶତରୁ ଏହା ଖୁବ୍ କମ୍। ହେଲେ ୨୦୨୦-୨୧ ରେ ଏହା ୧୧.୫ ପ୍ରତିଶତ ଥିଲା। ଭାରତୀୟ ଲୋକମାନେ ଏବେ ରିଅଲ୍ ଇଷ୍ଟେଟ୍ ଏବଂ ଗାଡ଼ି କିଣିବା ପାଇଁ ଅଧିକ ଅର୍ଥ ଖର୍ଚ୍ଚ କରୁଛନ୍ତି। ଏଥିପାଇଁ ସେମାନଙ୍କର ଋଣ ବୃଦ୍ଧି ହେଉଛି। ତଥାପି, ଭାରତୀୟମାନଙ୍କର ଋଣ ପରିଶୋଧର କ୍ଷମତା ଦୁନିଆର ବଡ଼ ଦେଶ ଅପେକ୍ଷା ଅଧିକ ବୋଲି ଅର୍ଥନୀତିଜ୍ଞ କହୁଛନ୍ତି।

ହେଲେ ସଞ୍ଚୟ ହ୍ରାସ ହେବା ଯୋଗୁ ଆଗକୁ ଭାରତୀୟମାନେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ତଥାପି ଭରାତୀୟମାନେ ନିଜ ଉପରେ ଦ୍ରୁତ ଗତିରେ ଋଣ ବୃଦ୍ଧି କରି ଚାଲିଛନ୍ତି। ଦେଦାନଦାରୀ ଯୋଗୁ ୨୦୨୨-୨୩ ଆର୍ଥିକ ବର୍ଷରେ ଜିଡିପିର ୫.୮ ପ୍ରତିଶତ ହୋଇଯାଇଛି। ତେବେ ରିଜର୍ଭ ବ୍ୟାଙ୍କର ବିଶ୍ଳେଷଣ ଅନୁଯାୟୀ ସଞ୍ଚୟ ହ୍ରାସର ଆକଳନ ବର୍ତ୍ତମାନ ସ୍ଥିର ରହିଛି। ଏହା ବିଷୟରେ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ। କାରଣ ଭାରତୀୟ ପରିବାର ସମ୍ପତ୍ତି ଏବଂ ଗାଡ଼ି କିଣିବା ପାଇଁ ନିଜର ସଞ୍ଚୟକୁ ବ୍ୟବହାର କରୁଛନ୍ତି। ରିପୋର୍ଟ ଅନୁଯାୟୀ, ଭାରତରେ ମାର୍ଚ୍ଚ ୨୦୨୩ ରେ ଡେଟ୍ ସର୍ଭିସ ରେସିଓ ଅନୁପାତ ୬.୭ ପ୍ରତିଶତ ଥିଲା। ଆମେରିକାରେ ଋଣ ଅନୁପାତ ୭.୮ ପ୍ରତିଶତ, ଜାପାନରେ ୭.୫ ପ୍ରତିଶତ, ବ୍ରିଟେନରେ ୮.୫ ପ୍ରତିଶତ, କାନାଡାରେ ୧୪.୩ ପ୍ରତିଶତ ଏବଂ କୋରିଆରେ ୧୪.୧ପ୍ରତିଶତ ଥିଲା। ତେଣୁ ଏସବୁ ଦେଖିଲେ ବିଶ୍ୱର ଅନ୍ୟ ଆର୍ଥିକ ଶକ୍ତିଶାଳୀ ଦେଶ ଠାରୁ ଭାରତର ସ୍ଥିତି ଭଲ ରହିଛି।

# ଅସ୍ତଗାମୀ ସୂର୍ଯ୍ୟବଂଶ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଉତ୍କଳରେ ଶାସନ କରୁଥିବା ସୂର୍ଯ୍ୟବଂଶର ଗଜପତି ସମ୍ରାଟ ପ୍ରତାପରୁଦ୍ର ଦେବଙ୍କ ମୃତ୍ୟୁ ପରେ ଗଜପତି ଆସନରେ ଆଉ ବସିବା ନିମନ୍ତେ ତାଙ୍କର କେହି ଯୋଗ୍ୟ ପୁତ୍ର ନଥିଲେ। ତଥାପି ତାଙ୍କର ପ୍ରଥମ ପୁତ୍ର କାଳୁଆ ଦେବଙ୍କୁ ଶାସନ ଗାଦିରେ ବସାଯାଇଥିଲା। ହେଲେ ତାଙ୍କର କାର୍ଯ୍ୟକାଳ ଥିଲା ମାତ୍ର ବ।୧।୫।୩ ଦିନ। ପ୍ରତାପରୁଦ୍ର ଦେବଙ୍କର ମନ୍ତ୍ରୀ କୁଚକ୍ରୀ ଗୋବିନ୍ଦ ବିଦ୍ୟାଧର ତାଙ୍କୁ ହିଙ୍ଗିଡ଼ି ଖେଳରେ ଘୋଡ଼ା ମଡ଼ାଇ ବାରବାଟୀ ଗଡ଼ର ସିଂହଦ୍ୱାରରେ ମାରିଦେଲେ। (ମାଦଳାପାଞ୍ଜି, ପୃଷ୍ଠା-୩୭)। ତାଙ୍କ ପରେ ତାଙ୍କର ଅନ୍ୟ ପୁଅ ପୁରୁଷୋତ୍ତମ ବଡ଼ଜେନା କଖାରୁଆ ପ୍ରତାପ ଦେବ ନାମରେ ୩ମାସ ନିମନ୍ତେ ସିଂହାସନ ଆରୋହଣ କରିଥିଲେ। ଅନ୍ୟ ପାଞ୍ଜି ମତେ ସେ ଶାସନରେ ରହିଥିଲେ ବ।୬।୩ ଦିନ। ସେ ଥିଲେ ଅପାରଗ ଓ ତାଙ୍କ ଶାସନରେ ଗୃହଯୁଦ୍ଧ କ୍ରମଶଃ ଆରମ୍ଭ ହେଲା। ସେତେବେଳେ ମନ୍ତ୍ରୀ ଗୋବିନ୍ଦ ବିଦ୍ୟାଧର ଗଜପତି ସିଂହାସନ ଆରୋହଣ ପାଇଁ ସୁଯୋଗ ଖୋଜୁଥିଲେ। ସେ ଦେଖିଲେ ଯେ ଯଦି ଏପରି ଭାବରେ ଶାସନ ଚାଲେ ତେବେ ଓଡ଼ିଶା ଖଣ୍ଡବିଖଣ୍ଡିତ ହୋଇଯିବ। ଏହା ପୂର୍ବରୁ ରାଜଗୁରୁ ଜୀବଦେବାଚାର୍ଯ୍ୟଙ୍କର ଦେହାବସାନ ହୋଇସାରିଥିଲା। ଦେଶ ତଥା ଜାତିକୁ ଏକାଠି କରି ବଞ୍ଚାଇ ରଖିବା ପାଇଁ ପ୍ରତାପରୁଦ୍ରଙ୍କର ଆଉ ସେପରି କୌଣସି ସୁଯୋଗ୍ୟ ଦାୟାଦ ନଥିଲେ। ତେଣୁ ଗୋବିନ୍ଦ ବିଦ୍ୟାଧର ସିଂହାସନ ପାଇବା ଲୋଭରେ ପ୍ରତାପରୁଦ୍ର ଦେବଙ୍କ ଅନ୍ୟ ୧୫ଜଣ ପୁଅଙ୍କୁ ଜଣକ ପରେ ଜଣଙ୍କୁ ହତ୍ୟା କରି ଚାଲିଲେ। ସେତେବେଳେ ରାଜଗୁରୁ ପଦରେ ଥିଲେ କାଶୀ ମିଶ୍ର। ସେହି ପଦବୀ ପାଇଁ ସେ ଥିଲେ ସମ୍ପୂର୍ଣ୍ଣ ଅଯୋଗ୍ୟ। ବାରବାଟୀ ଦୁର୍ଗର ସିଂହଦ୍ୱାରରେ ପ୍ରତାପରୁଦ୍ରଙ୍କର ସମସ୍ତ ପୁତ୍ରମାନଙ୍କୁ ବିଭିନ୍ନ ଉପାୟରେ ହତ୍ୟା କରାଯାଇଥିଲା। ଏହାର ମୁଖ୍ୟ ନାୟକ ଥିଲେ ମଧୁ ଶ୍ରୀଚନ୍ଦନ ମହାପାତ୍ର। ରାମଚନ୍ଦ୍ର ସାମନ୍ତରାୟ ନାମରେ ଜଣେ ମୁଖ୍ୟ ଦଳବେହେରା ସେମାନଙ୍କର ଏପରି କାର୍ଯ୍ୟ ଦେଖି ଘୋର ପ୍ରତିବାଦ କରିବାରୁ ତାଙ୍କର ଶିରଶ୍ଛେଦନ କରିଦିଆଗଲା।

"୧ମ ଓ ୨ୟ ପାଞ୍ଜି ମତେ- ଏ ଉତ୍ତାରୁ ଗୋବିନ୍ଦ ଭୋଇ ବିଦ୍ୟାଧର ମହାରାଜା ହୋଇଲେ। ପ୍ରତାପରୁଦ୍ର ଦେବ ମହାରାଜାଙ୍କର ବତିଶ ପୁଅ ଥିଲେ। ତାହାଙ୍କୁ ଗୋବିନ୍ଦ ଦେବ ମହାରାଜାଏ ମରାଇ ପକାଇଲେ। କଟକ ସିଂହଦ୍ୱାରେ ମଧୁ ଶ୍ରୀଚନ୍ଦନ ମହାପାତ୍ର ଥାଇଁ ମରାଇ ପକାଇଲେ। ଏକାଦିନରେ ଭଲ ଭଲ ଲୋକମାନଙ୍କୁ ମରାଇ ପକାଇଲେ। ରାମଚନ୍ଦ୍ର ସାନ୍ତରା ମୁଣ୍ଡ ଛେଚାଇ ମାଇଲେ। ଏହାଙ୍କ ପାତ୍ର ହୋଇଲେ ଦନାଇ ବିଦ୍ୟାଧର। ଏ ରାଜା ବୀର ଗୋବିନ୍ଦପୁର ପୋଖରୀ ଖୋଳାକଲେ। ଏ (ଏଠାରେ) ଶାସନ (ବସାଇ ବ୍ରାହ୍ମଣ ସାଆନ୍ତମାନଙ୍କ) ଦାନ (କରି) ଦେଲେ। ଏ ମହାରାଜାଙ୍କ ସାତ ୭ ଅଙ୍କେ ଗଏଲକୁଣ୍ଡା କଟକାଇ କଲେ। ଅଠର ମାସ ସେଠାରେ ରହିଲେ। ଏହାଙ୍କ ଭଣଜା ରଘୁଭଞ୍ଜ ଛୋଟରାଏ / ବାଲୁଙ୍କି ଶ୍ରୀଚନ୍ଦନ ମହାପାତ୍ର ଏ ରାଜାଙ୍କୁ ନ ମାନି ଗୋଳ କଲେ। ଶ୍ରୀପୁରୁଷୋତ୍ତମ ଯାଏ ଚଳାଇ ଅଇଲେ। ବଡ଼ ଦେଉଳ ପରୀକ୍ଷା ମୁଣ୍ଡ କାଟି ପକାଇଲେ। କଟକେ ଶ୍ରୀନବର ଆବୋର ରହିଲେ। ମୁକୁନ୍ଦ ଶ୍ରୀଚନ୍ଦନ ଜଗିଆ ହୋଇଥିଲେ ସେ ମାଣିଖଣ୍ଡି ଶ୍ରୀନବର ଆବୋରି ରହିଲେ। ଏହା ଦଖିଣେ ରାଜା ବାରତା ପାଇ ଦଖିଣେ ଦନାଇ ବିଦ୍ୟାଧରଙ୍କୁ ରୁହାଇ ଅଇଲେ। ପନ୍ଦର ଦିନେ ରାଜା ଆସି ପରମେଶ୍ୱରଙ୍କୁ ଦରଶନ କଲେ। ଏହା ରଘୁଭଞ୍ଜ ଛୋଟରାଏ ବାରତା ପାଇ ଅବଦୁଲୀ ସାହାଙ୍କୁ ଘେନି ବାଲୁଙ୍କି ଶ୍ରୀଚନ୍ଦନଙ୍କୁ ଘେନି ମହାନଦୀ ପରି ହୋଇ ମୁରାଟି ରହିଲେ। ସଙ୍ଗତେ ଷାଠିଏ ସହସ୍ର ଲୋକ ଘେନି ଚିତ୍ରପୁରଠାରେ ପଟୁଆର ଯୁଝ ହୋଇଲା। ଦୁଇ ଆଡ଼ରୁ ସୈନ୍ୟ ଅପାର ପଡ଼ିଲେ। ସେଠାରୁ ଏ ତିନି ଲୋକେ ଭାଙ୍ଗିଲେ। ଗଙ୍ଗା କୂଳଯାଏ ରାଜା ଗୋଡ଼ାଇଲେ। କେହି ରହି ନ ପାରି ପଳାଇଲେ। ରଜା ସେଠାରୁ ବାହୁଡ଼ି ଅଇଲେ। ଦଶାଶ୍ୱମେଧ ଘାଟେ ରାଜା ଆବାହନ ହୋଇଲେ। ଏ ରାଜା ଭୋଗ କଲେ ବ।୧।୭ମାସ। ଅନ୍ୟ ପାଞ୍ଜି ମତେ ଏ ରାଜା ଭୋଗ କଲେ ବ୭ର୍ଷ ୧୪୫୬ରୁ ୧୪୬୩ ଶକାବ୍ଦ।

୩ୟ ପାଞ୍ଜି ମତେ- ଏ ଭୋଗକଲେ ବ୭ର୍ଷ-ଶ୧୪୬୩ ପର୍ଯ୍ୟନ୍ତ।"

ଗୋବିନ୍ଦ ବିଦ୍ୟାଧର ଗଜପତି ଗାଦିରେ ବସିଲେ ସତ ମାତ୍ର ଉତ୍କଳରେ ଗୃହଯୁଦ୍ଧ ବଢ଼ିବାରେ ଲାଗିଲା। ସେତେବେଳେ ଜୀବଦେବାଚାର୍ଯ୍ୟଙ୍କ ପୁଅ ଜୟଦେବ (୨ୟ)ଙ୍କୁ ରାଜଗୁରୁ ପଦରେ ରଖାଯାଇଥିଲା। ସେ ରାଜଗୁରୁ ହେଲେ ମଧ୍ୟ ଗୋବିନ୍ଦ ବିଦ୍ୟାଧର ତାଙ୍କର ପରାମର୍ଶକୁ ଆଦୌ ମାନୁନଥିଲେ। ତେବେ ଜୟଦେବ ଥିଲେ ଅତି ଶାନ୍ତ ପ୍ରକୃତିର ଲୋକ। ଯେତେବେଳେ ଶାସକ ତାଙ୍କର କୌଣସି ପରାମର୍ଶକୁ ଗ୍ରହଣ କରୁନାହାନ୍ତି ତେବେ ସେ କରିବେ ବା କ'ଣ? ଯାହା ହେଉ ନିଜ ଆତ୍ମବିଶ୍ୱାସକୁ ନେଇ ସେ ସେହି ପଦରେ ଖ୍ରୀ.ଅ. ୧୫୩୫-୧୫୪୯ ପର୍ଯ୍ୟନ୍ତ ରହିପାରିଥିଲେ। ତେଣେ ଗୋବିନ୍ଦ ବିଦ୍ୟାଧରଙ୍କ ଭଣଜା ରଘୁଭଞ୍ଜ ଛୋଟରାୟ ମାମୁଁଙ୍କର ଏପରି ସବୁ କାର୍ଯ୍ୟରେ କ୍ରୋଧିତ ହୋଇ ତାଙ୍କୁ ଗଜପତି ବୋଲି ଆଦୌ ସ୍ୱୀକାର କଲେ ନାହିଁ। ଆଉ ନିଜ ମାମୁଁ ଗୋବିନ୍ଦ ବିଦ୍ୟାଧର କିପରି ରକ୍ତର ହୋରି ଖେଳି ଶାସନ ଗାଦି ମାଡ଼ି ବସିଛନ୍ତି ତାହା ସେ ପ୍ରଜାଙ୍କ ନିକଟରେ ପ୍ରଚାର କରିଦେଲେ। ଏପରି ଅନ୍ୟାୟରେ ରାଜପୁତ୍ରମାନଙ୍କୁ ହତ୍ୟା କରି ଗାଦି ପାଇଥିବାରୁ ଗୋବିନ୍ଦ ବିଦ୍ୟାଧରଙ୍କ ବିରୁଦ୍ଧରେ ପ୍ରଜାମାନେ ମେଳି ଆରମ୍ଭ କରିଦେଲେ ଓ ତାଙ୍କର ଗଜପତି ପଦକୁ ଅସ୍ୱୀକାର କଲେ। ଏହାଫଳରେ ରାଜଶାସନ ବିରୁଦ୍ଧରେ କ୍ରମଶଃ ପ୍ରଜାମେଳି ବଢ଼ିବାରେ ଲାଗିଲା। ଶାସନର ଏପରି ଅବସ୍ଥା ଉପରେ ନଜର ରଖି ଗୋଲକୁଣ୍ଡାର ସୁଲତାନ ଉତ୍କଳର ଦକ୍ଷିଣାଞ୍ଚଳକୁ ନିଜର ଆଧିପତ୍ୟରେ ରଖିନେଲେ ଯାହାଫଳରେ ଗୋବିନ୍ଦ ବିଦ୍ୟାଧର ତାଙ୍କ ସହ ଯୁଦ୍ଧ କରିବାକୁ ଦକ୍ଷିଣ ଅଞ୍ଚଳକୁ ଯାଇଥିଲେ। ଯୁଦ୍ଧ ପ୍ରାୟ ୧୮ମାସ ଧରି ଚାଲିଲା। ତେଣେ ରଘୁଭଞ୍ଜ ବଙ୍ଗଳାର ଆଫଗାନ୍ ଶାସକମାନଙ୍କ ସହ ସାଲିସ କରି ଉତ୍ତରଦିଗରୁ ବିଦ୍ରୋହ ଆରମ୍ଭ କରାଇଦେଲେ। ଓଡ଼ିଶା ଇତିହାସରେ ଶତ୍ରୁମାନଙ୍କୁ ଡାକିଆଣି ଗୃହଯୁଦ୍ଧ ବା ଆକ୍ରମଣ କରିବାରେ ରଘୁଭଞ୍ଜ ଯାହା କରିଗଲେ ତାହା କେହି ଆଗରୁ କରିନଥିଲେ। ଦକ୍ଷିଣରୁ ଗୋବିନ୍ଦ ବିଦ୍ୟାଧର ଏପରି ଖବର ଶୁଣି ଭଣଜା ରଘୁଭଞ୍ଜଙ୍କୁ ଧରିବା ପାଇଁ ଉତ୍ତରଦିଗକୁ ସୈନ୍ୟ ଚାଳନା କରିଥିଲେ। ଗୋବିନ୍ଦ ବିଦ୍ୟାଧର ଆସୁଥିବା ଖବର ପାଇ ରଘୁଭଞ୍ଜ ପଳାଇଗଲେ। ଯାହାଫଳରେ ଗୋଲକୁଣ୍ଡାର ସୁଲତାନ ଖ୍ରୀ.ଅ. ୧୫୪୭ରେ ଉତ୍କଳର ସମସ୍ତ ଦକ୍ଷିଣାଞ୍ଚଳକୁ ନିଜ ଦଖଲକୁ ନେଇଗଲେ। ଅତ୍ୟଧିକ ପରିଶ୍ରମ କରିବାରୁ ଗୋବିନ୍ଦଙ୍କର ଗଙ୍ଗା କୂଳରେ ମୃତ୍ୟୁ ହୋଇଥିବାର କୁହାଯାଏ। ରଘୁଭଞ୍ଜଙ୍କ ସହ ସାଲିସର ସୁଯୋଗ ପାଇ ବଙ୍ଗଳାର ଆଫଗାନ୍ ଶାସକ ଚୁପ୍ ହୋଇ ବସିନଥିଲେ। ଦକ୍ଷିଣରେ ଗୋଲକୁଣ୍ଡା ସୁଲତାନଙ୍କ ଆକ୍ରମଣ ଓ ଉତ୍ତର ପାର୍ଶ୍ୱରେ ଆଫଗାନ୍‌ମାନଙ୍କର ଆକ୍ରମଣ ଭୟ ସହିତ ଆଭ୍ୟନ୍ତରର ପ୍ରଜାମେଳିକୁ ସମ୍ଭାଳିବା ଗୋବିନ୍ଦଙ୍କ ପକ୍ଷରେ ସମ୍ଭବ ହୋଇପାରିନଥିଲା। ସେତେବେଳେ ବାରବାଟୀ ଦୁର୍ଗର ଶାସକ ଥିଲେ ବୀରେନ୍ଦ୍ର ମୁକୁନ୍ଦ ଶ୍ରୀଚନ୍ଦନ। ଏପରି ଅବସ୍ଥାରେ ସେ ବାରବାଟୀଠାରୁ ମାଣିଖଣ୍ଡି ଦୁର୍ଗ ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳର ଦାୟିତ୍ୱ ନିଜ ହାତକୁ ନେଇଯିବାରୁ ପ୍ରଜାମେଳିର ଅବସ୍ଥା ଶାନ୍ତ ପଡ଼ିଲା। ଗୋବିନ୍ଦ ବିଦ୍ୟାଧରଙ୍କର ଅସ୍ଥାୟୀ ଶାସନ କାଳରେ କବି ଲକ୍ଷ୍ମଣ ଭଟ୍ଟ ଶ୍ରୀଗୀତଗୋବିନ୍ଦର ରସିକ ରଙ୍ଗଦ ଟୀକା ଓ ରାଜଗୁରୁ ଜୟଦେବ (୨ୟ) ପୀୟୂଷ ଲହରୀ ନାଟକ ରଚନା କରିଥିଲେ। ଗୋବିନ୍ଦ ବିଦ୍ୟାଧରଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ଚକ୍ରପ୍ରତାପ ଖ୍ରୀ.ଅ. ୧୫୪୯ରେ ଗଜପତି ଶାସନରେ ବସିଥିଲେ। ଖଳ ଲୋକମାନଙ୍କ ପରାମର୍ଶରେ ସେ ଶାସନ ଚଳାଇବାରୁ ପ୍ରଜାମାନେ ଅଥୟ ହୋଇପଡ଼ିଲେ। ଏପରିକି ପଣ୍ଡିତ ଓ ବ୍ରାହ୍ମଣମାନଙ୍କୁ ଘୋଡ଼ା ପାଇଁ ଘାସ କଟାଇ ଯୋଗାଇବା ନିମନ୍ତେ ସେ ଆଦେଶ ଦେଉଥିଲେ। ରଥିପୁର ରାଜନଅର ଏକପ୍ରକାର ଖଳ ଲୋକମାନଙ୍କର ଦରବାର ହୋଇଗଲା। ଏପରି ଅବସ୍ଥାରେ ପୁତ୍ର ନରସିଂହ ଜେନାଙ୍କଦ୍ୱାରା ତାଙ୍କର ଖ୍ରୀ.ଅ. ୧୫୫୭ରେ ମୃତ୍ୟୁ ହୋଇଥିଲା। ତାଙ୍କର ଶାସନ କାଳ ଥିଲା ୮ବର୍ଷ। ନରସିଂହ ଦେବ ପିତୃ ହତ୍ୟା କରି ଗଜପତି ଗାଦି ପାଇଥିବାରୁ ପୁଣି ରାଷ୍ଟ୍ରବିପ୍ଳବ ଦେଖାଗଲା। ନରସିଂହ ଜେନା ଅତି କାମୁକ ଥିଲେ। କରଦ ରାଜ୍ୟର ରାଜାମାନଙ୍କୁ ସୁନ୍ଦରୀ ସ୍ତ୍ରୀ ତାଙ୍କ ପାଖକୁ ଯୋଗାଇବା ନିମନ୍ତେ ଗୁପ୍ତ ଚିଟାଉମାନ ପଠାଇଥିଲେ। ଏହିପରି ଏକ ଚିଠି ବାରବାଟୀ ଦୁର୍ଗ ଶାସକ ମୁକୁନ୍ଦ ହରିଚନ୍ଦନଙ୍କ ହସ୍ତଗତ ହୋଇଥିଲା। ସେ ଏଥିରେ ଏତେ ଉତ୍‌କ୍ଷିପ୍ତ ହୋଇପଡ଼ିଲେ ଯେ ୨୦୦ ସୈନ୍ୟଙ୍କୁ ସ୍ତ୍ରୀ ବେଶରେ ସଜାଇ ୨୦୦ ସବାରୀରେ ୮୦୦ ଜଣ ବଛା ଯୋଦ୍ଧାମାନଙ୍କୁ ସବାରୀ ବାହକ ଭାବେ ରଥିପୁରଗଡ଼କୁ ପଠାଇ ନରସିଂହଙ୍କୁ ସେଠାରେ ହିଁ ହତ୍ୟା କରାଇଥିଲେ। ଏହାର ନେତୃତ୍ୱ ନେଇଥିଲେ ମୁକୁନ୍ଦ ହରିଚନ୍ଦନଙ୍କ ଚାରିଭାଇ। ନରସିଂହଙ୍କ ସାନ ଭାଇ ରଘୁରାମ ଛୋଟରାୟ ଗଜପତି ଆସନରେ ବସିଲେ। ମାତ୍ର ମୁକୁନ୍ଦ ହରିଚନ୍ଦନ ତାଙ୍କୁ ଧରି ଆଣି ବାରବାଟୀ ଗଡ଼ରେ ବନ୍ଦି କରିଦେଲେ। ଏପରି ଶୁଣି ରଘୁଭଞ୍ଜ ଛୋଟରାୟ ଯିଏ କି ଉତ୍ତରରେ ଥିଲେ ସେ ନିଜ ଫଉଜ ସହିତ ମୁକୁନ୍ଦ ହରିଚନ୍ଦନଙ୍କ ସହ କଟକରେ ଯୁଦ୍ଧ କଲେ ଓ ଏହି ଯୁଦ୍ଧରେ ବହୁ ଲୋକ ମୃତାହତ ହେଲେ। ରଘୁଭଞ୍ଜ ଛୋଟରାୟଙ୍କୁ ବନ୍ଦି କରି ହତ୍ୟା କରାଗଲା। ସେହିପରି ରଘୁରାମଙ୍କ ସାନଭାଇ ଛୋଟରାୟ ବିଦ୍ୟାଧରକୁ ମଧ୍ୟ ବନ୍ଦି କରାଯାଇଥିଲା। ରଘୁରାମ ଶାସନରେ ରହିଲେ ମାତ୍ର ବ।୧।୭।୧୪ ଦିନ। ପ୍ରଜାମାନେ ଆଶ୍ୱସ୍ତ ହେଲେ ଓ କ୍ରମଶଃ ମୁକୁନ୍ଦଙ୍କ ଶକ୍ତି ବଢ଼ିବାରେ ଲାଗିଲା। ଯେଉଁଠାରେ କିଛି ମେଳି ଆରମ୍ଭ ହେଉଥିଲା ତାହାକୁ ସେ ଦୃଢ଼ ହସ୍ତରେ ଦମନ କରିଦେଉଥିଲେ। ଗୋବିନ୍ଦ ବିଦ୍ୟାଧରଙ୍କ ମନ୍ତ୍ରୀ ଥିଲେ ଦନେଇ (ଜନାର୍ଦ୍ଦନ) ବିଦ୍ୟାଧର। ଏକଦା ଉତ୍କଳକୁ ସ୍ୱାଧୀନ କରିବାର ତାଙ୍କର ଥିଲା ପ୍ରୟାସ ଓ ସେ ନରସିଂହଙ୍କ ସାନଭାଇ ରଘୁରାମ ଜେନାଙ୍କୁ ଗଜପତି ଆସନରେ ବସାଇବାକୁ ଚାହୁଁଥିଲେ। ମାତ୍ର ସୈନ୍ୟବାହିନୀ ତଥା ପ୍ରଜାମାନେ ତାଙ୍କୁ ଶାସନ ଗାଦିରେ ବସାଇବା ପାଇଁ ଚାହୁଁନଥିବାରୁ ଦନେଇ ବିଦ୍ୟାଧର ରଘୁରାମ ଓ ବିଦ୍ରୋହୀ ରଘୁଭଞ୍ଜ ଛୋଟରାୟଙ୍କ ସହିତ ମିଶି ଦେଶରେ ଅରାଜକତା ସୃଷ୍ଟି କରାଇଥିଲେ। ରଘୁରାମଙ୍କ ବଡ଼ଭାଇ ନରସିଂହ ଜେନାଙ୍କୁ ଅନ୍ୟାୟରେ ମାରିଥିବାର ଅପବାଦ ମଧ୍ୟ ଦନେଇ ବିଦ୍ୟାଧର ମୁକୁନ୍ଦଙ୍କ ଉପରେ ଆରୋପ କରିଥିଲେ। ଏହିଭଳି ଭାବରେ ଉତ୍କଳରେ ଅରାଜକତା ଚାଲିଲା ପ୍ରାୟ ୧ବର୍ଷ ୬ମାସ। ଶାସନ ବୋଲି କିଛି ରହିଲା ନାହିଁ। ମାତ୍ର ମୁକୁନ୍ଦ ହରିଚନ୍ଦନ ହାରିବାର ଲୋକ ନଥିଲେ। ତାଙ୍କ ପଛରେ ସଂଖ୍ୟାଧିକ ସୈନ୍ୟମାନଙ୍କର ସମର୍ଥନ ଥିଲା। ତେଣୁ ଦନେଇ ବିଦ୍ୟାଧରଙ୍କ ସହ କୌଣସି ପ୍ରକାରର ସାଲିସ ସେ ନକରି ତାଙ୍କ ସହ ରଘୁଭଞ୍ଜ ଛୋଟରାୟଙ୍କୁ ବନ୍ଦି କରି ବାରବାଟୀ ଦୁର୍ଗକୁ ନେଇଆସିଲେ। ତାହାପରେ ମୁକୁନ୍ଦ ହରିଚନ୍ଦନ ଗଜପତି ମୁକୁନ୍ଦଦେବ ନାମରେ ଉତ୍କଳର ରାଜ ସିଂହାସନରେ ବସିଲେ। ଦନେଇ ବିଦ୍ୟାଧରଙ୍କର ବନ୍ଦି ଅବସ୍ଥାରେ ମୃତ୍ୟୁ ହେଲା। ଦନେଇ ବିଦ୍ୟାଧର ଭୋଇବଂଶର ଚାରିଜଣ ଗଜପତିଙ୍କର ମନ୍ତ୍ରୀ ଓ ସେନାପତି ଭାବରେ ଖ୍ରୀ.ଅ. ୧୫୩୪-୧୫୫୯ ପର୍ଯ୍ୟନ୍ତ ରହିଥିଲେ। ସେ ବାରବାଟୀ ଗଡ଼ ଦାୟିତ୍ୱରେ ଥିବା ମୁକୁନ୍ଦ ହରିଚନ୍ଦନଙ୍କ ସମର୍ଥକ ନଥିଲେ। ତାଙ୍କ ଶାସନ କାଳରେ ସତ୍ୟବାଦୀ ନିକଟରେ ଦନେଇ ବିଦ୍ୟାଧରପୁର ଶାସନ ସେ ବସାଇଥିଲେ ଯାହାକି ସେ ଯୁଗର ସ୍ମୃତିଚାରଣ ଏବେ ବି କରୁଛି। ତାଙ୍କ ମୃତ୍ୟୁ ଦେଖି ତାଙ୍କ ପୁଅ ରମେଇ ରାଉତରା ଭୟରେ ଗଞ୍ଜାମକୁ ପଳାଇଗଲେ। ଯାହାକି ସେତେବେଳେ ଗୋଲକୁଣ୍ଡାର ସୁଲତାନଙ୍କ ଅଧୀନରେ ରହିଥିଲା। ଗଜପତି ମୁକୁନ୍ଦ ଦେବଙ୍କ ପରେ ଏହି ରମେଇ ରାଉତରା ହିଁ ଭୋଇ ବଂଶର ପ୍ରଥମ ରାଜା ଗଜପତି ରାମଚନ୍ଦ୍ର ଦେବ ନାମରେ ଖୁରୁଧା ରାଜ ସିଂହାସନରେ ବସିପାରିଥିଲେ। ଗଜପତି ପ୍ରତାପରୁଦ୍ରଦେବଙ୍କଠାରୁ ମୁକୁନ୍ଦଙ୍କ ଗାଦିରେ ବସିବା ପର୍ଯ୍ୟନ୍ତ ପ୍ରାୟ ୩୦ବର୍ଷ ଓଡ଼ିଶା ଶାସନରେ ବହୁ ଦୁଃଖଦ ଘଟଣାମାନ ଘଟିଯାଇଥିଲା। ଶାସନ ଅସ୍ଥିର ହେବାରୁ ପ୍ରଜାମେଳି, ଗୃହଯୁଦ୍ଧ ପ୍ରଭୃତି ଲାଗିରହିଲା। ପୁଣି ଉତ୍କଳକୁ ଦକ୍ଷିଣ ଗୋଲକୋଣ୍ଡାର ସୁଲତାନଙ୍କ ଆକ୍ରମଣ ଓ ଉତ୍ତରରୁ ଆଫଗାନମାନଙ୍କ ଭୟରେ ଅସ୍ଥିରତା ସୃଷ୍ଟି କରିଥିଲା। ରାଜଗୁରୁମାନଙ୍କ ନିଯୁକ୍ତିରେ ବିଭ୍ରାଟ ଦେଖାଗଲା। ଫଳରେ ଯେଉଁମାନଙ୍କ ପରାମର୍ଶ ଓ ନିୟମକୁ ମାନି ସେତେବେଳର ସମାଜ ଚଳୁଥିଲା ତାହା ଆଉ ହେଲା ନାହିଁ। ଶ୍ରୀଚୈତନ୍ୟଙ୍କ ପ୍ରଚାରିତ ଧର୍ମଧାରା ଓଡ଼ିଶାର କ୍ଷତ୍ରିୟ ଶକ୍ତିକୁ ପଙ୍ଗୁ କରିଦେଇଥିଲା ବୋଲି ଯେଉଁ କେତେକ ଯୁକ୍ତି ରହିଛି ତାହାର କୌଣସି ସତ୍ୟତା ନଥିଲା। ସେପରି ଧର୍ମଧାରା ଯଦି ବଦଳି ଥିଲା ତାହା କେବଳ ନିଷ୍ପ୍ରଭ ବା ଅପାରଗମାନଙ୍କ ଶାସନ ଯୋଗୁ ହିଁ ହୋଇପାରିଥିଲା। ଏକ ଅରାଜକ ରାଜ୍ୟରେ କ'ଣ ବା ଅଧିକ ଆଶା କରାଯାଇପାରିଥାନ୍ତା? ଶାସନ ଯଦି ଠିକ୍ ଥାଆନ୍ତା ଓ ରାଜଗୁରୁମାନେ ଯଦି ନିଜ ଧର୍ମଧାରାରେ ସକ୍ରିୟ ଥାଆନ୍ତେ ତେବେ ଏପରି ଅବସ୍ଥା ଆଦୌ ସୃଷ୍ଟି ହୋଇନଥାନ୍ତା। ମୁଖ୍ୟତଃ ଏଥିପାଇଁ ଅସ୍ଥିର ଶାସନ ହିଁ ଦାୟୀ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

# ମହାନାୟକ - ସୁଭାଷ ଚନ୍ଦ୍ର



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ଼,କୁଜଙ୍ଗ
ଜଗତସିଂହପୁର
ମୋ-୯୯୩୭୬୯୧୪୭୫.

ଯେଉଁ ଦେଶର କ୍ଷିତି, ଆପ୍, ତେଜ, ମରୁତ ଓ ବ୍ୟୋମରେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅସୀମ ସାହସୀ ପ୍ରବାଦ ପୁରୁଷ ସୁଭାଷ ଚନ୍ଦ୍ର ବୋଷଙ୍କ ଶରୀର ଗଠିତ ହୋଇଅଛି। ଯେଉଁ ଦେଶ ତାଙ୍କର ଜିହ୍ୱାରେ ଅଙ୍କନ କରିଛି ଜନ୍ମମାଟିର ଭାଷା, ଯେଉଁ ଦେଶର ଇତିହାସରୁ ସେ ପ୍ରେରଣା ଲାଭ କରିଛନ୍ତି, ସେହି ମାତୃଭୂମୀ, ସ୍ୱଦେଶକୁ ଦୁର୍ଗତି ଓ ଦୁର୍ଦ୍ଦଶାରୁ ରକ୍ଷା କରିବା ତାଙ୍କ ପାଇଁ ଦୃଢ଼ ସଂକଳ୍ପ, ତାଙ୍କର ଦେଶ ପ୍ରେମ, ସାହସ ଓ ତ୍ୟାଗ ଭାରତ ଇତିହାସରେ ବିରଳ। ତାଙ୍କର ଚଳଣି, ଜୀବନ ଧାରା, ବିଂଶ ଶତାବ୍ଦୀରେ ଭାରତର ଜଣେ ଏକକ ଅସାମାନ୍ୟ ନାୟକ ରୂପେ ପରିଗଣିତ କରିଥିଲା। ୧୮୯୭ ମସିହାରେ ଯେତେବେଳେ ବ୍ରିଟିଶ୍ ସାମ୍ରାଜ୍ୟର ମହାରାଣୀ ଭିକ୍ଟୋରିଆଙ୍କ ଶାସନର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରୁଥିଲା, ସେତିକିବେଳେ ଜାନୁୟାରୀ ମାସ ୨୩ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ଓଡିଶାର କଟକ ସହରରେ ଓଡିଆ ବଜାରରେ ପ୍ରବାଦ ପୁରୁଷ ସୁଭାଷ ଚନ୍ଦ୍ର ବୋଷ। ତାଙ୍କର ପିତା ଜାନକୀ ନାଥ ବୋଷ ବଙ୍ଗର ୨୪ ପ୍ରଗଣା ଅଞ୍ଚଳର ଏକ କ୍ଷୁଦ୍ର ଗ୍ରାମରୁ ଆସି ଓକିଲାତି କରି କଟକରେ ସ୍ଥାୟୀ ଭାବେ ବାସ କରୁଥିଲେ। ମାତା ପ୍ରଭାବତୀ ଉତ୍ତର କଲିକତା ଅଞ୍ଚଳର ହାଟଖୋଲାର ଏକ ଐତିହ୍ୟ ସମ୍ପନ୍ନ ପରିବାରରୁ ଆସିଥିଲେ। ତାଙ୍କର ଆଠ ପୁତ୍ର ଓ ଛଅ କନ୍ୟାଙ୍କ ମଧ୍ୟରୁ ସୁଭାଷ ନବମ ସନ୍ତାନ ଥିଲେ।

ପାଂଚ ବର୍ଷ ବୟସରେ ୧୯୦୨ ମସିହାରେ କଟକ ପ୍ରୋଟେଷ୍ଟାଣ୍ଟ ସ୍କୁଲରେ ପାଠ ପଢିଥିଲେ। ଜଣେ ମେଧାବୀ ଛାତ୍ର ହିସାବରେ ଭାରତୀୟ ବଂଶୋଦ୍ଭବ ଯୋଗୁ ବୃତି ପାଉ ନଥିଲେ। ୧୯୦୯ ମସିହାରେ ରେଭେନ୍‌ସା କଲିଜିଏଟ୍ ସ୍କୁଲରେ ଅଧ୍ୟୟନ କଲେ। ସେ ଶିଖିଥିବା ଗୋଟିଏ ସଂସ୍କୃତ ଶ୍ଳୋକରୁ ପିତାମାତାଙ୍କୁ ଭକ୍ତି କରୁଥିଲେ। ସ୍ୱାମୀ ବିବେକାନନ୍ଦ ଓ ରାମକୃଷ୍ଣ ପରମହଂସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମାନବ ସେବା ହିଁ ମାଧବ ସେବା ବୋଲି ଧରି ନେଇଥିଲେ। ପରେ ପରେ ସେ ବ୍ରହ୍ମଚର୍ଯ୍ୟ, ଧ୍ୟାନଯୋଗ, ହଟ୍ଟଯୋଗ ଓ ରାଜଯୋଗ ସାଧନ କରିଥିଲେ। ୧୯୧୩ ମସିହାରେ ସୁଭାଷ ବୋଷ ସମଗ୍ର ଆସାମ, ବଙ୍ଗ, ବିହାର ଓ ଓଡିଶାରେ ଏଣ୍ଟ୍ରାନ୍ସ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ଲାଭ କରି କଲିକତାର ପ୍ରେସିଡେନ୍‌ସି କଲେଜରେ ଅଧ୍ୟୟନ ଆରମ୍ଭ କଲେ। ସେ କଲେଜ ୟୁନିୟନରେ ନେତା ହିସାବରେ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାରୁ ତାଙ୍କୁ ବିଶ୍ୱବିଦ୍ୟାଳୟରୁ ଦଣ୍ଡାଦେଶ ଦ୍ୱାରା ବାହାର କରିଦିଆଗଲା । ଫଳରେ ଦୁଇବର୍ଷ ସମୟ ନଷ୍ଟ ହୋଇଗଲା। ପୁନର୍ବାର ସୁଭାଷ ସ୍କଟିସ୍ ଚର୍ଚ୍ଚ କଲେଜରେ ନାମ ଲେଖାଇ ୧୯୧୯ ମସିହାରେ ସ୍ନାତକ ଦର୍ଶନ ଶାସ୍ତ୍ରରେ ଅନର୍ସ ସହ ପ୍ରଥମ ଶ୍ରେଣୀରେ ଦ୍ୱିତୀୟ ସ୍ଥାନ ଲାଭ କରି ଉତ୍ତୀର୍ଣ୍ଣ ହେଲେ। ଆଇ.ସି.ଏସ. ପଢ଼ିବା ପାଇଁ ସୁଭାଷ ବିଲାତ ଗଲେ ଓ ସେଠାରେ ପରୀକ୍ଷା ଦେଇ ଚତୁର୍ଥ ସ୍ଥାନ ଲାଭ କଲେ। ଦେଶ ସେବାପାଇଁ ସେ ଇଣ୍ଡିୟାନ୍ ସିଭିଲ୍ ସର୍ଭିସର ପରମ ସୌଭାଗ୍ୟକୁ ପ୍ରତ୍ୟାଖ୍ୟାନ କଲେ। ୧୯୨୧ ମସିହା ଅପ୍ରେଲ ମାସ ୧୬ ତାରିଖରେ ବିଲାତରୁ ଆସି ବମ୍ବେରେ ପହଁଚି ଗାନ୍ଧିଜୀଙ୍କୁ ସାକ୍ଷାତ୍ କଲେ। ଗାନ୍ଧିଜୀଙ୍କ ପରାମର୍ଶରେ ସୁଭାଷ କଲିକତା ଯାଇ ସେଠାରେ ଚିତରଞ୍ଜନ ଦାସଙ୍କୁ ସାକ୍ଷାତ୍ କରି, ସେଠାରେ ଦେଶ କାମରେ ଲାଗି ପଡିଲେ। ୧୯୨୪ ରେ ସେ କଂଗ୍ରେସ ଦଳର ପ୍ରାର୍ଥୀଭାବେ କଲିକତା କର୍ପୋରେସନ୍‌ର ଏକ୍‌ଜିକ୍ୟୁଟିଭ୍ ଅଫିସର ଭାବେ ମାସିକ ତିନି ହଜାର ଟଙ୍କାରେ କାର୍ଯ୍ୟ କଲେ। ଏହି ଟଙ୍କା ସେ ରୋଗୀ ଓ ଅସହାୟ ଶିଶୁମାନଙ୍କ ପାଇଁ ଖର୍ଚ୍ଚ କରୁଥିଲେ। ସେ ସମୟରେ ମେୟର ହୋଇଥିଲେ ଚିତରଞ୍ଜନ ଦାସ। ସ୍ୱରାଜ ପାର୍ଟିର ସଫଳତା ଉପରେ ବ୍ରିଟିଶ୍ ସରକାର କ୍ରୋଧାନ୍ୱିତ ହୋଇ ସୁଭାଷଙ୍କୁ ୧୯୨୪ ମସିହା ଅକ୍ଟୋବର ୨୫ ତାରିଖ ଭୋରରୁ କଲିକତା ଡେପୁଟି କମିଶନରଙ୍କ ନିର୍ଦ୍ଦେଶରେ ୧୯୧୮ ରେଗୁଲେସନ ତୃତୀୟ ବ୍ୟବସ୍ଥା ବଳରେ ଆରେଷ୍ଟ କରାଗଲା। ସୁଭାଷଙ୍କୁ କଲିକତାରୁ ବରହମ୍ପୁର ଜେଲ୍‌କୁ ସ୍ଥାନାନ୍ତର କରାଗଲା। ପରେ ମର୍ତ୍ତ୍ୟର ନର୍କ ଲାଲ ବଜାର ପୋଲିସ୍ ହାଜତରେ ଓ ତା'ପରେ ମାନ୍ଦ୍ରାଜ୍ ଜେଲ୍‌କୁ ପଠାଇ ଦିଆଗଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅତ୍ୟନ୍ତ ଖରାପ ହେବାରୁ ତାଙ୍କୁ ୧୯୨୭ ମେ ମାସରେ ମୁକ୍ତ କରି ଦିଆଗଲା। କଲିକତା ମେୟର ଭାବେ ସୁଭାଷ ନିର୍ବାଚିତ ହେଲେ। ରାଜନୈତିକ ଅଭିଜ୍ଞତାରୁ " ଦି ଇଣ୍ଡିଆନ୍ ଷ୍ଟ୍ରଗଲ୍" ନାମକ ଏକ ବିଖ୍ୟାତ ପୁସ୍ତକ ରଚନା କରିଥିଲେ। ୧୯୩୮ ମସିହାରେ ୫୧ତମ ଜାତୀୟ କଂଗ୍ରେସ ଅଧିବେଶନରେ ସେ ସଭାପତି ରୂପେ ମନୋନୀତ ହୋଇଥିଲେ। ସୁଭାଷ ଚନ୍ଦ୍ର ବୋଷଙ୍କୁ ୫୧ ହଳ ବଳଦ ଟାଣୁଥିବା ଏକ ରଥରେ ବସାଇ ବ୍ୟାଣ୍ଡ ବାଜା ବଜାଇ ହରିପୁରାର ସଭା ସ୍ଥଳକୁ ନିଆଯାଇଥିଲା। ସୁଭାଷ ଘୋଷଣା କଲେ ଯେ " ପୃଥିବୀ ପୃଷ୍ଠରେ ଏମିତି ଶକ୍ତି ନାହିଁ ଯେ କି ଭାରତକୁ ଆଉ ଦାସତ୍ୱର ଶୃଙ୍ଖଳରେ ବାନ୍ଧି ରଖିବ।" ଶାନ୍ତି ନିକେତନରେ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ୧୯୩୭ ମସିହାରେ ସୁଭାଷଙ୍କୁ ସମ୍ବର୍ଦ୍ଧିତ କରି କହିଥିଲେ " ମୁଁ ବଙ୍ଗଳାର କବି ହୋଇ ତୁମକୁ ଦେଶ ନାୟକ ପଦରେ ବରଣ କରୁଛି।

ଦ୍ୱିତୀୟ ଥର କଂଗ୍ରେସ ସଭାପତି ପଦ ପାଇଁ ସୁଭାଷ ବୋଷ ପ୍ରତି ଦ୍ୱନ୍ଦିତା କରିବା ପାଇଁ ଘୋଷଣା କଲେ। ମହାତ୍ମା ଗାନ୍ଧୀ ଶୁଭେଚ୍ଛା ସହ ପଟ୍ଟାଭି ସୀତାରାମାୟାଙ୍କୁ ସୁବାଷ ଚନ୍ଦ୍ରଙ୍କ ବିରୁଦ୍ଧରେ ଦକ୍ଷିଣ ପନ୍ଥୀଙ୍କ ମନୋନୀତ ପ୍ରାର୍ଥୀଭାବେ ପ୍ରତିଦ୍ୱନ୍ଦିତାରେ ଅବତୀର୍ଣ୍ଣ କରାଇଲେ। ବାଦ ବିବାଦ ମଧ୍ୟରେ ସୁଭାଷ ଚନ୍ଦ୍ର ଦୁଇଶହରୁ ଅଧିକ ଭୋଟରେ ବିଜୟ ଲାଭ କଲେ। ଗାନ୍ଧିବାଦୀ ମାନଙ୍କ ଚାପରେ ସୁଭାଷ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେବାକୁ ବାଧ ହେଲେ। ସମସ୍ତ ଚରମ ତଥା ପ୍ରଗତିବାଦୀ ତତ୍ତ୍ୱକୁ ଏକାଠି କରି ସୁଭାଷ ୧୯୩୯ ରେ ଏକ ନୂଆ ଦଳ ଗଠନ କଲେ। ଏହାର ନାଁ "ଫରୱାର୍ଡ଼ ବ୍ଲକ"। ୧୯୩୯ ଜୁନ୍ ୨୨ ତାରିଖରେ ଫରୱାର୍ଡ଼ ବ୍ଲକ୍‌ର ପ୍ରଥମ ଅଖିଳ ଭାରତ ଅଧିବେଶନ ବମ୍ବେଠାରେ ଅନୁଷ୍ଠିତ ହେଲା। ବଙ୍ଗର ଶେଷ ସ୍ୱାଧୀନ ରାଜା ସିରାଜଦୌଲାଙ୍କ ସ୍ମୃତି ଉପରେ କଳଙ୍କର ଦାଗ ପରି ହୋଲ୍‌ୱେଲ୍ ସ୍ମୃତି ସ୍ତମ୍ଭକୁ ହଟାଇବା ପାଇଁ ସୁଭାଷ ହିନ୍ଦୁ ଓ ମୁସଲମାନ୍ ଯୁବକମାନଙ୍କୁ ନେଇ ସତ୍ୟାଗ୍ରହ କରିବାକୁ ଗଲାବେଳେ, ତାଙ୍କୁ ଭାରତୀୟ ପ୍ରତିରକ୍ଷା ଆଇନ୍ ବଳରେ ଗିରଫ କରାଯାଇ କଲିକତାରେ ପ୍ରେସିଡେନ୍‌ସି ଜେଲ୍‌ରେ ରଖାଗଲା। ଜେଲ ଖାନାରେ ଥିବା ବେଳେ ସେ ପୂର୍ବବଙ୍ଗରେ ଢାକା ନିର୍ବାଚନ ମଣ୍ଡଳୀରୁ କେନ୍ଦ୍ରୀୟ ବିଧାନ ସଭାକୁ ଅପ୍ରତିଦ୍ୱନ୍ଦୀ ଭାବେ ନିର୍ବାଚିତ ହୋଇଥିଲେ। ଜେଲ ମଧ୍ୟରେ ସୁଭାଷ ବୋଷ୍ ବହୁ ଐତିହାସିକ ପତ୍ର ସରକାରଙ୍କୁ ଲେଖିଥିଲେ। ଯଦିଓ ହଠାତ୍ ଆଖି ଦୃଶିଆ ଲାଭର ସମ୍ଭାବନା ନାହିଁ, ତଥାପି କଷ୍ଟ ସହିଷ୍ଣୁତା ଓ ତ୍ୟାଗର ଫଳ କେବେ ବ୍ୟର୍ଥ ହୁଏ ନାହିଁ। ମରଣଶୀଳ ପୃଥିବୀରେ ସବୁକିଛି କ୍ଷୟିଷ୍ଣୁ। ଚିନ୍ତା ଆଦର୍ଶ ଓ ସ୍ୱପ୍ନ କେବେ କ୍ଷୟ ହୁଏ ନାହିଁ। ଗୋଟିଏ ଆଦର୍ଶ ସାଫଲ୍ୟ ପାଇଁ ଜଣେ ବ୍ୟକ୍ତିର ପରଲୋକ ହୋଇପାରେ, କିନ୍ତୁ ତାର ମୃତ୍ୟୁ ପରେ ସେଇ ଆଦର୍ଶ ସହସ୍ର ଜୀବନ ମାଧ୍ୟମରେ ପୁନର୍ବାର ପ୍ରକଟିତ ଓ ବିକଶିତ ହୋଇଥାଏ। ଗୋଟିଏ ଆଦର୍ଶନିତୀ ପାଇଁ କରୁ ବା ମରୁ ତାଠାରୁ ଜୀବନର ବଡ ସାର୍ଥକତା କ'ଣ ଥାଇ ପାରେ ? ଜେଲରେ ସୁଭାଷ ଏକ ସପ୍ତାହ ଅନଶନ କରିବାରୁ ଇଂରେଜ ସରକାର ବିଚଳିତ ହୋଇ ତାଙ୍କୁ ଖଲାସ କରିଦେଲେ। କିନ୍ତୁ ତାଙ୍କୁ ଗୃହବନ୍ଦୀ କରି ରଖିଲେ। ସୁଭାଷ ଚନ୍ଦ୍ର ବୋଷ ଖଲାସ ହେବା ସଂଗେ ସଂଗେ ଭାରତ ବାହାରକୁ ଖସି ଚାଲିଯିବାର ଉପାୟ ଚିନ୍ତା କଲେ। ତାଙ୍କ ପୁତୁରା ଶିଶିର ଓ ଫରୱାର୍ଡ଼ ବ୍ଲକ୍‌ର ନେତା ଅନ୍ତରଙ୍ଗ ମିଆଁ ଆକବର ଶାହା ସହିତ ମିଶି ଯୋଜନା ପ୍ରସ୍ତୁତ୍ କଲେ। ଝିଆରୀ ଇଲାକୁ ଗୁପ୍ତ ଭାବରେ ଯିବା ସମ୍ପର୍କରେ ଜଣାଇ ଦିଆଗଲା।

୧୯୪୧ ମସିହା ଜାନୁୟାରୀ ୧୬ ତାରିଖରେ ହିନ୍ଦୁବେଶୀ ସୁଭାଷ ଘନ ପିଙ୍ଗଳ ରଙ୍ଗର ସେର୍‌ୱାନୀ, ଢିଲା ପାଇଜାମା, ଲେସ୍ ବନ୍ଧା ୟୁରୋପିଆନ୍ ଯୋତା ଓ କଳା ଅସ୍ତର ଖାନ୍ ପରି ଲୋମଶ ଟୋପି ପିନ୍ଧି ଓଜନଦାର ଜର୍ମାନ ତିଆରି ୱାଣ୍ଡରର କାର୍‌ରେ ଶିଶିର ସହିତ ବାହାରି ପଡିଲେ। ୧୯୪୧ ଜାନୁୟାରୀ ୧୭ ତାରିଖରେ ଧାନବାଦ ନିକଟବର୍ତ୍ତୀ ବାରାରୀରେ ପହଁଚିଲେ। ସେଠାରେ ପୁତୁରା ଅଶୋକଙ୍କ ଘରେ ଏକ ବୀମା କମ୍ପାନୀର ଏଜେଂଟ ଭାବରେ ରହିଲେ। କିଛି ସମୟ ପରେ ଶିଶିର, ଅଶୋକ ଓ ତାଙ୍କ ସ୍ତ୍ରୀ ମିଶି ସୁଭାଷ କାକାଙ୍କୁ ନେଇ ଗୋମୋ ଅଭିମୁଖେ ଚାଲିଲେ। ପେଶ୍ୱାରରେ ପହଁଚି ଗଲେ। ରହିଥିବା ହୋଟେଲ୍‌ରୁ ସୁଭାଷ ଆସି ବିଶ୍ୱସ୍ତ ବନ୍ଧୁ ଅବଦ ଖାଁଙ୍କ ଘରେ ଛ ଦିନ ରହି ପଠାଣଙ୍କ ଚଳଣି ଓ ପ୍ରଥା ଜାଣିନେଲେ। ମହମ୍ମଦ ଶାହା ଓ ଜଗତରାମ ତଲୱାରଙ୍କ ମାଧ୍ୟମରେ ଛଦ୍ମବେଶ ବଦଳାଇ ପଠାଣ ବେଶରେ କାବୁଲ ଯିବାକୁ ସ୍ଥିର କଲେ। ଆଫଗାନ ଅଂଚଳର ଗୋଟିଏ ଗାଁରେ ପହଁଚି ସୁଭାଷ ବୁଦ୍‌ଖାନ୍ ତନଖି ଫାଟକ ଦେଇ କାବୁଲରେ ପହଁଚିଲେ। କାବୁଲରେ ଥିବା ଇଟାଲୀ ଦୂତାବାସର ଜଣେ କର୍ମଚାରୀ ଓର୍ଲାଣ୍ଡୋ ମାଜୋଟାଙ୍କ ନାମରେ ପାସ୍‌ପୋର୍ଟ ବନାଇ ଉଡାଜାହାଜ ଯୋଗେ ମସ୍କୋରେ ପହଁଚିଲେ। ତାପରେ ଜର୍ମାନୀର ବର୍ଲିନ୍‌ରେ ପହଁଚି ଆଡାମ୍ ବନ୍ ଟ୍ରଟ୍ ଓ ଆଲେକ୍‌ଜାଣ୍ଡାର ୱାର୍ଥଙ୍କ ମାଧ୍ୟମରେ ଜର୍ମାନ ବୈଦେଶିକ ମନ୍ତ୍ରାଳୟରେ ୱାର୍କ ଗ୍ରୁପ୍ ଇଣ୍ଡିଆ' ବିଭାଗ ଖୋଲିଲେ। ୧୯୪୧ ମସିହା ଶେଷ ଆଡକୁ ସେ ବର୍ଲିନ୍‌ରେ " ମୁକ୍ତ ଭାରତ ସେଣ୍ଟର" କରିବାକୁ ସକ୍ଷମ ହେଲେ। ସେଣ୍ଟର କାର୍ଯ୍ୟ ହେଲା " ଆଜାଦ୍ ହିନ୍ଦ୍ ରେଡିଓ", ନେସନାଲ କଂଗ୍ରେସ ରେଡିଓ" ଏବଂ "ଆଜାଦ୍ ମୁସଲ୍‌ଲିମ୍ ରେଡିଓ ମାଧ୍ୟମରେ ଦେଶର କାର୍ଯ୍ୟକ୍ରମକୁ ପରିଚାଳନା କରିବା। "ଆଜାଦ୍ ହିନ୍ଦ୍ " ପତ୍ରିକା ମାଧ୍ୟମରେ ଭାରତର ରାଜନୀତି, ଅର୍ଥନୀତି, ଦର୍ଶନ ଓ ସଂସ୍କୃତି କଳା ସାରା ବିଶ୍ୱରେ ପ୍ରଚାର କରିବା, ଯୁଦ୍ଧବନ୍ଦୀମାନଙ୍କୁ ନେଇ ଗଠିତ ଭାରତୀୟ ସେନା ଏବଂ ଭାରତୀୟ ଜାତୀୟ ସୈନ୍ୟବାହିନୀ ସହ ସମ୍ପର୍କ ସ୍ଥାପନ କରିବା। ୧୯୪୨ ମେ' ମାସରେ ସୁଭାଷ ଆଡ଼ଲଫ ହିଟ୍‌ଲରଙ୍କୁ ଶେଷଥର ସାକ୍ଷାତ୍ କଲେ। ମୁକ୍ତ ଭାରତ ସେଂଟର ସ୍ୱାଧୀନତା ପାଇବା ପରେ ଭାରତର ସାମାଜିକ ଓ ଅର୍ଥନୈତିକ ଉନ୍ନତି ପାଇଁ ଏକ ଯୋଜନା କମିଶନ୍ ପ୍ରତିଷ୍ଠା କଲେ। ସେହି ସେଣ୍ଟର କଂଗ୍ରେସର ତ୍ରିରଙ୍ଗା ପତାକା ଏଥି ମଧ୍ୟରେ ଏକ ଲମ୍ଫ ପ୍ରଦାନ ବାଘର ଚିତ୍ରକୁ ନେଇ ନିଜ ପ୍ରତିଷ୍ଠାର ପ୍ରତୀକ ପ୍ରସ୍ତୁତ୍ କଲେ। ଜନ-ଗଣ-ମନକୁ ଜାତୀୟ ସଂଗୀତ ଓ ଭାରତୀୟ ମାନଙ୍କ ମଧ୍ୟରେ ଜୟ-ହିନ୍ଦ୍ କହି ଅଭିବାଦନ କରିବାର ସାଧାରଣ ସମ୍ଭାଷଣ ଆରମ୍ଭ କରାଗଲା। ବର୍ଲିନ୍ ଠାରେ ୧୯୪୩ ମସିହା ଜାନୁୟାରୀ ୨୬ ତାରିଖରେ ଭାରତର ସ୍ୱାଧୀନତା ଦିବସ ମହାସମାରୋହରେ ପାଳନ କରି ନେତାଜୀ ମୁଖ୍ୟ ଅଭିଭାଷଣ ପ୍ରଦାନ କଲେ।

ନେତାଜୀ ଇଣ୍ଡିଆନ୍ ନେସ୍‌ନାଲ ଆର୍ମି ବା ଆଜାଦ୍ ହିନ୍ଦ୍ ଫୌଜକୁ ସମ୍ପୂର୍ଣ୍ଣ ଭାବେ ପୁନର୍ଗଠନ କରି ୧୯୪୩ ମସିହା ଜୁଲାଇ ୫ ତାରିଖରେ ସିଙ୍ଗାପୁର ଟାଉନ୍ ହଲ୍ ସମ୍ମୁଖସ୍ଥ ବିରାଟ ପଡିଆରେ ଆଜାଦ୍ ହିନ୍ଦ୍ ଫୌଜର ପ୍ରଧାନ ସେନାଧକ୍ଷ ଭାବରେ ସମ୍ବୋଧନ କରି ଦିଲ୍ଲୀ ଚଲୋ ! ଦିଲ୍ଲୀ ଚଲୋ ! ଡାକରା ଦେଇଥିଲେ।୧୯୪୩ ମସିହା ଅକ୍ଟୋବର ୨୧ ତାରିଖରେ ଆଜାଦ୍ ହିନ୍ଦ୍ ଫୌଜର ଝାନ୍‌ସି ରାଣୀ ରେଜିମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ନେତାଜୀ ରାଷ୍ଟ୍ର ମୁଖ୍ୟ ଭାବେ ୧୯୪୩ ନଭେମ୍ବରରେ ଟୋକିଓ ଠାରେ ଅନୁଷ୍ଠିତ ବୃହତର ପୂର୍ବ ଏସିଆ ରାଷ୍ଟ୍ରମାନଙ୍କ ମିଳିତ ଅଧିବେଶନରେ ଯୋଗଦେଲେ। ପ୍ରଧାନ ମନ୍ତ୍ରୀ ତୋଜୋ ଘୋଷଣା କଲେ ଯେ ଜାପାନ ସୈନ୍ୟ ବାହିନୀ ଅଧୀନରେ ଥିବା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜକୁ ଆଜାଦ୍ ହିନ୍ଦ୍ ଅସ୍ଥାୟୀ ସରକାରଙ୍କୁ ଶାସନ ହସ୍ତାନ୍ତର କରାଯିବ। ଆଣ୍ଡାମାନ୍ ଦ୍ୱୀପର ଜିମ୍‌ଖାନା ପଡିଆରେ ନେତାଜୀ ରାଷ୍ଟ୍ରମୁଖ୍ୟ ଭାବରେ ଜାତୀୟ ତ୍ରିରଙ୍ଗା ପତାକା ଉତ୍ତୋଳନ କଲେ। କୁଖ୍ୟାତ୍ ସେଲୁଲାର ଜେଲ ପରିଦର୍ଶନ ପରେ ରସ୍ ଦ୍ୱୀପରେ ବ୍ରିଟିଶ୍ ମୁଖ୍ୟ କମିଶନରଙ୍କ ନିବାସକୁ ଦଖଲ କରି ଜାତୀୟ ତ୍ରିରଙ୍ଗା ପତାକା ଗର୍ବର ସହ ଉଡାଇଲେ। ନେତାଜୀ ଆଣ୍ଡାମାନ ଦ୍ୱୀପପୁଞ୍ଜକୁ ଶହୀଦ ଓ ନିକୋବର ଦ୍ୱୀପ ପୁଞ୍ଜକୁ ସ୍ୱରାଜ ଦ୍ୱୀପ ପୁଞ୍ଜ ଭାବରେ ପୁନର୍ନାମିତ କରିଥିଲେ।

ନେତାଜୀ ଭାରତ ସୀମା ଆଡକୁ ଆଗେଇବାର ପ୍ରଥମ ପ୍ରସ୍ତୁତି ସ୍ୱରୂପ ତାଙ୍କର ମୁଖ୍ୟ କାର୍ଯ୍ୟାଳୟକୁ ସିଙ୍ଗାପୁରରୁ ରେଙ୍ଗୁନ୍ ନେଇ ଆସିଲେ। ଚଟ୍ଟଗ୍ରାମକୁ ଯାଇଥିବା ରାସ୍ତାରେ ଅରକିନ୍ ଠାରେ ଯେଉଁ ଯୁଦ୍ଧ ହେଲା ସେଥିରେ ଆଜାଦ୍ ହିନ୍ଦ୍ ଫୌଜ ଅଧିକ ଶକ୍ତିଶାଳୀରେ ପରିଣତ ହେଇଥିଲା। ଭାରତ-ଜାପାନ ମିଳିତ ବାହିନୀ ୧୯୪୪ ମସିହା ଏପ୍ରିଲ୍ ପ୍ରଥମ ସପ୍ତାହରେ କୋହିମା ଅଧିକାର ପରେ ପରେ ମଣିପୁର ରାଜଧାନୀ ଇମ୍ଫାଲକୁ ଘେରାଉ କରି ଭାରତ ମାଟିରେ ସ୍ୱାଧୀନତାର ପତାକା ଉଡାଇଥିଲେ। ୧୯୪୫ ଅଗଷ୍ଟରେ ହିରୋସିମା ଓ ନାଗାସାକି ସହର ଉପରେ ଆମେରିକା ଆଟମ୍ ବମ୍ ନିକ୍ଷେପ କରିବାରୁ ଜାପାନ ଆତ୍ମ ସମର୍ପଣ କଲା। ବର୍ମାରେ ପ୍ରକୃତିର ତାଣ୍ଡବ ଲୀଳା ଆଜାଦ୍ ହିନ୍ଦ୍ ଫୌଜକୁ ପତାନାଭିମୁଖୀ କରିଦେଇଥିଲା। ସେହିଦିନ ନେତାଜୀ ଆଜାଦ୍ ହିନ୍ଦ୍ ଫୌଜକୁ ସଂଗ୍ରାମ ଚଳାଇବାକୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦେଇଥିଲେ। ସୋଭିଏତ୍ ଅଫିସ୍‌କୁ ଯିବାକୁ ଯୋଜନା କରିଥିଲା ପରେ କେତେଜଣଙ୍କୁ ସାଂଗରେ ଧରି ଟୋକିଓ ଯାତ୍ରା କଲେ ଓ ବାଟରେ ବ୍ୟାଙ୍କକ୍ ଓ ସାଇଗନ ଠାରେ କିଛି ସମୟ ରହିଥିଲେ। ସାଇଗନ୍ ଠାରୁ ନେତାଜୀ ଜାପାନୀ ବିମାନରେ ହବିବୁର ରହମାନଙ୍କୁ ସାଂଗରେ ନେଇ ଯାତ୍ରା କଲେ। ବିମାନଟି ଟୋକିଓ ଯିବା ବାଟରେ ତାଇହୋ ବିମାନ ବନ୍ଦରରେ ଉଡାଣ ଆରମ୍ଭ କଲାବେଳେ ଦୁର୍ଘଟଣା ଘଟିବାରୁ ଜାପାନୀ ସେନାଧକ୍ଷ ଶିଡେଇ ଓ ବିମାନ ଚାଳକଙ୍କ ସହ ଅନ୍ୟ କେତେକଙ୍କ ମୃତ୍ୟୁ ବରଣ କଲେ। ନେତାଜୀଙ୍କ ଶରୀରରେ ନିଆଁ ଲାଗିଯିବାରୁ ସେ ଭିଷଣ ଆହତ ହୋଇଛନ୍ତି। ଏହି ଖବର ଟୋକିଓ ରେଡିଓରୁ ୧୯୪୫ ଅଗଷ୍ଟ ୨୩ ତାରିଖ ଦିନ ପ୍ରଚାରିତ ହେଲା। ତାପରେ ସମ୍ବାଦ ମିଳିଲା ଯେ ତାଇହୋ ମିଲିଟାରୀ ହସ୍ପିଟାଲରେ ନେତାଜୀଙ୍କର ମୃତ୍ୟୁ ହୋଇଯାଇଅଛି। ହବିବୁର ରହମାନଙ୍କ କହିବା ଅନୁଯାୟୀ ତାଇହୋଠାରେ ତାଙ୍କ ସଂସ୍କାର କରାଯାଇ ପାଉଁଶକୁ ଟୋକିଓ ସହରର ରେଙ୍କୋଜୀ ମନ୍ଦିରରେ ରଖାଯାଇଥିଲା। ତାଙ୍କର ମୃତ୍ୟୁ ଏବେବି ରହସ୍ୟ ଘେରରେ ରହିଛି। ଜାତୀୟ ରାଜନୈତିକ ପଟ୍ଟଭୂମି, ଓ ଦଳିତ ମଣିଷ ଜାତି ପାଇଁ ଅମର ପ୍ରତୀକ ଭାବେ ଭାରତୀୟ ମାନଙ୍କର ସଂକଳ୍ପର ଉତ୍ସ ହୋଇ ନେତାଜୀ ସୁଭାଷ ସବୁଦିନେ ରହିବେ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**

ନିଅନ୍ତୁ ନୂଆ ସଂକଳ୍ପ





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

29 YEARS

# ସମ୍ବାଦ କଳିକା

TM

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ଡାକ ପ୍ରଷ୍ଠା ମୂଲ୍ୟ : ୨.୦୦ ଟଙ୍କା

12 Pages, ₹2.00

● ବର୍ଷ–୩୦ ● ସଂଖ୍ୟା–୩୫୫ ● ୨୪ ଜାନୁଆରୀ ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -30 ● Issue-355 ● 24th January 2024, Wednesday ● Bhubaneswar

Licensed to post without pre-payment of postage No- BN-60/22-24



DADLS-90




OIPR : 15001/13/0283/2324



ପାରଳାଖେମୁଣ୍ଡି : ଗଜପତି ଜିଲ୍ଲା ଗସ୍ତ ଅବସରରେ '୫-ଟି ଓ ନବୀନ ଓଡ଼ିଶା' ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍ ସାଧାରଣ ଜନତାଙ୍କୁ ଭେଟି ସେମାନଙ୍କ ସମସ୍ୟା ବୁଝୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ୨୦୨୩ରେ ଆଇସିସିର ଶ୍ରେଷ୍ଠ ଟି-୨୦ ଦଳ : ପୁରୁଷ ଦଳରେ ୪ ଇଣ୍ଡିଆନ୍, ମହିଳା ଟିମ୍‌ରେ ଦିପ୍ତୀ ଶର୍ମା

**ଦୁବାଇ**

୨୦୨୩ ସିଜନ୍‌ର ଶ୍ରେଷ୍ଠ ପ୍ରଦର୍ଶନକାରୀ ଖେଳାଳିମାନଙ୍କୁ ନେଇ ଆଇସିସି ପୁରୁଷ ଓ ମହିଳା ଟି-୨୦ ଦଳ ଘୋଷଣା କରିଛି। ପୁରୁଷ ଦଳରେ ମୋଟ୍ ୪ ଭାରତୀୟ ଖେଳାଳି ସ୍ଥାନ ପାଇଛନ୍ତି। ଟିମ୍ ଇଣ୍ଡିଆର ଦୁର୍ଦ୍ଧର୍ଷ ବ୍ୟାଟର ସୂର୍ଯ୍ୟକୁମାର ଯାଦବଙ୍କୁ ଅଧିନାୟକ ନିଯୁକ୍ତ କରାଯାଇ ଥିବାବେଳେ ଓପନର ଯଶସ୍ୱୀ ଜୈସ୍ୱାଲ୍, ସ୍ପିନର ରବି ବିଷ୍ଣୋଇ, ବାମହାତି ପେସ୍ ବୋଲର ଅର୍ଶଦୀପ ସିଂହଙ୍କୁ ସ୍ଥାନ ମିଳିଛି। ମହିଳା ଦଳରେ ଅଲରାଉଣ୍ଡର ଦୀପ୍ତି ଶର୍ମା ଏକମାତ୍ର ଭାରତୀୟ ଭାବେ ସ୍ଥାନ ପାଇଛନ୍ତି।

ସୂର୍ଯ୍ୟକୁମାର କ୍ରମାନ୍ୱୟରେ ଦ୍ୱିତୀୟ ଥର ଆଇସିସି ଟି-୨୦ ଦଳରେ ସ୍ଥାନ ପାଇଛନ୍ତି। ସେ ୨୦୨୩ରେ ୯ଟି ମ୍ୟାଚ୍ ଖେଳି ମୋଟ ୬୦୩ ରନ୍ କରିଥିଲେ। ସେଥିମଧ୍ୟରେ ୨ଟି ଶତକ, ୫ଟି ଅର୍ଦ୍ଧଶତକ ସାମିଲ୍ ରହିଥିଲା।



ଜୈସ୍ୱାଲ ୧୪ଟି ମ୍ୟାଚ୍ ଖେଳି ୧୫୯ ଷ୍ଟ୍ରାଇକ ରେଟ୍‌ରେ ୪୩୦ରନ୍ କରିଥିବାବେଳେ ବିଷ୍ଣୋଇ ମୋଟ ୪୪ ଓଭର ବୋଲିଂ କରି ୧୮ଟି ୱିକେଟ୍ ଏବଂ ଅର୍ଶଦୀପ ୨୧ଟି ମ୍ୟାଚ୍ ଖେଳି ୨୬ଟି ୱିକେଟ ଅକ୍ତିଆର କରିଥିଲେ।

ପୁରୁଷ ଦଳ : ଯଶସ୍ୱୀ ଜୈସ୍ୱାଲ୍ (ଭାରତ), ଫିଲ୍ ସଲ୍ଟ (ଇଂଲଣ୍ଡ), ନିକୋଲାସ ପୂରନ (ୱେଷ୍ଟଇଣ୍ଡିଜ୍), ସୂର୍ଯ୍ୟକୁମାର ଯାଦବ (ଭାରତ), ମାର୍କ ଚପମାନ (ନ୍ୟୁଜିଲାଣ୍ଡ), ସିକନ୍ଦର ରାଜା (ଜିମ୍ବାୱେ), ଅଲ୍ପେଶ ରାମାଜାନି (ୟୁଗାଣ୍ଡା), ମାର୍କ ଆଡେୟର (ଆୟର୍ଲାଣ୍ଡ), ରବି ବିଷ୍ଣୋଇ (ଭାରତ), ରିଚାର୍ଡ଼ ନଗରଭା (ଜିମ୍ବାୱେ), ଅର୍ଶଦୀପ ସିଂହ (ଭାରତ)।

ମହିଳା ଦଳ : ଚମାରୀ ଆଟାପଟୁ (ଶ୍ରୀଲଙ୍କା, ଅଧିନାୟିକା), ବେଥ ମୁନି (ଅଷ୍ଟ୍ରେଲିଆ), ଲାଉରା ଉଲଭାର୍ଟ (ଦ.ଆଫ୍ରିକା), ହାୟଲି ମାଥ୍ୟୁସ (ୱେଷ୍ଟଇଣ୍ଡିଜ୍), ନାଟ୍ ସ୍କିଭର-ବ୍ରଣ୍ଟ୍ (ଇଂଲଣ୍ଡ), ଆମେଲିଆ କେର (ନ୍ୟୁଜିଲାଣ୍ଡ), ଏଲିସ୍ ପେରୀ (ଅଷ୍ଟ୍ରେଲିଆ), ଆସଲି ଗାର୍ଡନର (ଅଷ୍ଟ୍ରେଲିଆ), ଦୀପ୍ତି ଶର୍ମା (ଭାରତ), ସୋଫି ଏକ୍କ୍ଲେଷ୍ଟୋନ୍ (ଇଂଲଣ୍ଡ), ମେଗାନ ସ୍କଟ୍ (ଅଷ୍ଟ୍ରେଲିଆ)।

# କେଏଲ ରାହୁଲଙ୍କଠୁ ଛଡ଼ାଇ ନିଆଗଲା ୱିକେଟ କିପିଂ ଦାୟିତ୍ୱ

**ନୂଆଦିଲ୍ଲୀ**

ଭାରତର ଷ୍ଟାର କ୍ରିକେଟର କେଏଲ ରାହୁଲଙ୍କଠୁ ୱିକେଟ କିପିଂ ଦାୟିତ୍ୱ ଛଡ଼ାଇ ନିଆଯାଇଛି। ଏହାକୁ ନେଇ ଅନେକ ପ୍ରଶ୍ନ ଉଠିବାରେ ଲାଗିଛି। ଭାରତୀୟ କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ଼ ମଙ୍ଗଳବାର କହିଛନ୍ତି, ରାହୁଲ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ୱିକେଟ କିପିଂ ଦାୟିତ୍ୱ ସମ୍ଭାଳିବେ ନାହିଁ। ସେ କେବଳ ଜଣେ ସ୍ୱତନ୍ତ୍ର ବ୍ୟାଟର ହିସାବରେ ଖେଳିବେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଏମିତି ନିଷ୍ପତ୍ତି ନିଆଯାଇଛି। ଆମ ନିକଟରେ ୱିକେଟ କିପିଂ ପାଇଁ ଦୁଇଟି ବିକଳ୍ପ ରହିଛି ବୋଲି ଦ୍ରାବିଡ଼ କହିଛନ୍ତି। ଏବେ କେଏସ୍ ଭରତ ଓ ଧ୍ରୁବ ଜୁରେଲଙ୍କ ନିକଟରେ ୱିକେଟ କିପର ବ୍ୟାଟର ଭାବେ ନିଜକୁ ସାବ୍ୟସ୍ତ କରିବାର ସୁଯୋଗ ରହିବ। ଭାରତ ଗତ ବର୍ଷ ଫେବୃଆରୀରେ ଟେଷ୍ଟରେ ପଦାର୍ପଣ କରିଥିଲେ। ଅନ୍ୟପଟେ ଜୁରେଲ ଏ ପର୍ଯ୍ୟନ୍ତ କୌଣସି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିନାହାନ୍ତି। ଭାରତ ଓ ଇଂଲଣ୍ଡ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ



ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଗୁରୁବାର ହାଇଦ୍ରାବାଦରେ ଖେଳାଯିବ। ପ୍ରଥମ ଟେଷ୍ଟ ପୂର୍ବରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ଼ ଉପରୋକ୍ତ ଟିପ୍ପଣୀ କରିଛନ୍ତି। ସେ କହିଛନ୍ତି କେଏଲ ଦକ୍ଷିଣ ଆଫ୍ରିକା ଗସ୍ତରେ ଦଳ ପାଇଁ ଚମତ୍କାର ପ୍ରଦର୍ଶନ କରିଥିଲେ। ସିରିଜ୍ ଡ୍ର' କରାଇବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଥିଲେ। ମାତ୍ର ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ଦୃଷ୍ଟିରେ ରଖି ଆମେ ଅନ୍ୟ ବିକଳ୍ପ ଥିବା ୱିକେଟ କିପରଙ୍କୁ ୱିକେଟ କିପିଂ ଦାୟିତ୍ୱ ଦେବୁ।

ସୂଚନାଯୋଗ୍ୟ, ରଷଭ ପନ୍ତଙ୍କ କାର୍ ଦୁର୍ଘଟଣାରେ ଗୁରୁତର ଆହତ ହେବା ପରେ କେଏଲ ରାହୁଲ ୱିକେଟ କିପର ଦାୟିତ୍ୱ ସମ୍ଭାଳି ଆସୁଛନ୍ତି। ସେ ନିଜର ପ୍ରଦର୍ଶନରେ ସଭିଙ୍କୁ ପ୍ରଭାବିତ କରିଛନ୍ତି। ସେ କିଛି ସପ୍ତାହ ପୂର୍ବେ ଦକ୍ଷିଣ ଆଫ୍ରିକାରେ ଟେଷ୍ଟ ସିରିଜ୍ ସମୟରେ ୱିକେଟ କିପିଂ କରିଥିଲେ। କିନ୍ତୁ ରାହୁଲଙ୍କୁ ଭାରତରେ ୱିକେଟ କିପିଂର ଅନୁଭବ ନାହିଁ। ସେ ନିଜ କ୍ୟାରିୟରରେ ୯୨ଟି ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ କେବଳ ତିନି ଥର ୱିକେଟ କିପର ଭାବେ ଖେଳିଥିଲେ। ଭାରତୀୟ ପିଚ୍‌ରେ ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡ଼େଜାଙ୍କ ବିପକ୍ଷରେ ୱିକେଟ କିପିଂ କରିବା କୌଣସି ବିଶେଷଜ୍ଞ ୱିକେଟ କିପର ପାଇଁ ସହଜ ହୋଇ ନ ଥାଏ।

# ଉଦ୍‌ଯାପିତ ହେଲା ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ 'ନୂଆ-ଓ' କ୍ରୀଡ଼ା ପ୍ରତିଯୋଗିତା



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ 'ନୂଆ-ଓ' କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହ ସ୍ଥାନୀୟ ବାରିପଦା ଷ୍ଟାଡିଅ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ, ମୟୂରଭଞ୍ଜ ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ଜିଲ୍ଲାର ୪ଟି ଉପଖଣ୍ଡର ସମସ୍ତ ପ୍ରତିଯୋଗୀମାନେ ଭାଗ ନେଇଥିବା ବେଳେ, ବ୍ଲକ ପରେ ପରେ ଉପଖଣ୍ଡ ସ୍ତରରୁ ବିଜୟ ଲାଭ କରି ସାରି ଜିଲ୍ଲା ସ୍ତରରେ ପୁରସ୍କୃତ ହୋଇଥିଲେ। ଜିଲ୍ଲାରେ ଜାନୁଆରୀ ୧୭ ତାରିଖରୁ ୨୧ ତାରିଖ ଯାଏଁ ଉଭୟ ମହିଳା ଓ ପୁରୁଷ ଦଳ ଫୁଟ୍‌ବଲ, କ୍ରିକେଟ, ଖୋଖୋ, ଭଲିବଲ, କବାଡ଼ି ଏବଂ ହକି କ୍ରୀଡ଼ାରେ ଭାଗ ନେଇ ୨୧ ତାରିଖ ଦିନ ଜିଲ୍ଲାପାଳ ବିନୀତ ଭରଦ୍ୱାଜ (ଭା.ପ୍ର.ସେ.)ଙ୍କ କରକମଳରେ ପୁରସ୍କୃତ ହୋଇ ଥିଲେ। ଏହି ୫ ଦିନ ବ୍ୟାପୀ ହୋଇଥିବା କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲା ପରିଷଦର ଅଧ୍ୟକ୍ଷ ଶ୍ରୀମତୀ ଭାରତୀ ହାଁସଦା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ଓ.ପ୍ର.ସେ.(ବ.ଶ୍ରେ.)ଙ୍କ ସମେତ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ (ଓ.ପ୍ର.ସେ., ବରିଷ୍ଠ), ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା (ଓ.ପ୍ର.ସେ., ବରିଷ୍ଠ), ଅତିରିକ୍ତ ଜିଲ୍ଲାପାଳ ରାଇରଙ୍ଗପୁର, ଦୌଲତ ଚନ୍ଦ୍ରକାର (ଓ.ପ୍ର.ସେ., ବରିଷ୍ଠ), ଉପସ୍ଥିତ ରହି କ୍ରୀଡ଼ା ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିବା ବେଳେ ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରିଣୀ ମମତାମୟୀ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅବନୀ ମୋହନ ମହାନ୍ତି ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଂଯୋଜନା ତଥା ପରିଚାଳନା କରିଥିବା ସୂଚନା।

# ଅଷ୍ଟ୍ରେଲିଆନ୍ ଓପନ୍ : ୧୧ ଥର ସେମିଫାଇନାଲ୍‌ରେ ପ୍ରବେଶ କଲେ ଜୋକୋଭିକ୍, ମହିଳା ବର୍ଗରେ କୋକା ଗାଫ୍‌ଙ୍କ କମାଲ

**ନୂଆଦିଲ୍ଲୀ**

ଷ୍ଟାର ସର୍ବିଆ ଟେନିସ୍ ପ୍ଲେୟାର ନୋଭାକ ଜୋକୋଭିକ ପୁଣିଥରେ ଅଷ୍ଟ୍ରେଲିଆନ ଓପନ ସେମି ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଏହାକୁ ମିଶାଇ ସେ ୧୧ ଥର ସେମି ଫାଇନାଲ୍‌ରେ ପ୍ରବେଶ କରିଛନ୍ତି।

ମଙ୍ଗଳବାର ସେମିଫାଇନାଲ ପାଇଁ ଜୋକୋଭିକ ଓ ଟେଲର ଫ୍ରିଟ୍‌ଜଙ୍କ ମଧ୍ୟରେ ମୁକାବିଲା ହୋଇଥିଲା। ମ୍ୟାଚ୍ ଦୀର୍ଘ ୪ ଘଣ୍ଟା ୪ ଘଣ୍ଟା ଚାଲିବା ପରେ ଜୋକୋଭିକ୍ ଟେଲର ପିଟଜଙ୍କୁ ୭-୬(୩), ୪-୬, ୬-୨, ୬-୩ରେ ହରାଇ ଦେଇଛନ୍ତି। ସବୁଠାରୁ ବଡ଼କଥା ହେଲା ଜୋକୋଭିକ ଏହା ପୂର୍ବରୁ ଯେତେଥର କ୍ୱାର୍ଟଫାଇନାଲ ମ୍ୟାଚ୍ ଖେଳିଛନ୍ତି ସବୁଥର



ବିଜୟୀ ହୋଇ ସେମିଫାଇନାଲ୍‌କୁ ଯାଇଛନ୍ତି।

୨୪ ଥର ଗ୍ରାଣ୍ଡ ସ୍ଲାମ୍ ଚାମ୍ପିୟନ ହୋଇଥିବା ଜୋକୋଭିକ ମେଲବର୍ଣ୍ଣ ପାର୍କରେ ସମସ୍ତ ୧୦ଟି ସେମି ଫାଇନାଲ୍ ଓ ଫାଇନାଲ ଜିତିଛନ୍ତି। ମଙ୍ଗଳବାରର ମ୍ୟାଚ୍ ଜିତିବା ପରେ ସେ ୪୮ ଥର ଗ୍ରାଣ୍ଡ ସ୍ଲାମ ସେମିଫାଇନାଲରେ ପହଞ୍ଚିଛନ୍ତି। ଏଠାରେ ତାଙ୍କର ମୁକାବିଲା ଚତୁର୍ଥ ସିଡ୍ ୟାନିକ ସିନର କିମ୍ବା ପଞ୍ଚମ ସିଡ୍ ଆଣ୍ଡ୍ରେଇ ରୁବେଲେଭଙ୍କ ସହ ହେବ।

ସେହିପରି ମହିଳା ବର୍ଗରେ ୟୁଏସ ଓପନ ଚାମ୍ପିୟନ କୋକା ଗାଫ୍ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ସେ ୟୁକ୍ରେନ୍‌ର ମାର୍ତ୍ତା କ୍ୟୁସ୍ଟ୍ୟୁକ୍‌ଙ୍କୁ ୭-୬, ୬-୭, ୬-୨ରେ ପରାସ୍ତ କରିଛନ୍ତି। ଉଭୟଙ୍କ ମଧ୍ୟରେ ୩ ଘଣ୍ଟା ୮ ମିନିଟ୍‌ର ମୁକାବିଲା ଚାଲିଥିଲା। ସେମି ଫାଇନାଲ୍‌ରେ ତାଙ୍କର ମୁକାବିଲା ଏରିନା ସବାଲେଙ୍କା ଓ ବାରବରା କ୍ରେଇସିକୋୱାଙ୍କ ସହ ହେବ।

# ୧ ନମ୍ବରକୁ ଫେରିଲେ ସାତ୍ତ୍ୱିକ-ଚିରାଗ

**ନୂଆଦିଲ୍ଲୀ**

ଭାରତର ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ବ୍ୟାଡ୍‌ମିଣ୍ଟନ ୱାଲର୍ଡ ଫେଡ଼େରେଶନ (ବିଡବ୍ଲ୍ୟୁଏଫ୍) ପୁରୁଷ ଡବଲ୍ସ ର୍‍ୟାଙ୍କିଙ୍ଗ ତାଲିକାର ନମ୍ବର ୱାନ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ଏସିଆନ ଗେମ୍ସ ଚାମ୍ପିୟନ ମାଲେସିଆ ଓପନ ସୁପର ୧୦୦୦ ଏବଂ ଇଣ୍ଡିଆ ଓପନ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ରନରଅପ୍ ହେବା ଯୋଗୁ ଦ୍ୱିତୀୟ ଥର ପାଇଁ ବିଶ୍ୱର ନମ୍ବର ୱାନ ର୍‍ୟାଙ୍କିଙ୍ଗ ହାସଲ କରି ପାରିଛନ୍ତି। ଭାରତୀୟ ଯୋଡ଼ି ହାଙ୍ଗଝୋ ଏସିଆନ ଗେମ୍ସରେ ଐତିହାସିକ ସ୍ୱର୍ଣ୍ଣ ପଦକ ହାସଲ କରିବା ପରେ ପ୍ରଥମଥର ନମ୍ବର ୱାନ ସ୍ଥାନ ସ୍ଥାନ ଅଧିକାର କରିଥିଲେ।



ବିଶ୍ୱର ନମ୍ବର-୨ ଯୋଡ଼ି ଭାବେ ଇଣ୍ଡିଆ ଓପନରେ ପ୍ରବେଶ କରିଥିବା ସାତ୍ତ୍ୱିକ ଓ ଚିରାଗ ରବିବାର ବିଶ୍ୱ ଚାମ୍ପିୟନ କାଙ୍ଗ୍ ମିନ୍ ହ୍ୟୁକ୍ ଓ ସିଓ ସାଙ୍ଗ୍ ଜାଇଙ୍କଠାରୁ ହାରିଯାଇଥିଲେ। ଅନ୍ୟ ଭାରତୀୟଙ୍କ ମଧ୍ୟରେ ଏଚ୍.ଏସ୍ ପ୍ରଣୟ ଗୋଟିଏ ସ୍ଥାନ ଉପରକୁ ଉଠି ବିଶ୍ୱର ୮ନମ୍ବର ହୋଇଥିବା ବେଳେ ଲକ୍ଷ୍ୟ ସେନ୍, କିଦାମ୍ବି ଶ୍ରୀକାନ୍ତ ଓ ପ୍ରିୟାଂଶୁ ରାଜାୱତ ଯଥାକ୍ରମେ ସେମାନଙ୍କ ୧୯ତମ, ୨୫ତମ ଓ ୩୦ତମ ସ୍ଥାନ ବଜାୟ ରଖିଛନ୍ତି।

# ଭାରତୀୟଙ୍କ ହୃଦୟ ଜିତିଲେ ଡେଭିଡ୍ ୱାର୍ଣ୍ଣର

**ସିଡ୍‌ନୀ**

ଅଯୋଧାରେ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହା ବ୍ୟତୀତ ବିଭିନ୍ନ କ୍ଷେତ୍ରର ପ୍ରସିଦ୍ଧ ଚେହେରାମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସଚିନ ତେନ୍ଦୁଲକରଙ୍କ ବ୍ୟତୀତ କ୍ରିକେଟର ରବିନ୍ଦ୍ର ଜାଡେଜା, ଅନିଲ



କୁମ୍ବଲେ ଏବଂ ଭେଙ୍କଟେଶ ପ୍ରସାଦ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ତେବେ ଅଷ୍ଟ୍ରେଲୀୟ କ୍ରିକେଟର ଡେଭିଡ ୱାର୍ଣ୍ଣରଙ୍କ ପୋଷ୍ଟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେ ଅଯୋଧ୍ୟା ରାମ ମନ୍ଦିର ସମ୍ବନ୍ଧୀୟ ପୋଷ୍ଟ କରିଛନ୍ତି।

ଡେଭିଡ ୱାର୍ଣ୍ଣର ତାଙ୍କ ଅଫିସିଆଲ ସୋସିଆଲ ମିଡିଆ ହ୍ୟାଣ୍ଡେଲରୁ ଏହି ଫଟୋ ଶେୟାର କରିଛନ୍ତି। ଏହି ଫଟୋରେ ପ୍ରଭୁ ରାମଙ୍କୁ ଦେଖିବାକୁ ମିଳିଛି । ଅଷ୍ଟ୍ରେଲୀୟ ଓପନର୍ କ୍ୟାପସନରେ ଲେଖିଛନ୍ତି ଜୟ ଶ୍ରୀରାମ ଇଣ୍ଡିଆ। ଡେଭିଡ ୱାର୍ଣ୍ଣରଙ୍କ ଏହି ପୋଷ୍ଟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହା ବ୍ୟତୀତ ସୋସିଆଲ ମିଡିଆ ବ୍ୟବହାରକାରୀମାନେ କ୍ରମାଗତ ଭାବରେ ମନ୍ତବ୍ୟ ଦେଇ ନିଜର ମତାମତ ଦେଉଛନ୍ତି।

# ରବି ଶାସ୍ତ୍ରୀ ଓ ଶୁଭମନ ଗିଲ୍‌ଙ୍କୁ ସମ୍ମାନିତ କରିବ ବିସିସିଆଇ



**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ପୂର୍ବତନ କୋଚ୍ ରବି ଶାସ୍ତ୍ରୀ ଓ ଯୁବ ଷ୍ଟାର ବ୍ୟାଟର ଶୁଭମନ ଗିଲ୍‌ଙ୍କୁ ସମ୍ମାନିତ କରିବ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ। ବିସିସିଆଇ ୨୦୨୩ରେ ଗିଲ୍ ଭଲ ପ୍ରଦର୍ଶନ କରିଥିବାରୁ ବିସିସିଆଇ ତାଙ୍କୁ ବଡ଼ ପୁରସ୍କାର ଦେବ। ରିପୋର୍ଟ ଅନୁସାରେ, ବିସିସିଆଇ ରବି ଶାସ୍ତ୍ରୀଙ୍କୁ ଲାଇଫ୍‌ଟାଇମ ଆଚିଭମେଣ୍ଟ ଆୱାର୍ଡ ସମ୍ମାନିତ କରିବ। ସେହିପରି ଶୁଭମଗିଲ୍‌ଙ୍କର ୨୦୨୩ରେ ଉତ୍କୃଷ୍ଟ ପ୍ରଦର୍ଶନ ଯୋଗୁ ବର୍ଷର ଶ୍ରେଷ୍ଠ କ୍ରିକେଟର ପୁରସ୍କାର ପ୍ରଦାନ କରାଯିବ।

ଶୁଭମନ ଗିଲ୍ ଗତ ୧୨ ମାସ ମଧ୍ୟରେ ଦିନିକିଆରେ ୫ଟି ଶତକ ମାରିଛନ୍ତି। ସେହିପରି ଦିନିକିଆ ଅନ୍ତର୍ଜାତୀୟ ଫର୍ମାଟ୍‌ରେ ଗିଲ ଦ୍ରୁତତମ ଦୁଇ ହଜାର ରନ ପୂରା କରିଛନ୍ତି।

ସୂଚନା ଥାଉକି ୪ ବର୍ଷ ପରେ ବିସିସିଆଇ ନିଜର ଖେଳାଳିଙ୍କୁ ସମ୍ମାନିତ କରିବାକୁ ଯାଉଛି। ଏହାପୂର୍ବରୁ, ୨୦୧୯ କ୍ରିକେଟ ବୋର୍ଡ ଖେଳାଳିଙ୍କୁ ସମ୍ମାନିତ କରିଥିଲା। ଏଥର ସମ୍ମାନ ଉତ୍ସବରେ ଭାରତ ଏବଂ ଇଂଲଣ୍ଡ ଦଳର ଖେଳାଳି ଉପସ୍ଥିତ ରହିପାରନ୍ତି ବୋଲି ବିସିସିଆଇ ପକ୍ଷରୁ ସୂଚନା ମିଳିଛି।

୬୧ ବର୍ଷୀୟ ରବି ଶାସ୍ତ୍ରୀ ଭାରତ ପାଇଁ ୮୦ଟି ଟେଷ୍ଟ ଏବଂ ୧୫୦ ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। କ୍ରିକେଟ୍‌ରୁ ସନ୍ନ୍ୟାସ ନେବା ପରେ ସେ ସେ କମେଣ୍ଟେଟର ଭାବରେ ଖୁବ୍ ପ୍ରସିଦ୍ଧି ଲାଭ କରିଥିଲେ ଏହାପରେ ସେ ଟିମ୍ ଇଣ୍ଡିଆର ନିର୍ଦ୍ଦେଶକ ହୋଇ ପରେ କୋଚ ମଧ୍ୟ ହୋଇଥିଲେ।

ରବି ଶାସ୍ତ୍ରୀ ଦୁଇଥର ଟିମ୍ ଇଣ୍ଡିଆର କୋଚ୍ ରହି ସାରିଛନ୍ତି। ସେ ୨୦୧୪ରୁ ୨୦୧୬ ପର୍ଯ୍ୟନ୍ତ ଦଳର ନିର୍ଦ୍ଦେଶକ ଭାବରେ ଦାୟିତ୍ୱ ତୁଲାଇଥିଲେ। ଏହାପରେ ବିରାଟ କୋହଲିଙ୍କ ଅଧିନାୟକତ୍ୱରେ ୨୦୧୭ ରୁ ୨୦୨୧ରେ ଟି-୨୦ ବିଶ୍ୱକପ ପର୍ଯ୍ୟନ୍ତ ମୁଖ୍ୟ କୋଚ୍ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ।

ଶାସ୍ତ୍ରୀଙ୍କ ମାର୍ଗଦର୍ଶନରେ ଭାରତ ଅଷ୍ଟ୍ରେଲିଆରେ ଲଗାତାର ଦୁଇଟି ଟେଷ୍ଟ ସିରିଜ ଜିତିଥିଲା। ଶାସ୍ତ୍ରୀ କୋଚ୍ ଭାବେ ଭାରତ ମଧ୍ୟ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍‌ର ଫାଇନାଲରେ ପହଞ୍ଚିଥିଲା। ହେଲେ ନ୍ୟୁଜିଲାଣ୍ଡ ଠାରୁ ହାରିବା ପରେ ଟିମ୍ ଇଣ୍ଡିଆର ବିଶ୍ୱ ଚାମ୍ପିୟନ ହେବାର ସ୍ୱପ୍ନ ମଉଳିଥିଲା ରବିଙ୍କ କୋଚିଂ। ସମୟରେ ଭାରତ ୨୦୧୯ ଦିନିକିଆ ବିଶ୍ୱକପର ସେମିଫାଇନାଲରେ ପ୍ରବେଶ କରିଥିଲା।

# ପୁଣି ଚମକିଲା ରିଙ୍କୁ ସିଂଙ୍କ ଭାଗ୍ୟ



**ନୂଆଦିଲ୍ଲୀ**

ସୀମିତ ଓଭରରେ ଟିମ୍ ଇଣ୍ଡିଆର ନୂତନ ଫିନିସର୍ ଭାବରେ ଉଭା ହୋଇଥିବା ରିଙ୍କୁ ସିଂଙ୍କୁ ତାଙ୍କର ଭଲ ପ୍ରଦର୍ଶନ ଜାରି ରଖିଛନ୍ତି। ଜାନୁଆରୀ ୨୪ରୁ ଇଂଲଣ୍ଡ ବିପକ୍ଷ ଚାରି ଦିନିଆ ମ୍ୟାଚ୍ ପାଇଁ ରିଙ୍କୁ ସିଂଙ୍କୁ ଇଣ୍ଡିଆ ଏରେ ସ୍ଥାନ ମିଳିଛି। ଏହାର ଅର୍ଥ ହେଉଛି ଯେ ରିଙ୍କୁ ସିଂ ବର୍ତ୍ତମାନ ଭାରତ ପକ୍ଷରୁ ରେଡ୍ ବଲ ଫର୍ମାଟରେ ମଧ୍ୟ ଜଲୱା ଦେଖାଉଥିବାର ନଜର ଆସିବେ। କେବଳ ଏତିକି ନୁହେଁ, ଏହା ମଧ୍ୟ ସ୍ପଷ୍ଟ ହୋଇଛି ଯେ ରିଙ୍କୁ ସିଂ ଭବିଷ୍ୟତରେ ଟିମ୍ ଇଣ୍ଡିଆର ଟେଷ୍ଟ ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇପାରନ୍ତି।

ରିଙ୍କୁଙ୍କ ଭାରତ ଏ'ରେ ଯୋଗଦେବା ସମ୍ପର୍କରେ ବିସିସିଆଇ ଏକ ବିବୃତ୍ତି ଜାରି କରିଛି। ବିସିସିଆଇ ଏକ ବିବୃତ୍ତି ଜାରି କରି କହିଛି ଯେ ଜାନୁଆରୀ ୨୪ରୁ ଇଂଲଣ୍ଡ ଲାୟନ୍ସ ବିପକ୍ଷ ଦ୍ୱିତୀୟ ଚାରି ଦିନିଆ ମ୍ୟାଚ୍ ପାଇଁ ରିଙ୍କୁ ସିଂଙ୍କୁ ଦଳରେ ସାମିଲ କରାଯାଇଛି।

ଆଫଗାନିସ୍ତାନ ବିପକ୍ଷରେ ଖେଳାଯାଇଥିବା ଟି-୨୦ ସିରିଜରେ ରିଙ୍କୁ ସିଂ ଚମତ୍କାର ପ୍ରଦର୍ଶନ କରିଥିଲେ। ତୃତୀୟ ଟି-୨୦ ମ୍ୟାଚ୍‌ରେ ଭାରତ ମାତ୍ର ୨୨ ରନ୍ ପାଇଁ ୪ ଉଇକେଟ୍ ହରାଇଥିଲା। ଏହା ପରେ ରୋହିତ ଶର୍ମାଙ୍କ ସହ ରିଙ୍କୁ ସିଂ ୬୯ ରନ୍‌ର ଅପରାଜିତ ଇନିଂସ ଖେଳି ଟିମ୍ ଇଣ୍ଡିଆର ସ୍କୋରକୁ ୨୦୦ରୁ ଅଧିକ ନେଇଥିଲେ। ରିଙ୍କୁ ସିଂଙ୍କ ଇନିଂସରେ ସବୁଠାରୁ ବିଶେଷ କଥା ହେଲା ଗତ ଓଭରରେ ୬ଟି ଛକା ମାରିଥିବା ହ୍ୟାଟ୍ରିକ ଏହା ପରେ ଏହା ସ୍ପଷ୍ଟ ହୋଇଗଲା ଯେ ରିଙ୍କୁ ସିଂ ବର୍ତ୍ତମାନ ସୀମିତ ଓଭର ଫର୍ମାଟରେ ଭାରତ ପାଇଁ ଏକ ନିର୍ଭରଯୋଗ୍ୟ ଫିନିସର।

# ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ସାଳନ୍ଦୀକୁ ହରାଇ କେସିଏ ସେମିରେ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବ୍ଲକ୍ ଦୋବଲ ପଞ୍ଚାୟତ ସୋଧ ଧରମ ପଡ଼ିଆ ଠାରେ ମା' ସୁବର୍ଣ୍ଣମୁଖୀ କ୍ରିକେଟ କ୍ଲବ ଆନୁକୁଲ୍ୟରେ ଚାଲିଥିବା ମା' ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଚତୁର୍ଥ କ୍ୱାର୍ଟର ମ୍ୟାଚ୍‌ରେ ଧାମନଗରର କ୍ରାନ୍ତି କଲଚରାଲ ଆସୋସିଏସନ ବିଜୟ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ଧାମନଗରର କ୍ରାନ୍ତି କଲଚରାଲ ଆସୋସିଏସନ ଟସ୍ ଜିତି ୨୦ ଓଭରରେ ୫ ଉଇକେଟ ହରାଇ ୨୫୮ ରନ କରିଥିଲା। ଦଳ ପକ୍ଷରୁ ଶ୍ରୀରାମ ଚୌଧୁରୀ ୯୭ ରନ, ଉମାଶଙ୍କର ବଳ ୫୦ ରନ କରିଥିଲେ। ପ୍ରତିପକ୍ଷ ବୋଲର ଗୁଡୁ ମୁଣ୍ଡା ୪ ଓଭର ୨୮ ରନ ୧ ଉଇକେଟ ନେଇଥିଲେ। ଜବାବରେ ସାଳନ୍ଦୀ କ୍ଲବ ଭଦ୍ରକ ୨୦ ଓଭରରେ ୭ ଉଇକେଟ ହରାଇ ୧୭୭ ରନ କରିଥିଲା। ଦଳ ପକ୍ଷରୁ ସୁନିଲ ଶାହା ୬୩ ରନ, ସ୍ୱରାଜ ଚୌଧୁରୀ ୪୯ ରନ କରିଥିଲେ। ପ୍ରତିପକ୍ଷ ବୋଲର କ୍ଷମାସାଗର ବଳ ୩ ଓଭରରୁ ୧ ମେଡେନ ଓଭର ସହ ୩୬ ରନ ଦେଇ ୧ ଉଇକେଟ, ଶ୍ରୀରାମ ଚୌଧୁରୀ ୩ ଓଭର ୧୦ ରନ ଦେଇ ୧ ଉଇକେଟ ନେଇଥିବାରୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଅମ୍ପାୟାର ବିବେକାନନ୍ଦ ସାମଲ ଓ ପ୍ରକାଶ ନନ୍ଦ ଖେଳ ପରିଚାଳନା କରିଥିଲେ। ସ୍କୋରର ଥିଲେ ଅଜୟ ସାହୁ ଓ ଶିବ ପ୍ରସାଦ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ଅଜୟ ସାହୁ, ବସନ୍ତ ପୃଷ୍ଟି ବୁଧବାର ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ କ୍ରାନ୍ତି କଲଚରାଲ ଆସୋସିଏସନ ଧାମନଗର ସହିତ ଭାମଣ୍ଡା କ୍ରିକେଟ୍ କ୍ଲବ କେନ୍ଦ୍ରାପଡ଼ା ମଧ୍ୟରେ ଅନୁଷ୍ଠିତ ହେବ।

# ସେମିରେ ଓଡ଼ିଶା ଏଫ୍‌ସି: ଏଫ୍‌ସି ଗୋଆକୁ ୩-୨ରେ ହରାଇଲା

**ଭୁବନେଶ୍ୱର**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟ୍‌ବଲ୍ ପ୍ରତିଯୋଗିତାର ସେମିଫାଇନାଲ୍‌ରେ ଘରୋଇ ଦଳ ଓଡ଼ିଶା ଏଫ୍‌ସି ପ୍ରବେଶ କରିଛି। ଏହି ବିଜେତା ଦଳ ୧-୦ ଗୋଲ୍‌ରେ ଏଫ୍‌ସି ଗୋଆକୁ ପରାସ୍ତ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲ୍ ଶୂନ୍ୟରେ ଶେଷ ହୋଇଥିଲା। ୫୦ତମ ମିନିଟ୍‌ରେ ଡିଏଗୋ ମେରିସିଓଙ୍କୁ ଗୋଆର ଗୋଲି ଫାଉଲ ମାରିବାରୁ ଓଡ଼ିଶାକୁ ପେନାଲ୍ଟି ସୁଟ୍ ମିଳିଥିଲା, ଯାହାକୁ ଅହମ୍ମଦ ଜୋହୁଆ (୫୧ ମିନିଟ୍) ଗୋଲ୍‌ରେ ପରିଣତ କରି ଘରୋଇ ଦଳକୁ ଅଗ୍ରଣୀ ଦେଇଥିଲେ। ୬୧ ଓ ୬୬ତମ ମିନିଟ୍‌ରେ ଓଡ଼ିଶାକୁ ମିଳିଥିଲା। ଦୁଇଟି ପେନାଲ୍‌ଟି କର୍ଣ୍ଣର ଜୋହୁଆ ଏହାକୁ ସୁନ୍ଦର ଢଙ୍ଗରେ ଗୋଆର ଗୋଲ୍ ପୋଷ୍ଟ୍ ନିକଟକୁ ପକାଇଥିଲା ବେଳେ ମେତର୍ଦା ଫଲ୍ ଦୁଇଟି ଯାକକୁ ହେଡ୍ ଜରିଆରେ ଗୋଲ୍ ଦେଇଥିଲେ। ମେତାର୍ଦାଙ୍କ ଏହି ଯୁଗଳ ଗୋଲ୍ ବଳରେ ଓଡ଼ିଶା ୩-୦ରେ ଆଗୁଆ ହୋଇଯାଇଥିଲା। ଗୋଆର କର୍ଲୋସ ମାର୍ଟିନିଜ୍ ଡ୍ରିଗୁଏଜ (୭୫ ଓ ୮୬ ମିନିଟ୍) ଦୁଇଟି ଗୋଲ୍ ଶୁଝି ପରାଜୟ ବ୍ୟବଧାନକୁ କମାଇ ଥିଲେ। ଓଡ଼ିଶା ୨୫ ତାରିଖ ସେମିଫାଇନାଲ୍‌ରେ ମୁମ୍ବାଇ ସିଟି ଏଫ୍‌ସିକୁ ଭେଟିବ। ୨୪ରେ ଇଷ୍ଟବେଙ୍ଗଲ ଏଫ୍‌ସି ଓ ଜାମସେଦପୁର ଏଫ୍‌ସି ମଧ୍ୟରେ ପ୍ରଥମ ସେମିଫାଇନାଲ୍ ଖେଳାଯିବ।

29 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୪ ଜାନୁଆରୀ ୨୦୨୪ ବୁଧବାର



# ଜାତିସଂଘ ନିରାପତ୍ତା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟ ପ୍ରସ୍ତାବକୁ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ ମସ୍କଙ୍କ ସମର୍ଥନ

**ନୂଆଦିଲ୍ଲୀ**

ଜାତିସଂଘ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟତା ପାଇଁ ଭାରତର ଦାବିକୁ ଏବେ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ ମସ୍କଙ୍କ ସମର୍ଥନ ମିଳିଛି। ଟେସ୍‌ଲା ଏବଂ ସ୍ପେସ୍ ଏକ୍ସ କମ୍ପାନୀର ମାଲିକ ଏଲନ ମସ୍କ କହିଛନ୍ତି ଯେ ବିଶ୍ୱର ସବୁଠାରୁ ଜନବହୁଳ ଦେଶ ହୋଇଥିଲେ ମଧ୍ୟ ଭାରତକୁ ଜାତିସଂଘ ନିରାପତ୍ତା ପରିଷଦରେ ସ୍ଥାୟୀ ଆସନ ଦିଆନଯିବା ବଡ଼ ଅଜବ କଥା।

ଏଲନ ମସ୍କ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି ଯେ ଏକ ସମୟରେ ଜାତିସଂଘ ସଂସ୍ଥାରେ ସଂସ୍କାର ଆଣିବାର ଆବଶ୍ୟକତା ରହିଛି। ସମସ୍ୟା ହେଉଛି ଯେଉଁମାନଙ୍କ ପାଖରେ ଅଧିକ କ୍ଷମତା ଅଛି ସେମାନେ ଏହାକୁ ଛାଡିବାକୁ ଚାହାଁନ୍ତି ନାହିଁ। ପୃଥିବୀର ସବୁଠାରୁ ଜନବହୁଳ ଦେଶ ହୋଇଥିଲେ ମଧ୍ୟ ଜାତିସଂଘ ପରିଷଦରେ ଭାରତକୁ ସ୍ଥାୟୀ ଆସନ ନମିଳିବା ବଡ଼ ଅଜବ କଥା। ଆଫ୍ରିକାରେ ମଧ୍ୟ ସାମୂହିକ ଭାବେ ଆସନ ରହିବା ଦରକାର।

ପ୍ରକୃତ କଥା ହେଉଛି ଜାତିସଂଘ ମହାସଚିବ ଆଣ୍ଟୋନିଆ ଗୁଏଟରେସ ଏକ୍ସରେ ଲେଖିଥିଲେ ଯେ ଆଫ୍ରିକାରୁ କୌଣସି ଦେଶ ସୁରକ୍ଷା ପରିଷଦର ସଦସ୍ୟ ନ ହେବା ଆମେ କିପରି ଗ୍ରହଣ କରିପାରିବା? ଏହାର ଜବାବରେ ମାଇକେଲ ଆଇଜନବର୍ଗ ନାମକ ଲେଖକ ଲେଖିଛନ୍ତି ଯେ ଭାରତ କଥା କ'ଣ? ଭଲ କଥା ହେବ ଜାତିସଂଘକୁ ଭାଙ୍ଗି ଏକ ନୂଆ ଅନୁଷ୍ଠାନ ଗଢାଯାଉ।



ଆଇଜନବର୍ଗଙ୍କ ଟ୍ୱିଟ୍ ଜବାବରେ ମସ୍କ ଏହା ଲେଖିଛନ୍ତି।

# ହଟିଲା ନିଲମ୍ବନ : କଂଗ୍ରେସକୁ ଫେରିଲେ ମୋକିମ, ଚିରଞ୍ଜୀବ ଓ କୃଷ୍ଣ ସଗରିଆ

**କଟକ, ନ୍ୟୁଜ୍‌ବ୍ୟୁରୋ**

ତିନି କଂଗ୍ରେସ ନେତାଙ୍କ ଉପରୁ ହଟିଲା ନିଲମ୍ବନ। ବିଧାୟକ ମହମ୍ମଦ ମୋକିମ, ବରିଷ୍ଠ ନେତା ଚିରଞ୍ଜୀବ ବିଶ୍ୱାଳ ଓ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆଙ୍କ ଉପରୁ ନିଲମ୍ବନ ହଟାଇ ଦିଆଯାଇଛି। ଏନେଇ ପ୍ରଭାରୀ ଅଜୟ କୁମାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ନିଲମ୍ବନ ପରେ ତିନି ନେତା ଦଳଠାରୁ ଦୂରେଇ ରହିଥିଲେ। ସୋମବାର ପୁଣି ସେମାନେ ଦଳରେ ସାମିଲ ହୋଇଛନ୍ତି । ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଦଳକୁ ସୁଦୃଢ କରିବାକୁ ଚେଷ୍ଟା କରୁଛି କଂଗ୍ରେସ। ସେଥିପାଇଁ ନିଲମ୍ବନ ହଟାଇ ଦିଆଯାଇଥିବା ଚର୍ଚ୍ଚା ହେଉଛି। ମହମ୍ମଦ ମୋକିମ, ଚିରଞ୍ଜୀବ ବିଶ୍ୱାଳ ଏବଂ କୃଷ୍ଣଚନ୍ଦ୍ରଙ୍କ ସହ ସୋମବାର ପ୍ରଭାରୀ ଅଜୟ କୁମାର ଆଲୋଚନା କରିଥିଲେ। ଏହାପରେ ସେମାନଙ୍କ ଉପରୁ ନିଲମ୍ବନ ହଟାଇ ଦିଆଯିବା ନେଇ ଚର୍ଚ୍ଚା ହେଉଥିଲା। ଏହି ସବୁ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇ ତିନି ନେତାଙ୍କ ଉପରୁ ନିଲମ୍ବନ ହଟାଇ ଦିଆଯାଇଛି। ଦଳ ବିରୋଧୀ କାର୍ଯ୍ୟ ଯୋଗୁଁ ଗତ ବର୍ଷ ଜୁଲାଇ ମାସରେ ମହମ୍ମଦ ମୋକିମ ଓ ଚିରଞ୍ଜୀବ ବିଶ୍ୱାଳ ଦଳରୁ ନିଲମ୍ବିତ ହୋଇଥିଲେ । ୬ ମାସ ପରେ ଏବେ ପୁଣି ଘରକୁ



ବାହୁଡ଼ିଛନ୍ତି। ନିଲମ୍ବନ ହଟିବା ପରେ ବିଧାୟକ ମହମ୍ମଦ ମୋକିମ କହିଛନ୍ତି, 'ମୁଁ ଦଳରେ ଜଣେ ଶୃଙ୍ଖଳିତ କର୍ମୀ ନିଲମ୍ବନ ପରେ ମଧ୍ୟ ଦଳର ବ୍ୟାନରରେ କାମ କରିଛି। ମୁଁ କଂଗ୍ରେସ ସହିତ ଥିଲି, ରହିଛି ଆଉ ରହିଥିବି। ଦଳ ଯେଉଁ ଦାୟିତ୍ୱ ଦେବ ତାହା କରିବି। ଦଳକୁ ଆଗକୁ ଆହୁରି ମଜଭୁତ କରିବା ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରାଯିବ।' ତେବେ ଦଳ ଛାଡ଼ିବାକୁ ନେଇ ଯେଉଁ ଚର୍ଚ୍ଚା ହେଉଥିଲା ତାହାର ମଧ୍ୟ ଅନ୍ତ ଘଟାଇଛନ୍ତି ମୋକିମ। ଧର୍ମ ରାଜନୀତିକୁ ନେଇ ମଧ୍ୟ ସେ ପ୍ରତିକ୍ରିୟା ରଖିଛନ୍ତି। କଂଗ୍ରେସ ଧର୍ମ ରାଜନୀତି ଉପରେ ବିଶ୍ୱାସ କରେ ନାହିଁ। ଆଗାମୀ ୩ ମାସ ରାଜ୍ୟରେ କଂଗ୍ରେସକୁ ମଜଭୁତ କରାଯିବ ବୋଲି ମତ ରଖିଛନ୍ତି ମୋକିମ। ବାରବାଟୀ-କଟକ ବିଧାୟକ ହେଉଛନ୍ତି ମହମ୍ମଦ ମୋକିମ। ସେହିପରି କଂଗ୍ରେସର ପୂର୍ବତନ କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ଜଗତସିଂହପୁର ବିଧାୟକ ହେଉଛନ୍ତି ଚିରଞ୍ଜୀବ ବିଶ୍ୱାଳ। ଗତ ମେ' ମାସରେ ଜୟଦେବ ଭବନରେ ମହମ୍ମଦ ମୋକିମ ଏକ ଅଣରାଜନୈତିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଥିରେ ଚିରଞ୍ଜୀବ ମଧ୍ୟ ସାମିଲ ହୋଇଥିଲେ। ଏହା ଦଳୀୟ ଅନୁଶାସନକୁ ଉଲ୍ଲଂଘନ କରୁଥିବା ଅଭିଯୋଗ କରି ଉଭୟଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା ଅଖିଳ ଭାରତ କଂଗ୍ରେସ କମିଟି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଶୃଙ୍ଖଳା କମିଟି ଅଭିଯୋଗ ଆଧାରରେ ଏଆଇସିସି ପକ୍ଷରୁ ଉଭୟଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ଉତ୍ତର ସନ୍ତୋଷଜନକ ନହେବାରୁ ଉଭୟଙ୍କୁ ଦଳରୁ ନିଲମ୍ବିନ କରାଯାଇ ଥିଲା। ଝାରସୁଗୁଡ଼ା ଉପନିର୍ବାଚନ ପୂର୍ବରୁ ମହମ୍ମଦ ମୋକିମଙ୍କ ଦ୍ୱାରା 'ଜାନକୀ-ବସନ୍ତଙ୍କ ଯୋଡ଼ି ରାଜ୍ୟ କଂଗ୍ରେସର ସୁବର୍ଣ୍ଣ ଯୁଗ' ଶୀର୍ଷକ ନେଇ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୋକିମ ଓ ଚିରଞ୍ଜୀବିଙ୍କ ବୟାନକୁ ନେଇ ବିବାଦ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପିସିସି ସଭାପତିଙ୍କୁ ଟାର୍ଗେଟ କରିଥିଲେ ଚିରଞ୍ଜୀବ ବିଶ୍ୱାଳ। ସେ କହିଥିଲେ, ଯିଏ ପିସିସି ସଭାପତି ହେଉଛି, ସେ ଆଉ କାହାକୁ ପଚାରୁନି। କୃଷ୍ଣଚନ୍ଦ୍ର ସଗରିଆ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ କୋରାପୁଟ ବିଧାନସଭା ଆସନରୁ କଂଗ୍ରେସ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ପରେ ସେ ୨୦୧୯ ନିର୍ବାଚନ ପୂର୍ବରୁ ବହୁଜନ ସମାଜ ପାର୍ଟିରେ ଯୋଗଦାନ କରିଥିଲେ। ୨୦୧୯ ବିଧାନସଭା ନିର୍ବାଚନରେ ସେ ଜୟପୁର ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ। ମୁଣ୍ଡ ଉପରେ ସାଧାରଣ ନିର୍ବାଚନ। ପ୍ରତିଦ୍ୱନ୍ଦ୍ୱୀ ଦଳକୁ କଡ଼ା ଟକ୍କର ଦେବାକୁ ପ୍ରସ୍ତୁତ ହେଉଛି ଦଳ। ଦଳକୁ ସଜାଡ଼ିବାରେ ଲାଗି ପଡ଼ିଛନ୍ତି କର୍ମୀ ଓ ନେତା। ଏହି ଟାଣୁଆ ନେତା ଦଳକୁ ଫେରିଲେ ନିର୍ବାଚନରେ ବଳ ମିଳିବ ବୋଲି ଦଳ ଆଶାବାଦୀ।

## ପରୀକ୍ଷା ପେ ଚର୍ଚ୍ଚା ଚିତ୍ରକଳା ପ୍ରତିଯୋଗିତା ପାଇଁ

# ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ ନୋଡ଼ାଲ କେନ୍ଦ୍ର ଚୟନ

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ଅକ୍ଷମ ପରୀକ୍ଷା ପେ ଚର୍ଚ୍ଚା ଚିତ୍ରକଳା ପ୍ରତିଯୋଗିତାର ନୋଡ଼ାଲ କେନ୍ଦ୍ର ରୂପେ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧, ଭୁବନେଶ୍ୱରକୁ ଚୟନ କରାଯାଇଛି। ପରୀକ୍ଷା ପେ ଚର୍ଚ୍ଚା ଏକ ବାର୍ଷିକ କାର୍ଯ୍ୟକ୍ରମ, ଯାହାର ଆରମ୍ଭ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଏହି ଲକ୍ଷ୍ୟକୁ ନେଇ କରାଯାଇଥିଲା ଯେ କିପରି ପରୀକ୍ଷା ପୂର୍ବରୁ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକ ନିଶ୍ଚିନ୍ତ ରହିବେ ଏବଂ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଦର୍ଶାଯାଇଥିବା ପରୀକ୍ଷାରେ ସଫଳତା ପାଇଁ ପୂର୍ଣ୍ଣ ମନ୍ତ୍ର ମାଧ୍ୟମରେ ଛାତ୍ରଛାତ୍ରୀ ପରୀକ୍ଷାକୁ ଭୟମୁକ୍ତ ଭାବରେ ଦେଇ ପାରିବେ। ଏଥିପାଇଁ ପିଲାମାନଙ୍କ ସୃଜନ କ୍ଷମତାକୁ ପ୍ରୋତ୍ସାହନ ଦେବାପାଇଁ ପରୀକ୍ଷା ପେ ଚର୍ଚ୍ଚା। କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଗତିବିଧିର ଆୟୋଜନ କରାଯାଇଥାଏ।



ଏହା ଏକ ସୌଭାଗ୍ୟର ବିଷୟ ଯେ ଏହି ଚିତ୍ରକଳା ପ୍ରତିଯୋଗିତାର ଆୟୋଜନ ସେହିଦିନ କରାଯାଉଛି ଯେଉଁଦିନ ମହାନ୍ ସ୍ୱାଧୀନତା ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମଦିବସ, ଯାହାକୁ ସାରା ଦେଶ ପରାକ୍ରମ ଦିବସ ରୂପେ ପାଳନ କରୁଛି। ଏହି ଦିବସର ଗୁରୁତ୍ୱକୁ ପ୍ରତିପାଦନ କରିବା ପାଇଁ ବିଦ୍ୟାଳୟର କୁନି-କୁନି ଛାତ୍ରଛାତ୍ରୀ ସୁଭାଷ ଚନ୍ଦ୍ର ବୋଷ ରୂପରେ ନିଜକୁ ସଜାଇ ହୋଇ ତା'ର ଆଦର୍ଶ ଏବଂ ସ୍ଲୋଗାନ୍‌କୁ ଦର୍ଶକ ସାମ୍ନାରେ ଦେଖାଇଥିଲେ। ବିଦ୍ୟାଳୟର ୧୧ ଶ୍ରେଣୀର ଛାତ୍ରୀ ଅଲିଶା ପଟ୍ଟନାୟକ ଓ ଚାନ୍ଦନୀ ବିଶ୍ୱାଳ ନିଜର ଭାଷଣ ମାଧ୍ୟମରେ ଦର୍ଶକଙ୍କ ଉତ୍ସାହ ବର୍ଦ୍ଧନ କରିଥିଲେ।

ବାର୍ଷିକ ପରୀକ୍ଷା ପେ ଚିତ୍ରକଳା ପ୍ରତିଯୋଗିତାରେ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ, ପାଖ ଜିଲ୍ଲାର ନବୋଦୟ ବିଦ୍ୟାଳୟ ତଥା ଭୁବନେଶ୍ୱରର ସୁନାମଧନ୍ୟ ଅନ୍ୟାନ୍ୟ ବିଦ୍ୟାଳୟର ୧୦୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ୦୫ ମନ୍ତ୍ରକୁ ସଂଗୀତ ମାଧ୍ୟମରେ ଦର୍ଶାଇଥିଲେ। ପ୍ରସିଦ୍ଧ କଳାକାର ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସହାୟକ ପ୍ରଫେସର ଡା. ଚକ୍ରଧର ବେହେରା ଏବଂ ରମାଦେବୀ ବିଶ୍ୱବିଦ୍ୟାଳୟର ଡା. ରେବତୀ ମହାରଣା ବିଚାରକ ଭୂମିକାରେ କାର୍ଯ୍ୟକ୍ରମକୁ ସଫଳ କରିବାରେ ନିଜର ବହୁମୂଲ୍ୟ ଯୋଗଦାନ ଦେଇଥିଲେ। ଭାଗ ନେଇଥିବା ପ୍ରତିଯୋଗୀମାନଙ୍କ ଭିତରୁ ୦୫ଟି ପ୍ରତିଯୋଗୀଙ୍କୁ [illegible] ସେମାନଙ୍କୁ ଡିଜିଟାଲ ପ୍ରମାଣପତ୍ର ପ୍ରଦାନ କରାଗଲା। ସମସ୍ତଙ୍କର ଭରପୂର ସହଯୋଗରେ କାର୍ଯ୍ୟକ୍ରମଟି ସମାପ୍ତ ହେଲା। ଶେଷରେ ଆୟୋଜନକୁ ବିଦ୍ୟାଳୟର ଉପ ପ୍ରାର୍ଚ୍ଚାଯ୍ୟ ଭୂପେନ୍ଦ୍ର ସିଂହ ଧନ୍ୟବାଦ ଜ୍ଞାପନ କରିଥିଲେ।

# ୨୦୦ ନିୟୁତ ଟନ୍ ପଣ୍ୟ ବୋଝେଇକୁ ମାତ୍ର ୨୯୫ ଦିନରେ ଅତିକ୍ରମ କଲା ପୂର୍ବତଟ ରେଳପଥ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳପଥ ୨୦୨୩-୨୪ ଆର୍ଥିକ ବର୍ଷରେ ମାଲ ପରିବହନରେ ଭାରତୀୟ ରେଳର ସମସ୍ତ ରେକର୍ଡକୁ ଅତିକ୍ରମ କରିଛି। ୧ ଏପ୍ରିଲ, ୨୦୨୩ ରୁ ୨୨ ଜାନୁୟାରୀ, ୨୦୨୪ ପର୍ଯ୍ୟନ୍ତ ଏହି ରେଳପଥ ୨୦୨.୧୧୧ ନିୟୁତ ଟନ୍ ପଣ୍ୟ ପରିବହନ କରିଛି ଯାହାକି ଗତ ଆର୍ଥିକ ବର୍ଷରେ ଅର୍ଥାତ ୨୦୨୨-୨୩ ଆର୍ଥିକ ବର୍ଷରେ ସମାନ ସମୟ ମଧ୍ୟରେ ୧୯୧.୩୯ ନିୟୁତ ଟନ୍ ସର୍ବାଧିକ ମାଲ୍ ଲୋଡିଂର ପୂର୍ବ ରେକର୍ଡକୁ ଭଙ୍ଗ କରିଛି। ଏହା ଦ୍ୱାରା ପୂର୍ବତଟ ରେଳପଥ କ୍ରମାଗତ ଭାବେ ପଞ୍ଚମ ଥର ପାଇଁ ୨୦୦ ନିୟୁତ ଟନ୍ ପଣ୍ୟ ବୋଝେଇର ମାଇଲଖୁଣ୍ଟ ଅତିକ୍ରମ କରିବାରେ ପ୍ରଥମ ରେଳ ଜୋନ୍ ଭାବେ ଧାରା ବଜାୟ ରଖିଛି। ପୂର୍ବତଟ ରେଳପଥର ତିନୋଟି ରେଳ ମଣ୍ଡଳ ଦ୍ୱାରା ହାସଲ ହୋଇଥିବା ଚମତ୍କାର ପ୍ରଦର୍ଶନରେ ବହୁ ଅବଦାନ ଦେଇଛି।

୨୦୨୩-୨୪ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥ ୧୨୧.୭୪୭ ନିୟୁତ ଟନ୍ କୋଇଲା, ୧୦.୬୫ ନିୟୁତ ଟନ୍‌ର କଞ୍ଚାମାଲ ଇସ୍ପାତ କାରଖାନାକୁ, ୧୬.୩୯୮ ନିୟୁତ ଟନ୍ ପିଗ୍ ଆଇରନ ଏବଂ ଉତ୍ପାଦ ଇସ୍ପାତ, ୨୪.୦୧୮ ନିୟୁତ ଟନ୍ ଲୁହାପଥର, ୧.୧୯୨ ନିୟୁତ ଟନ୍ ସିମେଣ୍ଟ, ୨.୪୧୫ ନିୟୁତ ଟନ୍‌ର ଖାଦ୍ୟ ଶସ୍ୟ, ୫.୨୩୫ ନିୟୁତ ଟନ୍ ସାର, ୨.୪୨୫ ନିୟୁତ ଟନ୍ ଖଣିଜ ତେଲ, କଣ୍ଟେନରରେ ୩.୭୭୪ ନିୟୁତ ଟନ୍ ମାଲ୍ ପରିବହନ ଏବଂ ୧୪.୩୫୮ ନିୟୁତ ଟନ୍‌ର ଅନ୍ୟାନ୍ୟ ସାମଗ୍ରୀ ବୋଝେଇ କରିଛି।

ବିଭିନ୍ନ ବାଧାବିଘ୍ନ ସତ୍ତ୍ୱେ ପୂର୍ବତଟ ରେଳପଥର ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏହାର ମାନବ ଶକ୍ତି ବ୍ୟବହାର ସହିତ ସରକାରୀ ଓ ଶିଳ୍ପ ସଂସ୍ଥା ସହିତ ଅନ୍ୟାନ ଭାଗିଦାରୀ ମାନଙ୍କ ସହିତ ସଠିକ ଯୋଜନା ଏବଂ ସମନ୍ୱୟ ଗଢି ଏହି ଉଲ୍ଲେଖନୀୟ ପଣ୍ୟ ବୋଝେଇ ହାସଲ କରାଯାଇଛି।

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମାଙ୍କ ନେତୃତ୍ୱରେ ଏହି ରେଳ ଜୋନ୍ ପଣ୍ୟ ପରିବହନ କ୍ଷେତ୍ରରେ ଦକ୍ଷତା ଅର୍ଜନ କରିଛି। ମହାପ୍ରବନ୍ଧକ ପ୍ରଥମ ଦିନରୁ ଏହାର କର୍ମଚାରୀଙ୍କୁ ଉତ୍ସାହିତ କରିବା ସହିତ ଏବଂ ପ୍ରୋତ୍ସାହନ ଦେଇ ଆସୁଛନ୍ତି। ସକାରାତ୍ମକ ମନୋଭାବ ଏବଂ ନିରନ୍ତର କଠିନ ପରିଶ୍ରମ ସହିତ ସଠିକ ଚିନ୍ତାବ୍ୟକ୍ତ ପୂର୍ବତଟ ରେଳପଥକୁ କଠିନ ମାଇଲଖୁଣ୍ଟ ଅତିକ୍ରମ କରିବାପାଇଁ ସହାୟକ ହୋଇପାରିଛି।

# ମାଳଦ୍ୱୀପ ଅଭିମୁଖେ ଚୀନର ଗୁପ୍ତଚର ଜାହାଜ, ବଢ଼ିଲା ଭାରତର ଚିନ୍ତା

**ନୂଆଦିଲ୍ଲୀ**

ଭାରତ ମହାସାଗରରେ ଚୀନର ହସ୍ତକ୍ଷେପ ବଢ଼ିବାରେ ଲାଗିଛି। ଚୀନର ଏକ ଗୁପ୍ତଚର ଜାହାଜ ଦ୍ରୁତ ଗତିରେ ମାଳଦ୍ୱୀପ ଆଡ଼କୁ ଗତି କରୁଛି। ମାଳଦ୍ୱୀପ ସରକାର ବି ଚୀନ ଜାହାଜ ଆସିବା ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ଚୀନ ଜାହାଜକୁ ସ୍ୱାଗତ କରିବ ବୋଲି ମାଳଦ୍ୱୀପ କହିଛି। ମାଳଦ୍ୱୀପ ଏକ ବିବୃତ୍ତି ଜାରି କରି କହିଛି ଯେ ଏହା ବନ୍ଧୁ ରାଷ୍ଟ୍ରର ଜାହାଜକୁ ସ୍ୱାଗତ କରୁଛି



। ମାଳଦ୍ୱୀପ ତା'ର ମାଲେ ବନ୍ଦରରେ ଚୀନ ଜାହାଜକୁ ସ୍ୱାଗତ କରୁଛି। ସେପଟେ ଭାରତୀୟ ନୌସେନା ଏହାର ଗତିବିଧି ଉପରେ ନଜର ରଖିଛି।

ମାଳଦ୍ୱୀପ ସରକାର ନିଶ୍ଚିତ କରିଛନ୍ତି ଯେ ଚୀନର ଜାହାଜ ଜିଆନ ୟାଙ୍ଗ ହଙ୍ଗ ୦୩ ମାଳଦ୍ୱୀପର ଜଳସୀମାରେ କୌଣସି ଗବେଷଣା କରିବ ନାହିଁ। ମାଳଦ୍ୱୀପ ଆହୁରି ମଧ୍ୟ କହିଛି ଯେ ଚୀନ ଜାହାଜ ରୋଟେସନ ଏବଂ ରିପ୍ଲେନିସମେଣ୍ଟ ପାଇଁ ପୂର୍ବରୁ ଅନୁମତି ମାଗିଥିଲା।

ମାଳଦ୍ୱୀପ ସରକାର କହିଛନ୍ତି ଯେ ତାଙ୍କ ଦେଶ ସବୁବେଳେ ବନ୍ଧୁ ରାଷ୍ଟ୍ରର ଜାହାଜ ପାଇଁ ଏକ ସ୍ୱାଗତଯୋଗ୍ୟ ସ୍ଥାନ ରହିଆସିଛି। ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟରେ ବନ୍ଦର ପରିଦର୍ଶନ କରୁଥିବା ଉଭୟ ବେସାମରିକ ଓ ସାମରିକ ଜାହାଜକୁ ଆମେ ଆୟୋଜନ କରୁଛୁ।

ଏଭଳି ଆହ୍ୱାନ ମାଳଦ୍ୱୀପ ଏବଂ ଏହାର ସହଯୋଗୀ ଦେଶମାନଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ବଢ଼ାଇଥାଏ। ଏହା ସହିତ ବନ୍ଧୁ ରାଷ୍ଟ୍ରର ଜାହାଜକୁ ସ୍ୱାଗତ କରିବାର ବହୁ ପୁରୁଣା ପରମ୍ପରାକୁ ମଧ୍ୟ ସେମାନେ ପ୍ରଦର୍ଶିତ କରିଥାନ୍ତି।

# ପୁରୁଣା ବସ୍ତ୍ରାଣ୍ଡ ବ୍ୟବସାୟୀ ସଂଘ ପକ୍ଷରୁ ହୋମଯଜ୍ଞ-ପ୍ରବଚନ ଓ ଭଜନ ସମାରୋହ

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଦୁଇ ନମ୍ବର ୟୁନିଟ୍ ସ୍ଥିତ ପୁରୁଣା ବସ୍ତ୍ରାଣ୍ଡ ବ୍ୟବସାୟୀ ସଂଘ ପକ୍ଷରୁ ପ୍ରଭୁ ଶ୍ରୀରାମ ଲାଲ୍‌ଙ୍କ ଅଯୋଧ୍ୟା ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ରୀତିନୀତି ଅନୁସାରେ ହୋମଯଜ୍ଞ, ପୂଜାପାଠ, ଶ୍ରୀରାମଚରିତ ମାନସ ପ୍ରବଚନ ଓ ଭଜନ ଆଦି ଦିବସବ୍ୟାପୀ କାର୍ଯ୍ୟକ୍ରମ ଉତ୍ସାହ ଉଦ୍ଦୀପନା ସହକାରେ ପାଳିତ ହୋଇଯାଇଛି। ସଂଘରର ସଭାପତି ଶିବ ପ୍ରସାଦ ପଣ୍ଡା ସମ୍ପାଦକ ଭଗବାନ ଜେନା ଓ ଭବାନୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲେ। ସକାଳୁ ପ୍ରଭୁ ରାମଲାଲାଙ୍କ ପୂଜାର୍ଚ୍ଚନା ସହ ହୋମଯଜ୍ଞ କାର୍ଯ୍ୟକ୍ରମ ଆରମ୍ଭ ବେଳେ ବହୁ





ସଂଖ୍ୟାରେ ଭକ୍ତ ଶ୍ରଦ୍ଧାଳୁ ସମବେତ ଭୋର ଦୀପ ଜାଳି ପ୍ରଭୁ ଶ୍ରୀରାମଙ୍କ ବନ୍ଦନା କରିଥିଲେ। ସନ୍ଧ୍ୟାରେ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରସିଦ୍ଧ କଣ୍ଠଶିଳ୍ପୀ ଅନୁସୟା ନାଥ, ଆଲୋକ କୁଣ୍ଡୁଙ୍କ ସମେତ ବହୁକଳାକାର ଭଜନ ପରିବେଷଣ କରିଥିଲେ। ସନ୍ଧ୍ୟା ସମୟରେ ପୂଜାମଣ୍ଡପରେ ଭକ୍ତମାନେ ଦୀପ ଜାଳିଥିଲେ ଏବଂ ଚିତ୍ତାକର୍ଷକ ଭକ୍ତିସଂଗୀତ ଓ ଭଜନ ପରିବେଷଣରେ ବିଭୋର ହୋଇଥିଲେ।

# ୨ ଫେରାର ଆସାମୀ ୱାରେଣ୍ଟ ବଳରେ ଗିରଫ

**ବାଲିଗୁଡ଼ା,ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କୋଟଗଡ଼ ଥାନା ପୁଲିସ ମଙ୍ଗଳବାର ଦୁଇ ଜଣ ଫେରାର ଆସାମୀଙ୍କୁ ୱାରେଣ୍ଟ ବଳରେ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ୨୦୦୮ କନ୍ଧମାଳ ଦଙ୍ଗା ମାମଲାରେ ସମ୍ପୃକ୍ତ ରହିଥିବା ଅଭିଯୋଗରେ ଦୁର୍ଗାପଙ୍ଗା ଗ୍ରାମର ନରସିଂହ ବଣିଆ ଜିଆର କେଶ ନଂ.୨୧୪/୦୮ ପ୍ରକାରେ ଏବଂ ସୁବର୍ଣ୍ଣଗିରି ଗ୍ରାମର ଆନନ୍ଦ ଚନ୍ଦ୍ର ବେରୁକ ଓରଫ ଟୁନା କେଶ ନଂ.୩୭/୧୪ ପ୍ରକାରେ ବୈବାହିକ ଜୀବନରେ ଗଣ୍ଡଗୋଳ ମାମଲାରେ ସମ୍ପୃକ୍ତି ରହି ଦୀର୍ଘ ଦିନ ହେଲା କୋର୍ଟରେ ହଜାର ନହୋଇ ଫେରାର ରହିଥିଲେ। କୌଣସି ସୂତ୍ରରୁ ଖବର ପାଇ ଏହି ଦୁଇ ଜଣଙ୍କୁ କୋଟଗଡ ପୁଲିସ ୱାରେଣ୍ଟ ବଳରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବିଷୟ କୋଟଗଡ଼ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଦୀପ କୁମାର ରାଉଳ ପ୍ରକାଶ କରିଛନ୍ତି।

# ଧର୍ମଘଟ ସତ୍ତ୍ୱେ ପ୍ରାଣୀ ସେବା ଅବ୍ୟାହତ

**କେନ୍ଦ୍ରାପଡ଼ା,ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ଏକ ଦୁଗ୍ଧ ଉତ୍ପାଦନ ସ୍ଥଳୀ ଭାବେ ରାଜ୍ୟରେ ପରିଗଣିତ । ଏଠାରେ ପ୍ରାୟ ଗାଈ-ଗୋରୁ, ବଳଦ, ମଇଁଷି ପ୍ରାୟ ସାଢେ ୪ ଲକ୍ଷ । ଛେଳି, ମେଣ୍ଢା, ଘୁଷୁରୀ ୧ ଲକ୍ଷରୁ ଉର୍ଦ୍ଧ୍ୱ ଏବଂ ଲକ୍ଷାଧିକ କୁକୁଡା ଅଛନ୍ତି । ଜିଲ୍ଲାରେ ଗତ ୧୮ ତାରିଖ ଠାରୁ ପ୍ରାଣୀ ଚିକିତ୍ସକଙ୍କର କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚାଲିଥିଲେ ମଧ୍ୟ ପ୍ରାଣୀଧନ ସେବା ଅବ୍ୟାହତ ରହିଛି । ଜିଲ୍ଲାର ୯ଟି ବ୍ଲକ ଓ ୨ଟି ପୌରାଞ୍ଚଳରେ ପ୍ରାଣୀ ସେବା ଅବ୍ୟାହତ ରହିଥିବା ଜଣାପଡିଛି । ଏହା କେବଳ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଓ କ୍ଷେତ୍ର କର୍ମଚାରୀଙ୍କ ପରିଶ୍ରମ ଚେଷ୍ଟା ଯୋଗୁଁ ସମ୍ଭବ ହୋଇଛି ବୋଲି ଚାଷୀ ମତ ପ୍ରକାଶ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହାପ୍ରଭୁଙ୍କୁ ଦର୍ଶନ...

ନିଆରା। ବାଇଶିପାହାଚରୁ ସାତପାହଚ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଥିବା ଦେବାଦେବୀଙ୍କୁ ହାତଯୋଡି ନମସ୍କାର କରିଥିଲେ । ରତ୍ନସିଂହାସନରେ ଦାରୁବିଗ୍ରହଙ୍କୁ ଦର୍ଶନ କରି ଆଶୀର୍ବାଦ ଲୋଡିବା ସହ ରାଜ୍ୟବାସୀଙ୍କ ସୁଖ ସମୃଦ୍ଧି କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହି ଅବସରରେ ସେବାୟତଙ୍କ ସହ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରର ବିକାଶ ନେଇ ଆଲୋଚନା ମଧ୍ୟ କରିଥିଲେ। ପ୍ରାୟ ୨୫ମିନିଟ ମନ୍ଦିରରେ ବିତାଇବା ପରେ ସିଂହଦ୍ୱାର ବାହାରକୁ ଆସିଥିଲେ ମୁଖ୍ୟମନ୍ତ୍ରୀ। ସିଂହଦ୍ୱାର ଗୁମୁଟରେ ପତିତପାବନଙ୍କ ସେବକ ମୁଖ୍ୟମନ୍ତ୍ରୀଙ୍କୁ ଠାକୁରଙ୍କ ଫୁଲ, ତୁଳସୀ ପ୍ରଦାନ କରିଥିଲେ। ଗୁମୁଟରେ କିଛି ସମୟ ଠିଆ ହୋଇ ବାହାରକୁ ଆସିଥିଲେ। ସିଂହଦ୍ୱାର ସମ୍ମୁଖରେ ପରିଚାଳନା କମିଟି ସେବାୟତ ପ୍ରତିନିଧି ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧ୍ୟକ୍ଷଙ୍କ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ କରିଥିଲେ। ଏହାପରେ ବ୍ୟାଟେରୀ ଗାଡିରେ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରିଥିଲେ ମୁଖ୍ୟମନ୍ତ୍ରୀ। ସାଥୀରେ ୫-ଟି ଅଧ୍ୟକ୍ଷ ଚାଲି ଚାଲି ବୁଲିଥିଲେ। ସିଂହଦ୍ୱାରରୁ ବାହାରି ଦକ୍ଷିଣ ଦ୍ୱାରକୁ ଯାଇଥିଲେ। ଦକ୍ଷିଣ-ପଶ୍ଚିମ କୋଣରେ ଗାଡିରୁ ଓହ୍ଲାଇ ଫଟୋ ଉଠାଇଥିଲେ ମୁଖ୍ୟମନ୍ତ୍ରୀ। ୫-ଟି ଅଧ୍ୟକ୍ଷ ପରିକ୍ରମା ପ୍ରକଳ୍ପ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ସବୁକିଛି ବୁଝାଇ କହୁଥିଲେ। ପ୍ରାୟ ୨୦ ମିନିଟ ପ୍ରଦକ୍ଷିଣ କରିବା ପରେ ପୁନଶ୍ଚ ଶ୍ରୀମାର୍ଗ ଦେଇ ଜେବିପିସିରେ ପହଞ୍ଚିଥିଲେ। ଶ୍ରୀମାର୍ଗର ଉଭୟ ପାର୍ଶ୍ୱରେ ସୁସଜ୍ଜିତ ରଙ୍ଗୀନ ଆଲୋକମାଳା, ଲଗାଯାଇଥିବା ମହାପ୍ରଭୁଙ୍କ ବିଭିନ୍ନ ବେଶ, ପ୍ରସ୍ତର କଳାକୃତି ଆଦି ଦେଖି ବେଶ୍ ଖୁସି ହୋଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଶ୍ରୀସେତୁ ଦେଇ ସଡ଼କ ପଥରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ।

### ୭ ମାସ ଭିତରେ...

ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ କହିଛନ୍ତି, ପାଠପଢା ସହ ଅନ୍ତର୍ନିହିତ ପ୍ରତିଭାର ବିକାଶ ହୋଇପାରିଲେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବ୍ୟକ୍ତିତ୍ୱର ବିକାଶ ହେବ। ଆଉ ଏହି ବ୍ୟକ୍ତିତ୍ୱ ବୃଦ୍ଧି କରିବାକୁ ଏହି ନୂଆ-ଓ କାର୍ଯ୍ୟକ୍ରମ ବୋଲି କହିଛନ୍ତି । କୌଣସି ପ୍ରତିଯୋଗିତାରେ ଜିତିବା ଅପେକ୍ଷା ଅଂଶଗ୍ରହଣ ଅତି ଗୁରୁତ୍ୱପୂର୍ଣ୍ଣ । ଏହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାମଗ୍ରିକ ବ୍ୟକ୍ତିତ୍ୱର ବିକାଶ କରିବାରେ ସହାୟକ ହେବ । ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବ୍ୟକ୍ତିତ୍ୱର ବିକାଶ ସହ ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଛାତ୍ରଛାତ୍ରୀ ସଫଳତା ହାସଲ କରିବାକୁ ଫିଟ ରହିବା ଜରୁରୀ। ଏଥିଲାଗି ପ୍ରତିଦିନ ୩୦ ମିନିଟ୍ ଶାରୀରିକ ବ୍ୟାୟାମ କରିବାକୁ ହେବ। ଶାରୀରିକ ବ୍ୟାୟାମ ସହ ଦୈନିକ ମାନସିକ ୧୫ ମିନିଟ ଧ୍ୟାନ କରିବାକୁ ହେବ। ଦିନରାତି ଯିଏ ଏକା କରି ଖଟିବ ସିଏ ଉପରକୁ ଯିବ। ସଫଳତାର ମୂଳ ମନ୍ତ୍ର କଠିନ ପରିଶ୍ରମ, ଏହାର କୌଣସି ବିକଳ୍ପ ନାହିଁ। ୫ ବର୍ଷ ପରିଶ୍ରମ କଲେ ୫୦ ବର୍ଷ ଖୁସିରେ ରହିବେ। ଆପଣମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହେଲେ ଓଡ଼ିଶାର ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ କହିଥିଲେ। ରାମଗିରିରେ ଆୟୋଜିତ ସଭାରେ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ବିକାଶର ହିସାବ ଦେଇଥିଲେ। ସେ କହିଛନ୍ତି ଯେ, ୭ ମାସ ଭିତରେ ଗଜପତି ଜିଲ୍ଲାକୁ ପ୍ରାୟ ୧୨୦ କୋଟି ଟଙ୍କା ମିଳିଛି। ସ୍ଥାନୀୟ ନୀଳମଣି ଦୁର୍ଗା ମନ୍ଦିର ପଡ଼ିଆରେ ସେ କହିଛନ୍ତି ଯେ, ଗତ ମେ ୧୦ତାରିଖରେ ସେ ଆସି ୩୮୦ ଦରଖାସ୍ତ ପାଇଥିଲେ। ଏହା ମଧ୍ୟରୁ ୩୫୦ଟି ଦରଖାସ୍ତ ସମାଧାନ ହୋଇଛି । ଗୁମ୍ମାରେ ନୂଆ ସରକାରୀ ଡିଗ୍ରୀ କଲେଜକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଗୁମ୍ମା ହାଇସ୍କୁଲକୁ ହାୟର ସେକେଣ୍ଡାରୀ ସ୍କୁଲ କରିବାକୁ ମଞ୍ଜୁରୀ ମିଳିଛି। ପାରଳାଖେମୁଣ୍ଡିରେ ୪ଲେନ ବିଶିଷ୍ଟ ବାଇପାସ ରାସ୍ତା ପାଇଁ ୫୦କୋଟି ଟଙ୍କା, ପାରଳାଖେମୁଣ୍ଡି ଏସକେସିଜି କଲେଜର ଉନ୍ନତିକରଣ ପାଇଁ ୨କୋଟି ୨୫ଲକ୍ଷ ଟଙ୍କା, କାଶୀନଗର ଶ୍ରୀରାମ ଡିଗ୍ରୀ କଲେଜର ୫-ଟି ରୂପାନ୍ତରଣ ଲାଗି ୫୦ଲକ୍ଷ ଟଙ୍କା, ଗୁମ୍ମା ଏସସି ଏସଟି ବିଭାଗର ତୁମୁଲ ହାଇସ୍କୁଲ ପାଇଁ ୫୦ଲକ୍ଷ, କୃଷ୍ଣସାଗର ପାଇଁ ୩ କୋଟି ୧୦ଲକ୍ଷ, ରାମସାଗର ପାଇଁ ୩କୋଟି ୫୦ ଲକ୍ଷ, ଗଜପତି ସାଗର ଉନ୍ନତିକରଣ ପାଇଁ କୋଟିଏ ୪୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଗୁମ୍ମାରେ ମଡେଲ ବସଷ୍ଟାଣ୍ଡ କାମ ସରିଛି । ପିଇବା ପାଣି ପ୍ରତି ଘରେ ପାଇପ ଯୋଗେ ପହଞ୍ଚାଇବାକୁ କାମ ଆରମ୍ଭ ହେବ। ୭ମାସ ଭିତରେ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀ ପାଇଁ ୧୧୮ କୋଟି ୩୦ଲକ୍ଷ ମଞ୍ଜୁର କରାଯାଇଛି। ମନ୍ଦିର, ମସଜିଦ୍, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର ସମ୍ପର୍କୀତ ଦରଖାସ୍ତ ନେଇ ୧୦ଦିନ ଭିତରେ ଖୁସି ଖବର ପାଇବେ। ଗଜପତି ଜିଲ୍ଲାରେ ଲକ୍ଷ୍ମୀ ଯୋଜନାରେ ବସ ଚାଲିଛି। ଖୁବ ଶୀଘ୍ର ଭତ୍ତା ସହ ଆଶା, ଅଙ୍ଗନବାଡ଼ି ଦିଦି, ସ୍ୱଚ୍ଛ ସାଥୀଙ୍କ ଦରମା ବୃଦ୍ଧି ନେଇ ଖୁସି ଖବର ଦେବେ ମୁଖ୍ୟମନ୍ତ୍ରୀ। ପ୍ରତି ପଞ୍ଚାୟତରେ ବ୍ୟାଙ୍କସେବା ସୁବିଧା ମିଳିବ। ଗ୍ରାମାଞ୍ଚଳରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ନଥିବା ଲୋକଙ୍କୁ ବିଏସକେୱାଇ ନବୀନ କାର୍ଡ ପାଇଁ ଆବେଦନ କରନ୍ତୁ । ଗାଁର ପ୍ରତି ପରିବାରକୁ ମିଳିବ ସ୍ୱାସ୍ଥ୍ୟକାର୍ଡ । ଗରିବ ଜନତାଙ୍କ ପରିବାରରେ ବଡ଼ ରୋଗ ଆସିଲେ ଦୃଢ ଇଚ୍ଛାଶକ୍ତି ସହ ମୁକାବିଲା କରିବାକୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ସଶକ୍ତ କରୁଛନ୍ତି।

### ସ୍ୱାସ୍ଥ୍ୟସେବା କ୍ଷେତ୍ରରେ...

ବାଧାରେ ସମାପ୍ତ ହୋଇଛି। ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସଙ୍କ ପ୍ରତ୍ୟେକ ତ□ତ୍ତ୍ୱାବଧାନରେ ହୋଇଥିବା ଏହି ପରୀକ୍ଷାମୂଳକ ଡ୍ରୋନ୍ ଉଡ଼ାଣ ଏମ୍‌ସ ପରିସରରୁ ଆରମ୍ଭ ହୋଇ ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ଯାଇଥିଲା । ମାତ୍ର ୩୫ ମିନିଟ୍ ମଧ୍ୟରେ ଏହି ଡ୍ରୋନ୍ ୬୦ କିଲୋମିଟର ଅତିକ୍ରମ କରିଥିଲା। ପୁନର୍ବାର ଟାଙ୍ଗିରୁ ଉଡ଼ାଣ ଆରମ୍ଭ କରି ଏମ୍‌ସକୁ ପ୍ରତ୍ୟାବର୍ତ୍ତନ କରିଥିଲା । ମୋଟ ୧୨୦ କିଲୋମିଟରର ସଫଳ ଯାତ୍ରାକୁ ମାତ୍ର ଏକ ଘଣ୍ଟା ୧୦ ମିନିଟ୍ ମଧ୍ୟରେ ସମାପ୍ତ କରି ସଫଳତା ହାସଲ କରିଛି। ଏହି ଯାତ୍ରା କାଳରେ ଡ୍ରୋନ୍‌ରେ ଯୋଗାଣ ନିମନ୍ତେ ପ୍ରାୟ ୨ କିଲୋଗ୍ରାମ୍ ଓଜନର ରକ୍ତ ଏବଂ ଅନ୍ୟାନ୍ୟ ଔଷଧୀୟ ସାମଗ୍ରୀ ରଖାଯାଇଥିଲା ।ଡ୍ରୋନ ମାଧ୍ୟମରେ ଔଷଧ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ବିତରଣ ଗ୍ରାମାଞ୍ଚଳ, ଆଦିବାସୀ ଏବଂ ଅର୍ଦ୍ଧ ସହରାଞ୍ଚଳରେ ସ୍ୱାସ୍ଥ୍ୟ ସେବାକୁ ବୃଦ୍ଧି କରିବ। ଏହି ଡ୍ରୋନ ମାଧ୍ୟମରେ ଟିକା, ଅତ୍ୟାବଶ୍ୟକ ଔଷଧ, ରକ୍ତ ସହିତ ଅନ୍ୟାନ୍ୟ ଏକାଧିକ ପରୀକ୍ଷଣ ସାମଗ୍ରୀ ବହନ କରାଯାଇପାରିବ। ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଯୋଗାଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏମ୍‌ସ ଭୁବନେଶ୍ୱର ଓଡ଼ିଶାବାସୀଙ୍କ ଆବଶ୍ୟକ ସମୟରେ ତ୍ୱରିତ ସେବା ଯୋଗାଇଦେବା ନିମନ୍ତେ ଏପରି ପଦକ୍ଷେପ ଗ୍ରହଣ କରିଥିବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ମତବ୍ୟକ୍ତ କରିଛନ୍ତି। ଯେକୌଣସି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଡ୍ରୋନ ସେବା ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ। ଭୌଗୋଳିକ ପ୍ରତିବନ୍ଧକକୁ ଦୂର କରିବା ସହିତ ଜରୁରୀକାଳୀନ ଔଷଧ, ରକ୍ତ ନମୁନା, ରକ୍ତ ଆଦିକୁ ଦୁର୍ଗମ ଅଞ୍ଚଳରେ ଚିକିତ୍ସା ଯୋଗାଣକୁ ସୁନିଶ୍ଚିତ କରିବ। ଅନୁଷ୍ଠିତ ଏହି ପରୀକ୍ଷଣରେ ବ୍ୟବହୃତ ଡ୍ରୋନ୍ ପ୍ରାୟ ୫କେଜି ପର୍ଯ୍ୟନ୍ତ ସାମଗ୍ରୀ ବହନ କରିବା କ୍ଷମତାସମ୍ପନ୍ନ। ଏଥିସହିତ ଏହା ପ୍ରାୟ ୧୬୦ କିମି ପର୍ଯ୍ୟନ୍ତ ଯାତ୍ରା କରିପାରିବ। ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ପଦକ୍ଷେପ ଅନୁଯାୟୀ, ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକଙ୍କ ପାଇଁ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ସୁଦୃଢ଼ କରିବା ନିମନ୍ତେ ଏହି ପ୍ରୟୋଗ କରାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଡ. ସୋନୁ ଏଚ୍ ସୁବା, ଡ. ପ୍ରିୟମାଧବ ବେହେରା, ଡ. ଅଭିଷେକ ମିଶ୍ର, ଡ. ସତ୍ୟପ୍ରକାଶ, ଡ. ଅଂଶୁମାନ ସାହୁ, ଭାରପ୍ରାପ୍ତ ଡିଡିଏ ରଶ୍ମିରଂଜନ ସେଠି ପ୍ରମୁଖ ଉପସ୍ଥିତ ଥିଲେ।

# ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ଆଠଗଡ଼ରେ ଆଧ୍ୟାତ୍ମିକ ପରିବେଶ

**ଆଠଗଡ଼,ନ୍ୟୁଜ୍‌ବ୍ୟୁରୋ**

ବହୁଘାତ ପ୍ରତିଘାତର ଅନ୍ତ ଘଟିଛି। ରାମ ଜନ୍ମଭୂମି ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଛି। ଏହି ପ୍ରାଣ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ସାରା ବିଶ୍ୱ ରାମମୟ ହୋଇପଡିଥିବା ବେଳେ ଆଠଗଡ଼ ନିର୍ବାଚନ ମଣ୍ଡଳୀ ମଧ୍ୟ ପ୍ରେମମୟ ଓ ରାମମୟ ହୋଇଉଠିଛି। ୫୦୦ ବର୍ଷର ଅପେକ୍ଷା ଅଦାଲତି ଲଢେଇ ପରେ ରାମଜନ୍ମ ଭୂମିରେ ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ ପ୍ରାଣ ପ୍ରତିଷ୍ଠା ହୋଇପାରିଛି। ଆଉ ଏହାର ମୁଖ୍ୟ ପୁରୋଧା ଥିଲେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ସାରା ଦେଶ ତଥା ବିଶ୍ୱ ଆଜି ରାମମୟ ହୋଇପଡିଛି। ଏହି ଅବସରରେ ଆଠଗଡ଼ ନିର୍ବାଚନ ମଣ୍ଡଳୀର ଆଠଗଡ଼ର ରଘୁନାଥ ମନ୍ଦିର କୁଲାଇଲୋର ରାମ ମନ୍ଦିର ସମସରପୁର ଗ୍ରାମର ରାମ ମନ୍ଦିର ମଞ୍ଜୀରିପଦା ଗ୍ରାମର ରାମ ମନ୍ଦିର ଏବଂ ତିଗିରିଆ ବ୍ଲକର ଅଚଳକୋଟ ପଞ୍ଚାୟତର ରଘୁନାଥ ମନ୍ଦିରରେ ଭବ୍ୟ ଆୟୋଜନ କରାଯାଇଥିଲା। ଆଠଗଡ଼ ରଘୁନାଥ ମନ୍ଦିରକୁ ବିଭିନ୍ନ ଫୁଲ ଓ ଆଲୋକରେ ସୁସଜ୍ଜିତ କରିବା ସହିତ ୧୦୮ ହନୁମାନ ଚାଳିଶା ରାମନାମ ଜପ କରିବା ସହିତ ବିରାଟ ଆନନ୍ଦ ବଜାରର ଆୟୋଜନ କରାଯାଇଛି। ଏଥି ସହିତ ସନ୍ଧ୍ୟାରେ ଜଗନ୍ନାଥ କୃପା ପରିଷଦ ଦ୍ୱାରା ଭଜନ ପରିବେଷଣ କାର୍ଯ୍ୟକ୍ରମ ସାଙ୍ଗକୁ ଏହି କାର୍ଯ୍ୟକ୍ରମକୁ ଯେଉଁମାନେ ସୂଚାରୁ ରୂପେ ତୁଲାଇ ଥିଲେ। ସେହି ସଂସ୍ଥାର ମୁଖ୍ୟମାନଙ୍କୁ ଆଠଗଡ଼ର ସାଇ ଦିଲ୍ଲୀପ ମୋବାଇଲ ତରଫରୁ ଉତ୍ତରୀୟ ଓ ଫଙ୍କେକ କମ୍ପାନୀର ଇୟରଫୋନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କୁଲାଇଲୋ ରାମ ମନ୍ଦିରରେ ୧୦୮ ହନୁମାନ ଚାଳିଶା ସହିତ ଭଜନ କୀର୍ତ୍ତନ ଏବଂ ରାତିରେ ରାମ ଅଭିଷେକ ଗୀତିନାଟ୍ୟ ପରିବେଷଣ କରିଛି। ସମସର ପୁର ଗ୍ରାମରେ ୧୦୮ ହନୁମାନ ଚାଳିଶା ସହିତ ହୋମ ଯଜ୍ଞ କାର୍ଯ୍ୟକ୍ରମ ହୋଇଛି। ମଞ୍ଜୀରିପଦା ଗ୍ରାମରେ ଅମରେଶ୍ୱର ନାଟ୍ୟ ପରିଷଦ ପକ୍ଷରୁ ୧୦୮ ହନୁମାନ ଚାଳିଶା ସହିତ ହୋମ ଯଜ୍ଞ କରିବା ସହିତ ମାନବ ରୂପରେ ରାମ ଲକ୍ଷ୍ମଣ ସୀତା ହନୁମାନଙ୍କୁ ସଜ୍ଜିତ କରାଇ ଗ୍ରାମ ପରିକ୍ରମା କରାଇ ଭଜନ କୀର୍ତ୍ତନ କରାଯାଇଛି। ସେହିପରି ତିଗିରିଆ ବ୍ଲକ ଅଚଳକୋଟ ଗ୍ରାମ ରଘୁନାଥ ଜିଉ ରାମଲୀଳା ନାଟ୍ୟ ପରିଷଦ ପକ୍ଷରୁ ସକାଳୁ ୧୦୮ କଳସ ଯାତ୍ରା ୧୦୮ ହନୁମାନ ଚାଳିଶା କରାଯିବା ସହିତ ସନ୍ଧ୍ୟାରେ ରାମ ଅଭିଷେକ ଗୀତିନାଟ୍ୟ ପରିବେଷଣ କରିବାର କାର୍ଯ୍ୟକ୍ରମ ହୋଇଛି। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ନିଜ ଜନ୍ମଭୂମି ଅଯୋଧ୍ୟାରେ ପ୍ରାଣ ପ୍ରତିଷ୍ଠା କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଆଠଗଡ଼ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣ ଘର ଦାଣ୍ଡରେ ଚିତା ଝୋଟି ଦୀପ ଜଳାଇ ପୂର୍ଣ୍ଣକୁମ୍ଭ ସ୍ଥାପନ କରିବା ସହିତ କଦଳୀ ଗଛ ବାନ୍ଧି ଗ୍ରାମରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଛନ୍ତି। ସମସ୍ତଙ୍କ ମନରୁ ବାହାରି ଆସୁଛି ଜୟ ଶ୍ରୀରାମର ଧ୍ୱନି। ହଁ ଆଜ୍ଞା ସତେ ଯେମିତି ଆଜି ଠାରୁ ଆମ ଦେଶ ରାମ ରାଜ୍ୟ ରେ ପରିଣତ ହୋଇ ଯାଇଛି। ଆଉ ଏହି ପ୍ରାଣ ପ୍ରତିଷ୍ଠାକୁ ଛୁଆ ଠାରୁ ବୁଢ଼ା ପର୍ଯ୍ୟନ୍ତ ରାମ ନାମରେ ବିଭୋର ହୋଇ ନିଜ ନିଜର ଘରେ ପ୍ରଭୁ ଶ୍ରୀରାମଙ୍କ ଶରଣାଗତ ହେଉଥିବା ଦେଖିବାକୁ ମିଳିଛି। ଅଖଣ୍ଡ ଭାରତରେ ରାମ ନାମରେ ବିମୋହିତ ସାରା ଭାରତ ବାସୀଭାରତ ତ ନୁହେଁ ଯଦି ବିଶ୍ୱ କଥା କହିବା ତେବେ ଆମେରିକାରେ ମଧ୍ୟ ଜୟ ଶ୍ରୀରାମର ଧ୍ୱନିରେ ପ୍ରକମ୍ପିତ ଭାରତର ପ୍ରଧାନ ସେବକ ଭାବରେ ଆମ ଦେଶର ପ୍ରଧାନମନ୍ତ୍ରୀଙ୍କ ଏହି ଲକ୍ଷ୍ୟ ସାଧନାକୁ ସଲାମ କଲେ ବିପକ୍ଷରୁ ବିରୋଧୀ ଆଉ ସପକ୍ଷରୁ ସନ୍ୟାସୀ ଯାହାକୁ ନେଇ ଆଜି ଗର୍ବ ଅନୁଭବ କରୁଛନ୍ତି ଆମ ଦେଶ ର ଆବାଳ ବୃଦ୍ଧ ବନିତା।

# ୧୦୮ଟି ସ୍ଥାନରେ ସୂର୍ଯ୍ୟ ନମସ୍କାର



ନୂଆବର୍ଷର ପ୍ରଥମ ଦିନରେ ଗୁଜରାଟବାସୀ ଏକ ନିଆରା କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ସେଠାରେ ୧୦୮ଟି ଭିନ୍ନ ଭିନ୍ନ ସ୍ଥାନରେ ୫୦ ହଜାରରୁ ଅଧିକ ଲୋକ ଏକସଙ୍ଗରେ ନୂଆବର୍ଷରେ ଗୁଜରାଟରେ ଗିନିଜ୍ ରେକର୍ଡ ସୂର୍ଯ୍ୟ ନମସ୍କାର କରିଥିଲେ। ଏହାକୁ ଗିନିଜ୍ ରେକର୍ଡରେ ସାମିଲ କରାଯାଇଛି। ମୁଖ୍ୟ କାର୍ଯ୍ୟକ୍ରମ ମୋଢ଼େରାସ୍ଥିତ ସୂର୍ଯ୍ୟମନ୍ଦିରରେ ଆୟୋଜିତ ହୋଇଥିଲା। ସେଠାରେ କେବଳ ୪ ହଜାରରୁ ଅଧିକ ଲୋକେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସେମାନଙ୍କ ମଧ୍ୟରେ ଛାତ୍ର ଛାତ୍ରୀ, ଯୋଗପ୍ରେମୀ, ବିଭିନ୍ନ ସଂଗଠନ ଓ ବରିଷ୍ଠ ନାଗରିକ ରହିଥିଲେ । ମୋଢ଼େରାର ମେଗା କାର୍ଯ୍ୟକ୍ରମ ସମୟରେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଏବଂ ଗୃହମନ୍ତ୍ରୀ ହର୍ଷ ସାଙ୍ଘଭି ବି ଉପସ୍ଥିତ ରହିଥିଲେ।

ଗୁ ଜରାଟବାସୀଙ୍କ ଏହି ଉଦ୍ୟମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ ପ୍ରଶଂସା କରିଛନ୍ତି । ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ସେ ଲେଖିଛନ୍ତି, ଏକ ଉଲ୍ଲେଖନୀୟ ଉପଲବ୍ଧି ସହିତ ଗୁଜରାଟ ନୂଆବର୍ଷକୁ ସ୍ୱାଗତ କରିଛି। ୧୦୮ଟି ସ୍ଥାନରେ ଏକ ସଙ୍ଗରେ ସବୁଠୁ ଅଧିକ ଲୋକଙ୍କ ଦ୍ୱାରା ସୂର୍ଯ୍ୟ ନମସ୍କାର କରାଯିବାର ବିଶ୍ୱ ରେକର୍ଡ ସ୍ଥାପିତ ହୋଇଛି। ସେହିପରି ସୂର୍ଯ୍ୟ ନମସ୍କାରକୁ ନିଜର ଦୈନନ୍ଦିନ ରୁଟିନ୍‌ରେ ସାମିଲ କରିବାକୁ ସେ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ମଧ ଏହି ଅବସରରେ ଗୁଜରାଟବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ରାଜ୍ୟ ଗୃହମନ୍ତ୍ରୀ ହର୍ଷ ସାଙ୍ଘଭି କହିଛନ୍ତି, ସାରା ବିଶ୍ୱ ପରମ୍ପରାଗତ ଭାବେ ୩୧ ତାରିଖ ମଧରାତି ରେ ନୂଆବର୍ଷକୁ ସ୍ୱାଗତ କରୁଥିବାବେଳେ ଗୁ ଜରାଟବାସୀ ଏକ ନିଆରା କାର୍ଯ୍ୟ ସହ ନୂଆବର୍ଷର ଆରମ୍ଭ କରିଛନ୍ତି। ଯୋଗକୁ ସାରା ବିଶ୍ୱର ଲୋକେ ଗ୍ରହଣ କରୁଛନ୍ତି । ଏହା କେବଳ ଶରୀରରେ ଶକ୍ତି ସଞ୍ଚାର କରେନାହିଁ, ବରଂ ଏକ ସୁସ୍ଥ, ଅଧିକ ସକ୍ରିୟ ଜୀବନ ପ୍ରତି ପ୍ରତିବଦ୍ଧତାକୁ ପ୍ରୋତ୍ସାହିତ କରିଥାଏ । ଏହା ପୂର୍ବରୁ ୨୦୨୩ରେ ସୁରଟରେ ଏକ ସଙ୍ଗରେ ଲକ୍ଷାଧିକ ଲୋକ ଯୋଗ କରି ବିଶ୍ୱ ରେକର୍ଡ କରିଥିଲେ ।

# ନୂଆବର୍ଷରେ ନିଅନ୍ତୁ ନୂଆ ସଂକଳ୍ପ



ପ୍ରତିଥର ନୂଆବର୍ଷ ଆସିଲେ ଅନେକେ କିଛି ନୂଆ କାର୍ଯ୍ୟ କରିବାର ସଂକଳ୍ପ ନେଇଥାନ୍ତି। କିଏ ନିଜକୁ ଫିଟ୍ ରଖିବାକୁ ପ୍ରତିଦିନ ବ୍ୟାୟାମ କରିବାକୁ ସଂକଳ୍ପ ନିଅନ୍ତି ତ ଆଉ କିଏ ଅଯଥାରେ ସମୟ ନଷ୍ଟ ନ କରି ପଢ଼ାପଢ଼ିରେ ମନ ଦେବାକୁ ଚିନ୍ତା କରିଥାନ୍ତି। ସେହିପରି ଆଉ କେହି କେହି ଜଙ୍କ୍‌ଫୁଡ୍ ଛାଡ଼ି ସନ୍ତୁଳିତ ଖାଦ୍ୟ ଖାଇବାକୁ ନିଷ୍ପତ୍ତି ନେଇଥାନ୍ତି। ଏମିତି ଗୋଟି ଗୋଟି କରି ଦେଖିଲେ ନୂଆବର୍ଷରେ ସଂକଳ୍ପ ନେବାର ତାଲିକା ବହୁ ଲମ୍ବା ହୋଇଯିବ। କିନ୍ତୁ ଏଠାରେ ଗୋଟେ ପ୍ରଶ୍ନ ଉଠୁଛି ଯେ, ନୂଆବର୍ଷରେ ନୂଆ ସଂକଳ୍ପ ନେଇଥିବା ବ୍ୟକ୍ତିମାନେ ବର୍ଷ ସାରା ସେହି କଥା ମାନି ଚଳୁଛନ୍ତି ନା ନାହିଁ। ମନୋବିଜ୍ଞାନୀଙ୍କ ମତରେ, ନୂଆବର୍ଷକୁ ସୁଖମୟ କରିବା ପାଇଁ କୌଣସି ସଂକଳ୍ପ ନୁହେଁ ବରଂ ନିଜର ସ୍ୱଭାବ ଉପରେ ଟିକେ ନଜର ଦେବା ଜରୁରୀ। ଯେମିତିକି: ଈଶ୍ୱରବିଶ୍ୱାସୀ ହେବା, ମନରେ ଗର୍ବ-ଅହଂକାର-ହିଂସା ନ ରଖି ଉଦାରଭାବ ରଖିବା, ନିଜକୁ ଭଲପାଇବା ସହ ଅନ୍ୟଙ୍କୁ ବି ଭଲପାଇବା ଦେବା, ମୁହଁରେ ସର୍ବଦା ହସହସ ଭାବ ରଖିବା, ନିଜର ଓ ଅନ୍ୟମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହେବା, ମନରେ ସବୁବେଳେ କିଛି ନୂଆ ଶିଖିବାର ଆଗ୍ରହ ରଖିବା, ସୁଶିକ୍ଷା ଦେଉଥିବା ବହି ପଢ଼ିବାର ଅଭ୍ୟାସ ଜାରି ରଖିବା, ତା'ସହ ବୁଝିବିଚାରି ସବୁକଥାର ନିଷ୍ପତ୍ତି ନେବା ଇତ୍ୟାଦି। ଏହିସବୁ ଅଭ୍ୟାସକୁ ଯଦି ଜଣେ ବ୍ୟକ୍ତି କେବଳ ନୂଆବର୍ଷ ପାଇଁ ନୁହେଁ ଜୀବନସାରା ମାନନ୍ତି, ତା'ହେଲେ ଜୀବନ ସୁଖମୟ ହେବ।

# ଆମେରିକା, ୟୁରୋପରେ ସୋରିଷ ତେଲରେ ରାନ୍ଧିବା ନିଷେଧ

ରୋଷେଇରେ ତେଲର ଅନେକ ବିକଳ୍ପ ଅଛି। ଯେମିତି କି ସୋରିଷ ତେଲ, ଅଲିଭ୍ ତେଲ, ଅଳସୀ ତେଲ, ନଡ଼ିଆ ତେଲ, ମୁଗଫଳି ତେଲ, ପାମୋଲିନ ତେଲ ଇତ୍ୟାଦି। କିନ୍ତୁ ଭାରତ ସମେତ ବିଶ୍ୱର ଅଧିକାଂଶ ଦେଶରେ ଲୋକମାନେ ରୋଷେଇ ପାଇଁ ସୋରିଷ ତେଲ ବ୍ୟବହାର କରନ୍ତି। ଏହା ସବୁଠାରୁ ସୁରକ୍ଷିତ ବିକଳ୍ପ ଭାବରେ ବିବେଚନା କରାଯାଏ କିନ୍ତୁ ଖୁବ୍ କମ ଲୋକ ଜାଣିଥିବେ ଯେ, ଆମେରିକାରେ ସୋରିଷ ତେଲ ସହିତ ରାନ୍ଧିବା ନିଷେଧ। ତେବେ ଏହି ଦେଶର ଲୋକେ କେଉଁ ତେଲରେ ରୋଷେଇ କରି ଖାଇଥାନ୍ତି ସେ ସମ୍ପର୍କରେ ଜାଣନ୍ତୁ...

ସୋରିଷ ତେଲରେ ଅନେକ ଔଷଧୀୟ ଗୁଣ ରହିଛି। ଏହା ଆଣ୍ଟି-ବ୍ୟାକ୍ଟେରିଆଲ, ଆଣ୍ଟିଫଙ୍ଗାଲ ଏବଂ ଆଣ୍ଟିଭାଇରାଲ। ଏହି ତେଲ ଶରୀରରୁ ଯନ୍ତ୍ରଣା ଏବଂ ଫୁଲା କମାଏ। ଯଦି କାହାର ଗଣ୍ଠି ଯନ୍ତ୍ରଣା ହୁଏ, ତେବେ ଏହାକୁ ଗରମ କରି ଲଗାଇବା ଦ୍ୱାରା ଯନ୍ତ୍ରଣା ଶୀଘ୍ର ଦୂର ହୋଇଥାଏ। ସୋରିଷ ତେଲ ସୁସ୍ଥ କେଶ ଏବଂ ଚର୍ମ ପାଇଁ ମଧ ବହୁତ ଲାଭଦାୟକ। ଏହି ତେଲ ଭାରତର ପ୍ରାୟ ପ୍ରତ୍ୟେକ ଘରେ ରୋଷେଇ ପାଇଁ ବ୍ୟବହୃତ ହୁଏ। କିନ୍ତୁ ଆମେରିକାରେ ଏହା ନିଷେଧ।

ଆମେରିକାର ଖାଦ୍ୟ ଏବଂ ଔଷଧ ପ୍ରଶାସନ ସୋରିଷ ତେଲକୁ ଖାଇବା ତେଲ ଭାବରେ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇଛି। ବିଭାଗର ସୂଚନାନୁସାରେ, ଏହି ତେଲରେ ଥିବା ଇରୁକିକ୍ ଏସିଡ୍ (ସୋରିଷ ତେଲରେ ଇରୁକିକ୍ ଏସିଡ) ବହୁତ ଅଧିକ। ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଇରୁକିକ୍ ହେଉଛି ଏକ ଫ୍ୟାଟି ଏସିଡ୍ ଯାହା ଭଲ ମେଟାବୋଲିଜଡ୍ ହୋଇ ନ ଥାଏ। ମସ୍ତିଷ୍କ କୋଷ ପାଇଁ ଏହା ଭଲ ନୁହେଁ। ସ୍ମୃତି ଶକ୍ତି ହ୍ରାସ କରେ ଏବଂ ଶରୀରରେ ଚର୍ବି ଜମା ବୃଦ୍ଧି କରିଥାଏ। ଆମେରିକା ବ୍ୟତୀତ ୟୁରୋପୀୟ ୟୁନିୟନ ଏବଂ କାନାଡାରେ ରାନ୍ଧିବା ପାଇଁ ଏହାର ବ୍ୟବହାର ଉପରେ ମଧ ନିଷେଧାଦେଶ ରହିଛି।



ଆମେରିକାରେ ବିକ୍ରି ହେଉଥିବା ସୋରିଷ ତେଲର ସମସ୍ତ ପାତ୍ରରେ କେବଳ ବାହ୍ୟ ବ୍ୟବହାର ଅଛି। ଏହାର ଅର୍ଥ ଏହା କେବଳ ଶରୀରରେ ବ୍ୟବହାର କରାଯାଇପାରିବ ଏବଂ ଏହାକୁ ଖାଇହେବ ନାହିଁ। ବର୍ତ୍ତମାନ ଆପଣ ନିଶ୍ଚିତ ଭାବରେ ଭାବୁଥିବେ, ତେବେ କେଉଁ ତେଲରେ ଖାଦ୍ୟ ରନ୍ଧାଯାଏ ସୋୟାବିନ ତେଲରେ ଓମେଗା ଏବଂ ଓମେଗା ଫ୍ୟାଟି ଏସିଡ୍ ଥାଏ, ଯାହା କୋଲାଜେନକୁ ପ୍ରୋତ୍ସାହିତ କରିଥାଏ। ଏହା ଶରୀର ଏବଂ ଚର୍ମରେ ନମନୀୟତା ଆଣିଥାଏ। ମୁଖର କୁଞ୍ଚନ କମିଯାଏ। ଏହା ମସ୍ତିଷ୍କ ବିକାଶରେ ସହାୟକ ହୋଇଥାଏ। ସୋୟା ତେଲରେ ଭିଟାମିନ ଇ ମଧ ପ୍ରଚୁର ପରିମାଣରେ ରହିଥାଏ ଯାହା ସୁସ୍ଥ ଚର୍ମ ଏବଂ କେଶ ପାଇଁ ଜରୁରୀ ଅଟେ।

# ମନଖୋଲି ଏସବୁ ସ୍ଥାନରେ ଖର୍ଚ୍ଚ କରନ୍ତୁ ଟଙ୍କା : ସୌଭାଗ୍ୟ ବଢ଼ିବ

ଆଚାର୍ଯ୍ୟ ଚାଣକ୍ୟଙ୍କ ନୀତିଶାସ୍ତ୍ର ଆଜି ବି ପ୍ରାସଙ୍ଗିକ। ଏଥିରେ ଜୀବନକୁ ସରଳ କରିବା ଲାଗି ଅନେକ ନୀତି ବିଷୟରେ ବର୍ଣ୍ଣନା କରାଯାଇଛି। ସେଥିରୁ ଗୋଟିଏ ହେଲା ଧନ ଖର୍ଚ୍ଚ କରିବା। ଚାଣକ୍ୟ କୁହନ୍ତି, କେଉଁଠି ଖର୍ଚ୍ଚ କରିବେ, ନ କରିବେ ତାହା ଜାଣି ରଖିବା ଉଚିତ। ନଚେତ ପଶ୍ଚାତାପ କରିବା ସାର ହେବ।



**ରୋଗୀଙ୍କୁ ସହାୟତା:** ଚାଣକ୍ୟ କୁହନ୍ତି ଗରିବ ରୋଗଗ୍ରସ୍ତ ଲୋକଙ୍କ ସହାୟତା କରିବା ଲାଗି ଯେତିକି ହୋଇପାରିବ କରନ୍ତୁ। ଏଭଳି କରିଲେ ଭଗବାନ ପ୍ରସନ୍ନ ହେବା ସହ ସମାଜରେ ମାନ ସମ୍ମାନ ବୃଦ୍ଧି ପାଇଥାଏ।

**ଦରିଦ୍ରଙ୍କୁ ସହାୟତା:** ସର୍ବଦା ଗରିବ ଏବଂ ଆବଶ୍ୟକତା ଲୋକଙ୍କ ସହାୟତା କରିବା ଉଚିତ। ଚାଣକ୍ୟ କୁହନ୍ତି, ଏପରି କଲେ ପୂଣ୍ୟ ମିଳେ। ଏଥିପାଇଁ ଆପଣ ଗରିବ ଶିଶୁଙ୍କ ଶିକ୍ଷାରେ ଧନ ଖର୍ଚ୍ଚ କରିପାରିବେ। ଏପରି କଲେ ଭଗବାନ ପ୍ରସନ୍ନ ହୋଇଥାନ୍ତି।

**ସାମାଜିକ କାର୍ଯ୍ୟ:** ଚାଣକ୍ୟ କୁହନ୍ତି, ଯାହା ବି ରୋଜଗାର କର ତାର କିଛି ଅଂଶ ସାମାଜିକ କାର୍ଯ୍ୟରେ ଲଗାଇବା ଉଚିତ। ଏହାଛଡ଼ା ଡାକ୍ତରଖାନା ଏବଂ ସ୍କୁଲ ଆଦିକୁ ଦାନ କରିପାରିବେ। ଏହାଦ୍ୱାରା ସୌଭାଗ୍ୟ ବୃଦ୍ଧି ପାଇଥାଏ। ଏଥିସହ ସମାଜରେ ପ୍ରତିଷ୍ଠା ବଢ଼ିଥାଏ।

**ଧର୍ମସ୍ଥଳ ପାଇଁ ଦାନ:** ଚାଣକ୍ୟ କୁହନ୍ତି ଧର୍ମ ସ୍ଥଳରେ ଦାନ କରିବା ଦ୍ୱାରା ଜୀବନରେ ସକାରାତ୍ମକତା ବୃଦ୍ଧି ପାଇଥାଏ। ଫଳରେ ନିଜ ସହ ପରିବାରରେ ସୁଖ ସମୃଦ୍ଧି ମଧ ବୃଦ୍ଧି ପାଇଥାଏ।

# ମୁହଁରେ ଦେଶୀ ଘିଅ ଲଗାଇଲେ ଯୁବା ଦିଶିବ ତ୍ୱଚା



ଶରୀରର ରଂଗ ଯେପରି ବି ହେଉ, କିଛି ଫରକ ପଡ଼େନା। ମାତ୍ର ଚେହେରାରେ ସାମାନ୍ୟ ଦାଗ ବିଷାଦର କାରଣ ବନିଯାଏ। ମୁଖମଣ୍ଡଳରେ ଯଦି ଦାଗ କିମ୍ବା ଆଖି ତଳ କଳା ପଡ଼ିବା ପରି ସମସ୍ୟା ଉପୁଜେ ତ ମନ ବିଷାଦଗ୍ରସ୍ତ ହୋଇଯାଏ।

ଏହି ଦାଗ ଓ ଆଖି ତଳ କଳା ପାଇଁ ଲୋକମାନେ ସେମାନଙ୍କ ବୟସଠାରୁ ବୟସ୍କ ଦେଖାଯିବା ଆରମ୍ଭ କରନ୍ତି। ପ୍ରଦୂଷଣ, ମାନସିକ ଚାପ, ଖାଇବା ଅଭ୍ୟାସ, ଶୋଇବା ଶୈଳୀ ଏବଂ ପାଣିପାଗ ଆମ ଚର୍ମ ଉପରେ ଢେର ପ୍ରଭାବ ପକାଇଥାଏ। ତେଣୁ ଆଖି ତଳ କଳା ପଡ଼ିବା ଚର୍ମର ଏକ ସାଧାରଣ ସମସ୍ୟା। ଯଦିଓ ଏଥିପାଇଁ ଘରୋଇ ଉପଚାର ଅଛି, କିନ୍ତୁ ସଠିକ୍ ପଦ୍ଧତି ଜାଣି ନ ଥିବାରୁ ଆମେ ତାହାର ଲାଭ ଉଠାଇ ପାରନ୍ତି ନାହିଁ।

ଚର୍ମକୁ କିପରି ଶକ୍ତ କରିବେ ଚର୍ମକୁ ଲୋଚାକୋଚା ହେବାରୁ ବଞ୍ଚାଇବାକୁ ଘରୋଇ ଉପଚାରର ଆବଶ୍ୟକତା ରହିଛି। ତେଣୁ ଆଜି ଆମେ ଆପଣଙ୍କୁ ଏପରି ଏକ ଘରୋଇ ଉପଚାର ବିଷୟରେ କହିବାକୁ ଯାଉଛୁ ଯାହା ଚେହେରାର ଉଜ୍ଜ୍ୱଳତା ବଢ଼ାଇବାରେ ସାହାଯ୍ୟ କରିବ। ଆମେ କହୁଛି ଖାଣ୍ଟି ଗୁଆ ଘିଅ ବିଷୟରେ। ଏହାକୁ ଚେହେରାରେ ଲଗାଇଲେ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇଥାଏ। ଖାଲି ସେତିକି ନୁହେଁ, ଏହାକୁ ଆଖି ଚାରିପାଖରେ ଗୋଲ ଗୋଲ କରି ବୁଲେଇ ଲଗାଇବା ଦ୍ୱାରା ଆଖି ଚାରିପାଖ କଳା ପଡ଼ିବା ବି କମ୍ ହୋଇଥାଏ। ଏହାକୁ ଗାଧୋଇବା ବେଳେ ନାଭିରେ ଲଗାଇ ଗାଧୋଇଲେ ମୁଖମଣ୍ଡଳର ଉଜ୍ଜ୍ୱଲ୍ୟ ବଢ଼େ।

## ହେଲ୍‌ଥ ଟିପ୍ସ: କୌଣସି ହାଡ଼ ପାଇଁ ପ୍ରଭାବଶାଳୀ ହୋଇଥାଏ ବେସାଲ ଇମ୍‌ପ୍ଲାଣ୍ଟ

ହନୁ ହାଡ଼ରେ ଦାନ୍ତର ଇମ୍‌ପ୍ଲାଣ୍ଟଙ୍କୁ ଧାରଣ କରିବା ପାଇଁ ସ୍ୱତନ୍ତ୍ରଭାବେ ବେସାଲ ଇମ୍‌ପ୍ଲାଣ୍ଟ୍ ପ୍ରସ୍ତୁତ କରାଯାଇଛି। ଏହି ବେସାଲ ହାଡ଼ ଅତ୍ୟାଧୁନିକ ଓ ଗୁଣାବତା ଇମ୍‌ପ୍ଲାଣ୍ଟକୁ ଧରି ରଖିବା ପାଇଁ ଉଚ୍ଚମାନର କୋର୍ଟିକାଲ ବୋନ୍ ପ୍ରଦାନ କରିଥାଏ। ଯାହାକି ଲାଟେରାଲ ଇମପ୍ଲାଣ୍ଟ-ଡିସ୍ ଇମପ୍ଲାଣ୍ଟ ବା କୋର୍ଟିକାଲ ଇମପ୍ଲାଣ୍ଟ ଭାବେ ପରିଚିତ। ଉପର ଓ ତଳ ହନୁ ହାଡ଼ରେ ଏକକ କିମ୍ବା ଏକାଧିକ ୟୁନିଟ୍‌ର ପୁନରୁଦ୍ଧାର ପାଇଁ ବ୍ୟବହୃତ ହୋଇଥାଏ। ଏକ୍ସଟ୍ରାକ୍ସନ୍ ସକେଟ କିମ୍ବା ହିଲ୍‌ଡ ବୋନ୍‌ରେ ଏହାକୁ ଲଗାଯାଇଥାଏ। ବେସାଲ ପ୍ରତିରୋପଣ ସବୁଠାରୁ ଅଭିନବ ପଦ୍ଧତି, ଯାହାକି ଯେ କୌଣସି ହାଡ଼ ପାଇଁ ପ୍ରଭାବଶାଳୀ ହୋଇଥାଏ। କୌଣସି ପ୍ରକାର ବୋନ୍ ଡେନସିଟି ବା ବୋନ୍ ମାସ ରୋଗୀଙ୍କ କ୍ଷେତ୍ରରେ ଏହାକୁ ବ୍ୟବହାର କରାଯାଇପାରେ।

**ବେସାଲ ଇମପ୍ଲାଣ୍ଟର ଇତିହାସ**

୧୯୭୨ ମସିହାରେ ଡା.ଜନ-ମାର୍କ ଜୁଲିଏଟ୍‌ଙ୍କ ଦ୍ୱାରା ପ୍ରଥମ ଏକକ ଇମପ୍ଲାଣ୍ଟ ପ୍ରତିରୋପଣ କରାଯାଇଥିଲା। ୧୯୮୦ର ମଧ୍ୟଭାଗରେ ପରାସୀ ଦାନ୍ତ ଡାକ୍ତର ଡା. ଗେରାର୍ଡ ସ୍କୋରସେଟି ଏକ ଉନ୍ନତ ବେସାଇ ପ୍ରତିରୋପଣ ପ୍ରଣାଳୀ ଉଦ୍ଭାବନ କରିଥିଲେ। ପରବର୍ତ୍ତୀ ସମୟରେ ଏହା ଅତ୍ୟାଧୁନିକ ବେସାଲ ଇମପ୍ଲାଣ୍ଟ ଓ କୋର୍ଟିକୋ-ବେସାଲ ଇମପ୍ଲାଣ୍ଟକୁ ବିକଶିତ କରିବାରେ ସହାୟତ ହୋଇପାରିଥିଲା। ଏବେର ବେସାଲ ଇମପ୍ଲାଣ୍ଟ ୧୯୯୦ ର ଶେଷ ଆଡ଼କୁ ସ୍ୱିଜରଲାଣ୍ଡର ପ୍ରଫେସର ଏସ୍. ଇହଡେଙ୍କ ଦ୍ୱାରା ଉଦ୍ଭାବନ ହୋଇଥିଲା। ବେସାଇ ଇମପ୍ଲାଣ୍ଟ ଦୀର୍ଘ ବର୍ଷ ହେବ ବ୍ୟବହୃତ ହୋଇଆସିଛି। ବେସାଲ ବୋନ୍‌ରେ କମ୍ ସଂକ୍ରମଣ ଆଶଙ୍କା ରହିଥାଏ। ଏହା ଘନ, କର୍ଟିକାଲ ଓ ଇମପ୍ଲାଣ୍ଟ ପାଇଁ ଉତ୍କୃଷ୍ଟ ରହିଥାଏ। ପାରମ୍ପରିକ ଇମପ୍ଲାଣ୍ଟଗୁଡ଼ିକ କ୍ରେଷ୍ଟାଲ ଆଲଭୋଲାର ହାଡ଼ରେ ରଖାଯାଇଥାଏ। ବେସାଇ ଇମପ୍ଲାଣ୍ଟର ମୁଖ୍ୟତଃ ୨ଟି ପରିବାର ଅଛି। ପ୍ରଥମ ଜେନେରେସନ୍‌ର ଇମପ୍ଲାଣ୍ଟ ଡିସ୍କ ଓ ବର୍ତ୍ତମାନ ସମୟର ଇମପ୍ଲାଣ୍ଟ ବିସିଏସ୍। ଇମପ୍ଲାଣ୍ଟ ବିସିଏସ୍ ୭ଦିନ ଭିତରେ ୨-୩ଟି ପର୍ଯ୍ୟାୟରେ କରାଯାଇଥାଏ। ସପ୍ତାହ ଭିତରେ ରୋଗୀକୁ ୩ଥର ଡେଣ୍ଟାଲ କ୍ଲିନିକ୍‌କୁ ଆସିବାକୁ ପଡ଼ିଥାଏ। ବେସାଲ ଡେଣ୍ଟାଲ ଇମପ୍ଲାଣ୍ଟରେ ନିର୍ଦ୍ଦିଷ୍ଟଭାବେ ପ୍ରୋସ୍ଥେସିସ୍ ସ୍ଥାପିତ ହୋଇଥାଏ।

**ବେସାଲ ଇମପ୍ଲାଣ୍ଟର ଫାଇଦା**

ଇମପ୍ଲାଣ୍ଟ ଅସ୍ତ୍ରୋପଚାରର ୭୨ଘଣ୍ଟା ଭିତରେ ପ୍ରୋସ୍ଥେସିସ୍‌କୁ ସ୍ଥାନିତ କରାଯାଇଥାଏ। ମଧୁମେହ ଓ ଧୂମ୍ରପାନ କରୁଥିବା ରୋଗୀମାନଙ୍କ ପାଇଁ ବେସାଇ ଇମପ୍ଲାଣ୍ଟ ଫଳପ୍ରଦ। ଏପରିକି ଅତ୍ୟଧିକ ମଧୁମେହ ଓ ଗ୍ଲାଇକୋଲେଟେ୍ ହିମୋଗ୍ଲୋବିନ୍ ସ୍ତର ଥିଲେ ମଧ ଏହାକୁ ପ୍ରତିରୋପଣ କରାଯାଇପାରିବ। ଏହି ପ୍ରତିରୋପଣରେ ପତଳା ଓ ପଲିସ୍ ହୋଇଥିବା ମ୍ୟୁକୋଲୋଜ ଅନୁପ୍ରବେଶ ପଥ ରହିଛି। ଯାହାକି ପେରି-ଇମପ୍ଲାଣ୍ଟାର ସମ୍ଭାବନାକୁ ହ୍ରାସ କରିଥାଏ। ଜଟିଳ ଦାନ୍ତରୋଗ ସମସ୍ୟାକୁ ଦୂର କରିବା ପାଇଁ ଅତ୍ୟାଧୁନିକ ପ୍ରଣାଳୀ ମାଧମରେ ବିଶେଷଜ୍ଞ ଡ଼ା ସୁନୀଲ କର ଚିକିତ୍ସା କରୁଛନ୍ତି । ଶୀତଦିନେ ଫିଟ୍ ରହିବା ପାଇଁ ଟିକେ ଅଧିକ ଯତ୍ନବାନ ହେବାକୁ ପଡ଼ିଥାଏ। ତା'ସହିତ କିଛିଟା ଜରୁରୀ ଡାକ୍ତରୀ ଟିପ୍ସକୁ ବି ମାନିବାକୁ ହୁଏ। ଯେମିତି କି ଶୀତଦିନେ ଶୋଷ ବେଶି ଲାଗୁ ନ ଥିବାରୁ ଅନେକେ ଏହିଦିନେ କମ୍ ପାଣି ପିଉଥାନ୍ତି; ଯଦ୍ଦ୍ୱାରା ସେମାନଙ୍କଠାରେ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଯାଇଥାଏ। ଝାଡ଼ା ପରିଷ୍କାର ହୁଏନାହିଁ ଇତ୍ୟାଦି। ତେଣୁ ଏହିଦିନେ ସକାଳୁ ଖାଲିପେଟରେ ହାଲ୍‌କା ନଖ ଉଷୁମ ପାଣି ପିଇବା ଭଲ। ଏହା ଡାଇଜେଷ୍ଟିଭ୍ ସିଷ୍ଟମକୁ ସକ୍ରିୟ କରିବା ସହ ବିଭିନ୍ନ ପ୍ରକାରର ସ୍କିନ୍ ପ୍ରୋବ୍ଲେମ୍‌କୁ ମଧ ଠିକ୍ କରିଥାଏ। ସେହିପରି ଶୀତଦିନେ ସପ୍ତାହକୁ ଥରେ ଷ୍ଟିମ୍ ନେବା ବି ଜରୁରୀ। ଏହା ଥଣ୍ଡା, କାଶ ସମସ୍ୟାରୁ ଅନେକାଂଶରେ ଉପଶମ ଦେଇଥାଏ। ଅନ୍ୟପକ୍ଷେ ଶୀତଦିନେ ପ୍ରତିଦିନ ନଡ଼ିଆ ତେଲର ମସାଜ ନେବା ବି ଶରୀର ପକ୍ଷେ ଉତ୍ତମ ହୋଇଥାଏ। ଏହାଛଡ଼ା ଶୀତଦିନେ ବିଟ୍ ରୁଟ୍‌କୁ ସାଲାଡ୍‌ରେ ବ୍ୟବହାର କରି ଖାଇବା କିମ୍ବା ଏହାର ଜୁସ୍ ପିଇବା ବି ଶରୀରକୁ ଅନେକ ଉପକାର ଦେଇଥାଏ। ସେହିପରି ଚିନି ପରିବର୍ତ୍ତେ ଶୀତଦିନେ ଗୁଡ଼ ଖାଇବା ବି ସୁସ୍ୱାସ୍ଥ୍ୟ ପ୍ରଦାନ କରିଥାଏ। ଗୁଡ଼ର ଆଉ ଏକ ଫାଇଦା ହେଉଛି ଏହା ଶରୀରର ଓଜନକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହୋଇଥାଏ।

## ସ୍ୱାସ୍ଥ୍ୟବର୍ଦ୍ଧକ କନ୍ଦମୂଳ ଉପକାରୀ

କନ୍ଦମୂଳ ଖାଇବାକୁ ଯେମିତି ସୁସ୍ୱାଦୁ ଲାଗେ ସେମିତି ଶରୀର ପାଇଁ ବେଶ୍ ଉପକାରୀ ମଧ ହୋଇଥାଏ। କାରଣ ଏଥିରେ ଭରି ରହିଥାଏ ଭିଟାମିନ୍ ଏ, ବିଟା କ୍ୟାରୋଟିନ୍, ମିନେରାଲ୍ସ ଓ ଆଣ୍ଟି ଅକ୍ସିଡାଣ୍ଟ ଇତ୍ୟାଦି। କୁହାଯାଏ, କନ୍ଦମୂଳ ଖାଇବା ଦ୍ୱାରା ଆଖି ଭଲ ରହିଥାଏ। ଦୃଷ୍ଟିଶକ୍ତି ବି ବୃଦ୍ଧି ପାଇଥାଏ। ଏଥିରେ ପ୍ରଚୁର ମାତ୍ରାରେ ଫାଇବର ରହୁଥିବାରୁ କୋଲେଷ୍ଟ୍ରଲ୍‌କୁ କମ୍ କରିବାରେ ମଧ ଏହା ସହାୟକ ହୋଇଥାଏ। ବ୍ଲଡ୍ ପ୍ରେଶରକୁ ନିୟନ୍ତ୍ରଣରେ ରଖିବାରେ ବି ଏହା ବେଶ୍ ସାହାଯ୍ୟ କରିଥାଏ। ଶରୀରରେ ଆଇରନ୍‌ର ମାତ୍ରା କମ୍ ରହୁଥିଲେ କନ୍ଦମୂଳର ସେବନ ଲାଭଦାୟକ ହୋଇଥାଏ। କୁହାଯାଏ, କନ୍ଦମୂଳ ଖାଇବା ଦ୍ୱାରା ଶରୀରକ୍ ଶକ୍ତି ମଧ ମିଳିଥାଏ। ସେହିପରି ପାଚନ କ୍ରିୟାକୁ ସକ୍ରିୟ କରିବାରେ ବି କନ୍ଦମୂଳର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ଏହାର ସେବନ କୋଷ୍ଠକାଠିନ୍ୟ ସମସ୍ୟାରୁ ବି ଅନେକାଂଶରେ ମୁକ୍ତି ଦେଇଥାଏ ବୋଲି ବିଶ୍ୱାସ କରାଯାଏ।



27 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୪ ଜାନୁଆରୀ ୨୦୨୪ ବୁଧବାର







# ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠାକୁ ନେଇ ଘରିଆଡ଼େ ଉତ୍ସବ ମୁଖର

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଅଯୋଧ୍ୟାରେ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠାକୁ ନେଇ ବାଲିଗୁଡା ସହର ଠାରୁ ଆରମ୍ଭ କରି ଗାଁ ଗଣ୍ଡା ଘରିଆଡେ ଉତ୍ସବ ମୁଖର ଦେଖିବାକୁ ମିଳିଛି । ବାଲିଗୁଡା ସହରର ସମସ୍ତ ମନ୍ଦିରରେ ଭକ୍ତ ଓ ଜନସାଧାରଣ ଏହି ଉତ୍ସବକୁ ଘରେ ଘରେ ପାଳନ କରିବା ସହ ଘର ସମ୍ମୁଖରେ ଗୈରିକ ଧ୍ୱଜା ଲଗାଇବା ସହ ଝୋଟି ଅଙ୍କନ ଓ ସନ୍ଧ୍ୟାରେ ଦୀପ ଜାଳି ରାମଲାଲାଙ୍କୁ ସ୍ୱାଗତ କରିଛନ୍ତି । ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ହନୁମାନ ମନ୍ଦିର ଠାରୁ ଶ୍ରୀରାମ ନାରା ଦେଇ ସଂକୀର୍ତ୍ତନ କରିବା ସହ ଏକ ବିରାଟ ପଟୁଆରରେ ସମଗ୍ର ସହର ପରିକ୍ରମା କରି କଳସ ଯାତ୍ରା ଓ କୁନି କୁନି ପିଲା ମାନେ ଶ୍ରୀରାମ ନାରା ଦେଇ ସ୍ଥାନୀୟ ଜେଲ୍ ନିକଟସ୍ଥ ଶ୍ମଶାନ ଘାଟ ସମ୍ମୁଖ ରାସ୍ତା ପାର୍ଶ୍ୱରେ ଏକ ରାମ ମନ୍ଦିର ନିର୍ମାଣ ନିମନ୍ତେ ଶିଳାନ୍ୟାସ ଉତ୍ସବ ଯଥାବିଧି ସହକାରେ ପୂଜାର୍ଚ୍ଚନା ସହ ଆୟୋଜନ ହୋଇଥିଲା । ସନ୍ଧ୍ୟା ସମୟରେ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ଦୀପ ପ୍ରଜ୍ଜ୍ୱଳନ କରି ଶ୍ରୀ କ୍ଷେତ୍ର ଭଜନ ସନ୍ଧ୍ୟା ଆୟୋଜନ କରଯାଇଥିଲା । ଏହି ଅବସରରେ ହନୁମାନ ମନ୍ଦିରରେ ୧୦୮ ହନୁମାନ ଚାଳିଶା ପାଠ, ୧୯୯୨ ମସିହାରେ ଅଯୋଧ୍ୟାକୁ ଯାଇଥିବା କରସେବକ ଓ ତାଙ୍କ ପରିବାରଙ୍କୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା ଓ ପରେ ଏକ ବିରାଟ ବାଇକ୍ ରାଲିରେ ବାଲିଗୁଡାର ଜନସାଧାରଣ ସାମିଲ ହୋଇଥିବା ବେଳେ ବଣିକ ସଂଘ, କ୍ଷୁଦ୍ର ବଣିକ ସଂଘ, ବସ୍ଷ୍ଟାଣ୍ଡ ବଣିକ ସଂଘ ସମେତ ସମସ୍ତ ବ୍ୟବସାୟୀ ଦୋକାନ ବଜାର ବନ୍ଦ କରିବା ସହ ବିଭିନ୍ନ ସଂଗଠନ ସାମିଲ ହୋଇ ଏକ ବିରାଟ ବାଇକ୍ ରାଲି କରଯାଇଥିଲା । ଜକି ସାହି ଛକ, କୋଳି ଗଛ ଛକ, ବସ୍ଷ୍ଟାଣ୍ଡ, ମାଉସୀ ମା' ମନ୍ଦିର ବିଭିନ୍ନ ସ୍ଥାନରେ ମିଷ୍ଟାନ ବର୍ଣ୍ଟନ କରାଯାଇଥିଲା । ସନ୍ଧ୍ୟା ବେଳେ ବାଲିଗୁଡା ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଦୀପ ପ୍ରଜ୍ଜ୍ୱଳନ ସହ ମିଷ୍ଟାନ ବର୍ଣ୍ଟନ କରଯାଇଥିଲା । ବାଲିଗୁଡା ସହର ବ୍ୟତିତ ବାରଖମା, ସୁଡ୍ରା, ଖମନଖୋଲ, ଲଣ୍ଡାଗାଁ, ବାଟାଗୁଡା, ପରମପଙ୍ଗା, ସିନ୍ଦ୍ରିଗାଁ, କୁଟିକିଆ ଆଦି ସ୍ଥାନରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠାକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରଯାଇଥିଲା । ସନ୍ଧ୍ୟାରେ ମା' ପାଟଖଣ୍ଡା ମନ୍ଦିର ପରିସରରେ ପ୍ରଭୁ ଶ୍ରୀ ରାମଙ୍କ ସ୍ତୁତି, ବନ୍ଦନା ସହ ସୁନ୍ଦରାକାଣ୍ଡ ଓ ହନୁମାନ ଚାଳିଶା ପଠନ କାର୍ଯ୍ୟକ୍ରମ ଶତାଧିକ ଭକ୍ତ ଓ ଜନସାଧାରଣଙ୍କୁ ନେଇ ଆୟୋଜନ କରଯାଇଥିଲା ।

# ଘନ କୁହୁଡିର ଆବରଣ ତଳେ କେନ୍ଦୁଝର:ଜନ ଜୀବନ ଅସ୍ତବ୍ୟସ୍ତ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ସହର ସମେତ ଆଖପାଖ ଅଞ୍ଚଳରେ ଘନ କୁହୁଡି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବାର ଜଣାପଡିଛି । ପ୍ରାପ୍ତ ସୂଚନାରେ ପ୍ରକାଶ ଯେ, ଜିଲ୍ଲାରେ ତାପମାତ୍ରା କମି ନଥିଲେ ହେଁ କୋହଲା ପାଗ ସାଙ୍ଗକୁ ଘନ କୁହୁଡି ଯୋଗୁଁ ଥଣ୍ଡା ଲାଗି ରହିଛି । କୁହୁଡି ଯୋଗୁଁ ରାସ୍ତାରେ ଗମନା ଗମନ କଷ୍ଟକର ହୋଇପଡୁଛି । ଯାନବାହାନ ଚଳାଚଳ ଯାନ ଚାଳକ ମାନଙ୍କ ପାଇଁ ଅସୁବିଧା ସୃଷ୍ଟି ହେଉଥିବା ବେଳେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାରେ ବିଳମ୍ବ ମଧ ହେଉଛି । ଜିଲ୍ଲାରେ ଘନ କୁହୁଡି ଯୋଗୁଁ ଦୃଶ୍ୟମାନର ଦୂରତା ୨୦୦ରୁ-୧୦୦୦ ମିଟର ରହୁଛି । ଶନିବାର ରାତିରେ କେନ୍ଦୁଝରରେ ସାମାନ୍ୟ ବର୍ଷା ହୋଇଥିବା ବେଳେ ଶୁକ୍ରବାର ଦିନ ଚମ୍ପୁଆ ବ୍ଲକରେ ପ୍ରବଳ ବର୍ଷା ହୋଇଥିଲା । ଯାହାର ପ୍ରଭାବରେ ଜିଲ୍ଲା ସାରା କୋହଲା ପାଗ ଲାଗିରହି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି ।

# ବିଜେପି ଛାଡ଼ି ବିଜେଡିରେ ସାମିଲ ହେଲେ ନେତା ଓ କର୍ମୀ

**ବାଲେଶ୍ୱର, ନ୍ୟୁଜ୍**



ଆଗକୁ ଆସୁଛି ନିର୍ବାଚନ । ନୀଳଗିରି ନିର୍ବାଚନ ମଣ୍ଡଳୀର ଅସନ୍ତୁଷ୍ଟ ବିଜେପି ନେତା ଓ କର୍ମୀମାନେ କ୍ରମାଗତ ଭାବେ ଦଳ ତ୍ୟାଗକରି ବିଜେଡିରେ ସାମିଲ ହେବା ବିଜେଡି ଦଳ ପାଇଁ ନିଶ୍ଚୟ ଶୁଭ ସୂଚନା ବୋଲି କୁହାଯାଇ ପାରିବ । ବାଲେଶ୍ୱର ଜିଲ୍ଲା ବିଜେଡ଼ିର ବରିଷ୍ଠ ଉପ-ସଭାପତି ତଥା ନୀଳଗିରି ନିର୍ବାଚନ ମଣ୍ଡଳୀ ନେତା ସନ୍ତୋଷ ଖଟୁଆଙ୍କ ବାସଭବନରେ ସିଆଡିମାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ମଧୁସ୍ମିତା ସିଂ ଏବଂ ତାଙ୍କ ସ୍ୱାମୀ ପତିତପାବନ ସିଂ ଅନ୍ୟ ଦଳ ଛାଡି ବିଜେଡିରେ ମିଶିଛନ୍ତି । ସେହିପରି ନାରୀ ନେତ୍ରୀ ସତ୍ୟଭାମା ସିଂଙ୍କ ନେତୃତ୍ୱରେ ଗରଡି ସରପଞ୍ଚ ଶିବାଜି ସିଂ ଏବଂ ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ସିଂଙ୍କ ଉପସ୍ଥିତିରେ ସେମାନେ ବିଜେଡି ଦଳରେ ଯୋଗଦେଇଥିଲେ । ଅନୁରୂପ ଭାବେ ଧୋବଶିଳା ପଞ୍ଚାୟତ, କେରାଟ ପଡ଼ିଆ ଗ୍ରାମର ଅଧିକାଂଶ ବିଜେପି କର୍ମୀ ଦଳ ଛାଡ଼ି ବିଜେଡି ଦଳରେ ସାମିଲ ହୋଇଥିଲେ । ଉପରୋକ୍ତ ସମସ୍ତ ବ୍ୟକ୍ତିଙ୍କୁ ବରିଷ୍ଠ ଉପ-ସଭାପତି ଶ୍ରୀ ଖଟୁଆ, ଦଳୀୟ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ ।

# ୪ର୍ଥ ପର୍ଯ୍ୟାୟରେ ମୟୂରଭଞ୍ଜ ଜିଲ୍ଲାରେ ୧୦୫ ରୂପାନ୍ତରିତ ସ୍କୁଲ୍ ଲୋକାର୍ପିତ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**



୫ଟି ସ୍କୁଲ ରୂପାନ୍ତରଣ ଅଭିଯାନର ଚତୁର୍ଥ ପର୍ଯ୍ୟାୟର ତୃତୀୟ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୟୂରଭଞ୍ଜ, ସମ୍ବଲପୁର, ନୂଆପଡା, ରାୟଗଡ ଓ ବଲାଙ୍ଗିର ଆଦି ୫ଟି ଜିଲ୍ଲାର ୩୬୧ଟି ରୂପାନ୍ତରିତ ସ୍କୁଲ୍‌କୁ ଲୋକାର୍ପିତ କରିଛନ୍ତି । ଏଥିରେ ମୟୁରଭଞ୍ଜ ଜିଲ୍ଲାର ୧୦୫ଟି ହାଇସ୍କୁଲ, ସମ୍ବଲପୁରର ୬୩ଟି, ନୂଆପଡାର ୩୩ଟି, ରାୟଗଡର ୬୦ଟି ଓ ବଲାଙ୍ଗିର ୧୦୦ଟି ହାଇସ୍କୁଲ ଅନ୍ତର୍ଭୁକ୍ତ ।। ଏହି ପରିପ୍ରେକ୍ଷୀରେ, ବେତନଟୀ ବ୍ଲକର କଳମା ଗ୍ରାମସ୍ଥ ଭଞ୍ଜ ଭୂମି ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଏହି ଶିକ୍ଷାନୁଷ୍ଠାନଗୁଡିକୁ ଲୋକାର୍ପଣ କରିଛନ୍ତି । କାର୍ଯ୍ୟକ୍ରମରେ ରାଜ୍ୟ ସଭା ସାଂସଦ ମମତା ମହାନ୍ତ, ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ, ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ସ୍ୱତନ୍ତ୍ର ଉନ୍ନୟନ କର୍ତ୍ତୃପକ୍ଷ, ଅଧକ୍ଷ ଡଃ ଦେବାଶିଷ ମାର୍ଣ୍ଡି ଯୋଗଦାନ କରିଥିବା ବେଳେ, ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଏହି ସଭାରେ ଅଧକ୍ଷତା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ମାର୍ଣ୍ଡି କହିଛନ୍ତି ଯେ ରୂପାନ୍ତରୀକରଣ ପ୍ରକ୍ରିୟା ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ଯାହା ଆଗାମୀ ଦିନରେ ଓଡ଼ିଶାର ଯୁବପିଢ଼ିଙ୍କ ବିକାଶ ତଥା ପ୍ରଗତିରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଏବେ ସରକାରୀ ସ୍କୁଲ ଗୁଡିକ ଶ୍ରେଷ୍ଠ ମାଧମ ହୋଇଛି । ରୂପାନ୍ତରିତ ସ୍କୁଲର ସଠିକ୍ ଉପଯୋଗ କରି ଭଲ ପାଠ ପଢି ନିଜ ପାଇଁ ଏକ ସୁନ୍ଦର ଭବିଷ୍ୟତ ଗଢିବା ପାଇଁ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ପୁଣି କହିଲେ ଯେ ଏବେ ଓଡ଼ିଶାରେ ରୂପାନ୍ତରର ଯୁଗ ଚାଲିଛି। ଶିକ୍ଷା ହିଁ ଆମ ସମାଜର ସାମୁହିକ ଚିନ୍ତାଧାରକୁ ଉଚ୍ଚସ୍ତରକୁ ନେଇଥାଏ। ସ୍କୁଲ ରୂପାନ୍ତର ଓଡ଼ିଆ ଜାତିରେ ନୂଆ ଜାଗରଣର ମାର୍ଗ ପ୍ରଶସ୍ତ କରିଛି ବୋଲି ସେ କହିଥିଲେ । ସ୍କୁଲ କଲେଜ ଠାରୁ ଆରମ୍ଭ କରି ହସ୍ପିଟାଲ, ପର୍ଯ୍ୟଟନ କ୍ଷେତ୍ର, ମଠ ମନ୍ଦିର, ପଞ୍ଚାୟତ, ଗାଁ ସବୁଠାରେ ରୂପାନ୍ତର କାର୍ଯ୍ୟ ଚାଲିଛି । ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଏହି ରୂପାନ୍ତର ରାସ୍ତା ପ୍ରସ୍ତୁତ କରୁଛି ।

# ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ସୁଧାକର ବସନ୍ତ ସଡ଼କ ଦୁର୍ଘଟଣାରେ ଗୁରୁତର

**କଟକ, ନ୍ୟୁଜ୍ ବ୍ୟୁରୋ**

ଚଳଚ୍ଚିତ୍ର ନିର୍ଦ୍ଦେଶକ ସୁଧାକର ବସନ୍ତଙ୍କ ଗାଡ଼ି ଦୁର୍ଘଟଣାଗସ୍ତ । ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି । ମଙ୍ଗୁଳି ନିକଟରେ ଦୁର୍ଘଟଣାର ଶିକାର ହୋଇଛନ୍ତି ସୁଧାକର । ଏଥିରେ ସୁଧାକର ବସନ୍ତ ଓ ତାଙ୍କ ଡ୍ରାଇଭର ଗୁରୁତର ଭାବେ ଆହତ ହୋଇଛନ୍ତି । ସୁଧାକରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । କଟକ ବଡ଼ ଡ଼ାକ୍ତରଖାନାର ଆଶୁଚିକିତ୍ସା ବିଭାଗରେ ତାଙ୍କର ଚିକିତ୍ସା ଚାଲିଛି । ବିଳମ୍ବିତ ରାତିରେ ସୁଧାକର ବସନ୍ତ ଚଣ୍ଡିଖୋଲ ପଟୁ ଫେରୁଥିବା ବେଳେ ମଙ୍ଗୁଳି ଛକ ନିକଟରେ ଟ୍ରକ୍ ପଛ ପଟୁ ଧକ୍କା ଦେଇଥିଲା ତାଙ୍କ କାର୍ । ସୂଚନା ଅନୁସାରେ ଚଣ୍ଡିଖୋଲ ଆଡୁ କଟକ ଆସୁଥିବାବେଳେ କଟକ ମଙ୍ଗୁଳି ସ୍ଥିତ ବଜରଙ୍ଗୀ ୱେ ବ୍ରିଜ୍ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି ସୁଧାକରଙ୍କ ବସନ୍ତଙ୍କ ଗାଡି । କାର୍‌ରେ ଥିବା ତାଙ୍କ ଡ୍ରାଇଭର ମଧ ଗୁରୁତର ହୋଇଛନ୍ତି । ଦୁଇ ଜଣଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି । ଭୋର୍ ୩ଟାରୁ ୪ଟା ମଧ୍ୟରେ ସୁଧାକର ବସନ୍ତଙ୍କ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ମଙ୍ଗୁଳି ଛକ ରାସ୍ତା କଡରେ ଛିଡ଼ା ହୋଇଥିବା ଏକ ସିମେଣ୍ଟ ବୋଝେଇ ଟ୍ରକ୍‌କୁ ପଛରୁ ଧକ୍କା ଦେଇଥିଲା ସୁଧାକରଙ୍କ କାର୍ । ଦୁର୍ଘଟଣାରେ ସୁଧାକରଙ୍କ କାର୍ ଭାଙ୍ଗି ଚୁରମାର୍ ହୋଇଯାଇଛି । ଚୌଦ୍ୱାର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସୁଧାକର ଓ ତାଙ୍କ ଡ୍ରାଇଭରଙ୍କୁ କାର୍‌କୁ କାଟି ଉଦ୍ଧାର କରିଥିଲେ । ତୁରନ୍ତ ଗୁରୁତର ଅବସ୍ଥାରେ ଦୁଇ ଜଣଙ୍କୁ ଏସସିବିରେ ଭର୍ତ୍ତି କରାଯାଇଛି ।

# ଟ୍ରେଲର-ଟ୍ରକ୍ ଧକ୍କା: ୩ ଗୁରୁତର

**କଟକ, ନ୍ୟୁଜ୍ ବ୍ୟୁରୋ**

ବିଳମ୍ବିତ ରାତିରେ କଟକ-ସାଲେପୁର ରାସ୍ତାର ଖରାଖିଆ ବଜାର ନିକଟରେ ଦୁର୍ଘଟଣା । ଏକ ଦଶଚକିଆ ଟ୍ରକ୍ ସହ ଏକ ଟ୍ରେଲର ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟ ଡ୍ରାଇଭର ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ଗାଡିରେ ଥିବା ମେକାନିକ୍ ଆହତ ହୋଇଥିବା ଜଣାପଡ଼ିଛି । ୩ ଜଣଙ୍କୁ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ପଠାଯାଇଥିବା ଜଣାପଡ଼ିଛି । ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟି ଜବତକରି ତଦନ୍ତ ଚାଲୁରଖିଛି ।

## ।।।।। (ଓୟୁଜେ) ସାମ୍ବାଦିକ ୟୁନିୟନର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ।।।।।

# ସାମ୍ବାଦିକ ସୁରକ୍ଷା ଆଇନ୍ ତୁରନ୍ତ ଲାଗୁ କରିବାକୁ ଦାବି

**କୁଚିଣ୍ଡା, ନ୍ୟୁଜ୍ ବ୍ୟୁରୋ**



ସରକାର ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ୍ ଲାଗୁ କରିବା, ପେନ୍‌ସନ୍ ପ୍ରଦାନ ଏବଂ ସାମ୍ବାଦିକଙ୍କୁ ସମ୍ମାନ ଦେବାକୁ ସମ୍ବଲପୁର ଜିଲ୍ଲା (ଓୟୁଜେ) ସାମ୍ବାଦିକ ୟୁନିୟନର କାର୍ଯ୍ୟକାରିଣୀ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି । କୁଚିଣ୍ଡା ସାମ୍ବାଦିକ ଭବନ ଠାରେ ଆୟୋଜିତ ବୈଠକରେ ଜିଲ୍ଲା ସଭାପତି ପ୍ରଭାତ ବେହେରା ସଭାପତିତ୍ୱ କରି ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । କୁଚିଣ୍ଡା ସାମ୍ବାଦିକ ୟୁନିୟନ ସଭାପତି ବିରଞ୍ଚି ଦର୍ଶୀ ଅତିଥି ଆମନ୍ତ୍ରଣ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସାଧାରଣ ସମ୍ପାଦକ ଶରତ ପ୍ରଧାନ ଜିଲ୍ଲା ୟୁନିୟନର ବିବରଣୀ ଉପସ୍ଥାପନ ପରେ ବରିଷ୍ଠ ସଦସ୍ୟ ହରିହର ନାଥ, ପ୍ରଦୀପ ମିଶ୍ର, ଦେବେନ୍ଦ୍ର ମିଶ୍ର, ଜୟକିଶୋର ମହାପାତ୍ର ପ୍ରମୁଖ ସାମ୍ବାଦିକଙ୍କ ସମସ୍ୟାର ସମ୍ପର୍କରେ ଆଲୋଚନା କରିଥିଲେ । ପରେ ସାମ୍ବାଦିକ ସୁରକ୍ଷା ଆଇନ୍, ପେନ୍‌ସନ୍ ଓ ସାମ୍ବାଦିକଙ୍କୁ ସମ୍ମାନ ପ୍ରଦାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ ପାଇଁ ଆଲୋଚନା ପୂର୍ବକ ପ୍ରସ୍ତାବ ଗୃହୀତ ହୋଇଥିଲା । ଏଥିରେ ରାଜ୍ୟ କୋଷାଧ୍ୟକ୍ଷ ଅମୂଲ୍ୟ ରଞ୍ଜନ ସ୍ୱାଇଁ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସଚ୍ଚିକାନ୍ତ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମିଶ୍ର ଯୋଗଦେଇ ରାଜ୍ୟ ସରକାର ତୁରନ୍ତ ସାମ୍ବାଦିକ ମାନଙ୍କ ଦାବି ପୂରଣରେ ଅନୁଗ୍ରହ ପ୍ରଦର୍ଶନ ପାଇଁ ଦାବି ରଖିଥିଲେ । ଜିଲ୍ଲା ଉପସଭାପତି ଦିନେଶ ମାହାନା, ସତିଶ ମିଶ୍ର, ସମ୍ପାଦକ କ୍ଷୀତିରଞ୍ଜନ ପଧାନ, ସହସମ୍ପାଦକ ତପନ ଦାସ, କୋଷାଧ୍ୟକ୍ଷ ହେମନ୍ତ ରାଉତ, ସଂଗଠନ ସମ୍ପାଦକ ରାଜେନ୍ଦ୍ର ନାଏକଙ୍କ ସମେତ କୁଚିଣ୍ଡା, ବାମରା, ଜମନକିରା, ରେଙ୍ଗାଲି, ରେଢାଖୋଲ, ନାକଟିଦେଉଳ, ମାନେଶ୍ୱର, ଧନକଉଡା ଆଦି ବ୍ଲକର ସଦ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ବରିଷ୍ଠ ସଦସ୍ୟ କ୍ଷୀରୋଦ ସା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କୁଚିଣ୍ଡା ସାମ୍ବାଦିକ ସଂଘର ସଦସ୍ୟ ତନ୍ମୟ ମହାପାତ୍ର, ପ୍ରଶାନ୍ତ ଶର୍ମା, ପ୍ରକାଶ ଶର୍ମା, ସୁଧିର ମହାନ୍ତି, ସୌମ୍ୟରଞ୍ଜନ ଧଳ, ଲିପୁନରନ୍ଦ ସାହୁ, ମନିଷ ତିୱାରୀ, ଅମୂଲ୍ୟ ମିଶ୍ର, ରଞ୍ଜିତ ଦାସ ପ୍ରମୁଖ ସହଯୋଗ କରିଥିଲେ ।

# ଯୁବକ-ଯୁବତୀଙ୍କ ଲୁକ୍କାୟିତ ପ୍ରତିଭା ପ୍ରଦର୍ଶନ ପାଇଁ ୨୭ ଓ ୨୮ରେ ଜଳେଶ୍ୱର ଶ୍ରୀ ଉତ୍ସବ



**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଯୁବକ ଯୁବତୀ ମାନଙ୍କର ଲୁକ୍କାୟିତ ପ୍ରତିଭାକୁ ସମାଜ ସମ୍ମୁଖରେ ତୋଳି ଧରିବାର ଏକ ଭିନ୍ନ ପ୍ରୟାସ ଜଳେଶ୍ୱର ଶ୍ରୀ ଉତ୍ସବ ଆସନ୍ତା ୨୭ ଓ ୨୮ ତାରିଖରେ ଅନୁଷ୍ଠିତ ହେବ ବୋଲି ରବିବାର ଦିନ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉତ୍ସବର ସଭାପତି ସଂଗ୍ରାମ ଜେନା ସୂଚନା ପ୍ରଦାନ କରିଛନ୍ତି । ଏହି ଉତ୍ସବ ଜଳେଶ୍ୱର ସ୍ଥିତ ଗବରଘଟା ସାଇ ମନ୍ଦିର ନିକଟରେ ଅନୁଷ୍ଠିତ ହେବ । ଦୁଇଦିନ ବ୍ୟାପୀ ଆୟୋଜିତ ଉତ୍ସବରେ ଜୁନିୟର ଓ ସିନିୟର ବର୍ଗର କଲେଜ ଯୁବକ, ଯୁବତୀ ଓ ବିଦ୍ୟାଳୟର ପିଲାମାନଙ୍କୁ ନେଇ ଏହି ଉତ୍ସବ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ ଆଧୁନିକ ନୃତ୍ୟ, କ୍ଲାସିକ୍ ନୃତ୍ୟ, ସ୍ଲୋ ସଙ୍ଗୀତ, କୁଇଜ୍, ଡିବେଟ୍, ଗ୍ରୁପ୍ ଡ୍ୟାନ୍ସ, ର୍ୟାମ୍ପ ଶୋ, ମେହେନ୍ଦୀ, ଏକ୍ଟିଙ୍ଗ, ମ୍ୟୁଜିକାଲ ଚେୟାର, ଫେନ୍‌ସି ଡ୍ରେସ୍ ଇତ୍ୟାଦି କାର୍ଯ୍ୟକ୍ରମ ସମସ୍ତ ବର୍ଗର ପୁଅ ଝିଅଙ୍କ ପାଇଁ ଏହି ଉତ୍ସବ ଆନନ୍ଦ ଭରିଦେବ ବୋଲି ଆୟୋଜକ ମାନେ କହିଛନ୍ତି । ନୂଆ ଧରଣର ଏହି ଉତ୍ସବରେ ଭାଗ ନେଇଥିବା ପ୍ରତିଯୋଗୀମାନଙ୍କ ପାଇଁ ବିଭିନ୍ନ ପ୍ରୟୋଜକମାନେ ତାଙ୍କର ବିଜ୍ଞାପନ ପ୍ରାଇଜ ବିତରଣ କରିବା ସହିତ ଆୟୋଜକଙ୍କ ତରଫରୁ ଅର୍ଥ ଓ ଟ୍ରଫିର ବ୍ୟବସ୍ଥା ରହିଛି ବୋଲି ସୂଚନା ଦିଆଯାଇଛି । ତେଣୁ ଏହି ଉତ୍ସବରେ ଯୋଗଦେବାକୁ ଜନସାଧାରଣ, ଛାତ୍ରଛାତ୍ରୀ ଓ ଯୁବକ ଯୁବତୀ ମାନଙ୍କୁ ନିବେଦନ କରାଯାଇଛି । କାର୍ଯ୍ୟକ୍ରମ ମଧ୍ୟରେ ୟୁଟ୍ୟୁବ୍ ଗାୟକ ପରେଶ ଶତପଥୀ ଏବଂ ପଶ୍ଚିମବଙ୍ଗର ପ୍ରସିଦ୍ଧ ଗାୟିକା ଶର୍ମିଷ୍ଠା ସରକାର ଯୋଗ ଦେଉଥିବା ବେଳେ ମେଜିକ୍ ଶୋର କାଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ କୌଣସି ଅର୍ଥ ଦେବାକୁ ପଡିବନାହିଁ । ଏହି ସାମ୍ବାଦିକ ସମ୍ମିଳନୀରେ ସଭାପତି ସଂଗ୍ରାମ ଜେନା, ସମ୍ପାଦକ ବିପ୍ଲବ ପ୍ରଧାନ, ଭବେଶ ଠକ୍କର, ମୁନା ମାଝି, ସାଗର ଦାସ, ସପନ କୁମାର ବେହେରା, ଦେବ ପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜଗତସିଂହପୁର ଜିଲ୍ଲାରେ ଆରବିଆଇ ପକ୍ଷରୁ ୱାକାଥନ୍




**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜନସାଧାରଣଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜଗତସିଂହପୁର ଜିଲ୍ଲା ମୁଖ୍ୟାଳୟ ଠାରେ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ ଆର୍ଥିକ ସାକ୍ଷରତା ଓ ସଚେତନତା ଉପରେ ଏକ ୱାକାଥନ୍ ଆୟୋଜିତ ହୋଇଥିଲା । ଏହି ୱାକାଥନ୍ ଜଗତସିଂହପୁର ସଦର ସ୍ଥିତ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ଠାରୁ ଆରମ୍ଭ ହୋଇ ସଂସ୍କୃତି ଭବନ ଠାରେ ଶେଷ ହୋଇଥିଲା ଏବଂ ଏଥିରେ ବିଭିନ୍ନ ଟାର୍ଗେଟ ଗୋଷ୍ଠୀ ଯଥା ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଉଦ୍ୟୋଗୀ, କୃଷକ ଓ ବରିଷ୍ଠ ନାଗରିକ ମାନେ ପ୍ରାୟ ୨୫୦ ଜଣ ଅଂଶଗ୍ରହଣ କରିଥିଲେ । ୱାକାଥନ୍ ପରେ ଏକ କ୍ଷେତ୍ର ସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। ଯେଉଁଥିରେ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କାର୍ଯ୍ୟାଳୟର ବିଭିନ୍ନ ଅସ୍ୱୀକାରୀଙ୍କ ଦ୍ୱାରା ଆର୍ଥିକ ସାକ୍ଷରତା, ସାଇବର ସିକ୍ୟୁରିଟି, ଡିଜିଟାଲ୍ ବ୍ୟାଙ୍କିଙ୍ଗ, ବିଭିନ୍ନ ପ୍ରକାରର ଠକେଇ, ଚିରା ଓ ଫଟା ନୋଟ୍ ବିନିମୟ ସୁବିଧା, ବ୍ୟାଙ୍କରେ ଅଭିଯୋଗ ସମାଧାନର ବ୍ୟବସ୍ଥା, ଆରବିଆଇର ଏକୀକୃତ ଲୋକପାଳ ଯୋଜନା ଇତ୍ୟାଦି ଉପରେ ଅଧିବେଶନ ନିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଉପ ମହାପ୍ରବନ୍ଧକ କେ ହର୍ଷା ବିଜୟକୁମାର, ଜଗତସିଂହପୁର ଜିଲ୍ଲାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମରେନ୍ଦ୍ର ପଣ୍ଡା, ସହାୟକ ମହାପ୍ରବନ୍ଧକ, ଏସଏଲବିସି ଓଡିଶା, ଲିଙ୍ଗରାଜ ନାୟକ, ଡେପୁଟି ପ୍ରୋଜେକ୍ଟ ଡ଼ାଇରେକ୍ଟର ଅଭିମନ୍ୟୁ ପଣ୍ଡା, କ୍ଷେତ୍ରୀୟ ପ୍ରବନ୍ଧକ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଦେବାଶିଷ ରଥ, କ୍ଷେତ୍ରୀୟ ପ୍ରବନ୍ଧକ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଆଶିଷ ନାୟକ, ଅଗ୍ରଣୀ ଜିଲ୍ଲା ଅଧିକାରୀ ସି.ବି ସୁବୁଦ୍ଧି, ନାବାର୍ଡର ଜିଲ୍ଲା ଉନ୍ନୟନ ପ୍ରବନ୍ଧକ ବିଶ୍ୱଭୂଷଣ ମହାନ୍ତି ଓ ଆରବିଆଇର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବାରହା ମାଂସ ଜବତ:ଜଣେ ଗିରଫ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଅନ୍ତର୍ଗତ ରାୟପୁର ଗ୍ରାମରେ ବୌଦ୍ଧ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଜଣେ ଅଭିଯୁକ୍ତଙ୍କ ପାଖରୁ ଜଙ୍ଗଲୀ ବାରହା ମାଂସ ଜବତ କରିଛି ବନ ବିଭାଗ । ଗିରଫ ଅଭିଯୁକ୍ତ ରାୟପୁର ଗ୍ରାମର ରାଜେନ୍ଦ୍ର ବେହେରା ବୋଲି ଜଣାପଡିଛି । ରାଜେନ୍ଦ୍ରଙ୍କ ପାଖରୁ ୨ କେଜି ମାଂସ ଜବତ କରିଛି ବୌଦ୍ଧ ବନ ବିଭାଗ । ସୂଚନା ଅନୁଯାୟୀ ରାୟପୁର ଗ୍ରାମରେ ଜଣେ ବ୍ୟକ୍ତି ବାରହା ମାଂସ ଆଣିଥିବା ନେଇ ବୌଦ୍ଧ ବନ ବିଭାଗ କୌଣସି ଏକ ସୂତ୍ରରୁ ଖବରପାଇ ଏସିଏଫ ଆଶିଷ କହଁର ଏବଂ ଏସିଏଫ ଅର୍ଚ୍ଚନା ଗୋମଙ୍ଗୋଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରିଥିଲେ । ତେବେ ରାଜେନ୍ଦ୍ର ବେହେରା ବାରହା ମାଂସକୁ ରୋଷେଇ କରିବାକୁ ପ୍ରସ୍ତୁତ କରୁଥିବା ସମୟରେ ବନବିଭାଗ ଚଢ଼ଉ କରି ଉକ୍ତ ମାଂସକୁ ଜବତ କରିବା ସହିତ ରାଜେନ୍ଦ୍ର ବେହେରାଙ୍କୁ ମଧ ଗିରଫ କରିଛି । ତେବେ ରାଜେନ୍ଦ୍ରଙ୍କୁ କୋର୍ଟ ଚ଼ାଲାଣ କରାଯାଇଥିବା ନେଇ ବନବିଭାଗ ସୂଚନା ଦେଇଛି । ଅନ୍ୟପଟେ ରାଜେନ୍ଦ୍ର ନିଜେ ବାରହା ଶିକାର କରି ମାଂସ ଆଣିଥିଲେ ନା ଅନ୍ୟ କେଉଁ ଶିକାରୀଙ୍କ ପାଖରୁ ଏହି ମାଂସ କିଣିଥିଲେ ସେ ଦିଗରେ ବନବିଭାଗ ତଦନ୍ତ କରିବା ଆବଶ୍ୟକ ଥିବାବେଳେ କେଉଁ ସ୍ଥାନରୁ ଏବଂ କିଏ ଏହି ବାରହା ଶିକାର କରିଛି ସେ ନେଇ ତଦନ୍ତ କରିବା ସହିତ ଶିକାରୀଙ୍କୁ ଗିରଫ କରିବା ଜରୁରୀ ହୋଇପଡିଛି ।



# ମହିଳା ସରପଞ୍ଚଙ୍କ ଧାରଣା ପ୍ରତ୍ୟାହୃତ:୪ଦିନ ହେଲା ଧାରଣା ଓ ଆମରଣ ଅନଶନରେ ଦଳିତ ମହିଳା ସରପଞ୍ଚ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଦୀର୍ଘ ୪ ଦିନ ହେଲା ଜଣେ ଦଳିତ ମହିଳା ସରପଞ୍ଚ ନିଜ ସମର୍ଥକ ମାନଙ୍କ ସହ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ବେଳେ ୫୦ ମିଟର ଦୂରରେ ଥିବା ଜିଲ୍ଲା ଅଧିକାରୀମାନେ ତାଙ୍କ ନିକଟରେ ପହଞ୍ଚି ପାରିନଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ରାଜକନିକା ବ୍ଲକ ଅଧିନ କୋରନ୍ଦ ପଞ୍ଚାୟତର ଏହି ମହିଳା ସରପଞ୍ଚଙ୍କୁ ବ୍ଲକ ତରଫରୁ ଅଣଦେଖା କରାଯିବା ସହ ତାଙ୍କ ପଞ୍ଚାୟତରେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ କରାଯାଉନଥିବା ଓ ତାଙ୍କ କଥା ସଂପୃକ୍ତ ବ୍ଲକର ବିଡିଓ ତଥା ବ୍ଲକ ପ୍ରଶାସନ ଶୁଣୁନଥିବା ଓ ଅସହଯୋଗ କରୁଥିବା ଅଭିଯୋଗ କରି ଧାରଣା ଦିଆଯାଇଛି । ସେ ଜଣେ ଦଳିତ ମହିଳା ହୋଇଥିବାରୁ ରାଜନୈତିକ ବାଛବିଚାର କରାଯାଇ ତାଙ୍କୁ ଓ ତାଙ୍କ ପଞ୍ଚାୟତର କୌଣସି କଥା ଏପରିକି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଭିନ୍ନ ପ୍ରକାର ଭତ୍ତା, ରାସନ କାର୍ଡ ଓ ଅନ୍ୟ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଉନଥିବା ଅଭିଯୋଗ ହୋଇଛି । ଏନେଇ ସଂପୃକ୍ତ ସରପଞ୍ଚ ଗୀତାଞ୍ଜଳୀ ସେଠୀ ବିଡିଓ, ଜିଲ୍ଲାପାଳ, ପିଡି, ଉପ ଜିଲ୍ଲାପାଳ ପ୍ରମୁଖଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ନମିଳିବାରୁ ଧାରଣା ଦେଇଥିଲେ । ତେବେ ସୋମବାର ସେହି ପଞ୍ଚାୟତର ଶତାଧିକ ବ୍ୟକ୍ତି ସରପଞ୍ଚଙ୍କ ସମର୍ଥନରେ ଧାରଣା ସ୍ଥଳରେ ପହଞ୍ଚି ହୋହାଲ୍ଲା କରିବାରୁ ଅତିରିକ୍ତ ଜିଲ୍ଲାପାଳ ପୀତାମ୍ବର ସାମଲ ଧାରଣା ସ୍ଥଳକୁ ଆସି ସରପଞ୍ଚଙ୍କ ଠାରୁ ସବୁ କଥା ଶୁଣି ଦାବିପତ୍ର ନେଇ ସମାଧାନ ପାଇଁ ପ୍ରତିଶୃତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

## ଆଜିର ଭଲମନ୍ଦ



ଉଦୟକାଳୀନ ଗ୍ରହଚକ୍ର




ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୪।୧।୨୦୨୪, ମାଘ ଦି୧୨ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୦୬।୨୪।୨୬ ଚନ୍ଦ୍ରୋଦୟ- ଦିଘ୪।୧୮।୧୩**

ଚତୁର୍ଦ୍ଦଶୀ- ରାଘ ୯।୫୧ ପର୍ଯ୍ୟନ୍ତ । ପୁନର୍ବସୁ ନକ୍ଷତ୍ର - ଅହୋରାତ୍ର । ମିଥୁନ ଚନ୍ଦ୍ର - ରାଘ ୧।୪୯ ପର୍ଯ୍ୟନ୍ତ । **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ରାଘ ୧।୪୯ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ରାଘ ୧।୪୯ ମଧ୍ୟେ କନ୍ୟା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ରାଘ ୯।୫୧ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୮ ଗତେ ଘ ୭।୫୫ ମଧ୍ୟେ ଦିଘ ୧।୪୯ ଗତେ ଘ ୪।୪୫ ମଧ୍ୟେ । **ପର୍ବୋତ୍ସବ -** ଜାତୀୟ କନ୍ୟା ସନ୍ତାନ ଦିବସ ।



**ମେଷ:** ଶାରୀରିକ ପୀଡ଼ା ଉପୁଜିପାରେ । ଶତ୍ରୁ ଆପଣଙ୍କୁ ପରାସ୍ତ କରିବେ । ଯାନବାହାନ କ୍ରୟ କରିବେ । ଅର୍ଥ ଲାଭ ହେବ । ବ୍ୟବସାୟରେ ଲାଭ କମ୍ ହେବ । ପାରିବାରିକ ସୁଖ ଶାନ୍ତି ଲାଭ କରିବେ ।



**ବୃଷ:** ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ହେବେ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ମନ କଥା କହି ବିବାଦରେ ପଡ଼ିବେ । ରୋଜଗାରରେ ଉନ୍ନତି ହେବ । ଗୃହରେ ଆନନ୍ଦ ଲାଭ ।



**ମିଥୁନ:** କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ । ମାନସିକ ସ୍ଥିତି ଭଲ ରହିବ ନାହିଁ । ସୁଖ ଓ ନିରାମୟ ଜୀବନ ଯାପନ କରିବେ । ଆୟ ଓ ବ୍ୟୟ ସମାନ ରହିବ । ମହିଳାମାନେ ସୁଖୀ ହେବାର ସୂଚନା ।



**କର୍କଟ:** ପରିବାରରେ ସମସ୍ୟା ଦେଖାଦେବ । ଯାନବାହାନ ଠାରୁ ସତର୍କ ରହିବେ । ଧର୍ମ କାର୍ଯ୍ୟ କରିବା ପାଇଁ ମନ କରିବେ । ପରାକ୍ରମଶାଳୀ ହେବେ । ବିଳାସ ସାମଗ୍ରୀ ପାଇବାର ସୂଚନା ମଧ ।



**ସିଂହ:** ଧୈର୍ଯ୍ୟର ସହ କାମ କରିବେ । ଚାକିରି କ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ମିଳିବ । ରୋଜଗାରର ପରିମାଣ ବଢ଼ିବ । ଶତ୍ରୁଙ୍କ ଠାରୁ ଦୂରେଇ ରହିବେ। ବ୍ୟବସାୟରେ ସୁଯୋଗ ହାତଛଡ଼ା ହେବ ।



**କନ୍ୟା:** ଆଜି ଆପଣଙ୍କ ପାଇଁ ଦିନଟି ସେତେ ଆନନ୍ଦଦାୟକ ନୁହେଁ । ଅଯଥାରେ ପରିଶ୍ରମର ମାତ୍ରା ବଢ଼ିବ । ଅପରିଚିତ ବ୍ୟକ୍ତିଙ୍କ ପାଇଁ ହଇରାଣରେ ପଡ଼ିପାରନ୍ତି । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ ।



**ତୁଳା:** ସତ୍ ମାର୍ଗରେ ପରିଚାଳିତ ହେବେ । ପୁଣ୍ୟ କାର୍ଯ୍ୟ କରିବେ । ଜନପ୍ରିୟତା ହାସଲ ହେବ । ବ୍ୟବସାୟରେ ମାନମନାନ୍ତର ଦେଖାଦେବ । ରୋଜଗାର ମଧ୍ୟମ ଧରଣର ହେବ । ପାରିବାରିକ ସୁଖ ଅବ୍ୟାହତ ରହିବ ।



**ବିଛା:** କୌଶଳ କ୍ରମେ କାର୍ଯ୍ୟ ହାସଲ କରିବେ । ବନ୍ଧୁଙ୍କ ଦ୍ୱାରା ସମ୍ମାନିତ ହେବେ । ଖର୍ଚ୍ଚର ପରିମାଣ ଢେର ବଢ଼ିବ । ପରିବାରରେ ଅଶାନ୍ତି ଓ କଳହ ସୃଷ୍ଟି ହେବ । ମହିଳାମାନେ ସୁଖୀ ହେବେ । ମନ ଅସ୍ଥିର ରହିବ ।



**ଧନୁ:** ଆପଣଙ୍କର ଅନିଷ୍ଟ କଥା ଚିନ୍ତା କରୁଥିବା ଲୋକ ହାର୍ ମାନିବେ । ଶତ୍ରୁ ହାନୀ କରି କର୍ମ ପଥରେ ଆଗେଇ ଚାଲିବେ । ପାରିବାରିକ ଶାନ୍ତି ଲାଭ ହେବ। ପ୍ରତ୍ୟୁଷର ଯାତ୍ରା ସଫଳ ହେବ । ଦେହ ଭଲ ରହିବ ।



**ମକର:** ସତ୍ ପଥରେ ଚାଲିବେ । ଦୟାଳୁ ହେବେ । ଲୋକପ୍ରିୟତା ବଢ଼ିବ । କର୍ମକ୍ଷେତ୍ରରେ ଆଶାବାଦୀ ହେବେ । ପାରିବାରିକ ସମସ୍ୟାର ସମାଧାନ ହେବ । ବ୍ୟୟର ପରିମାଣ ବଢ଼ିବାର ସୂଚନା ।



**କୁମ୍ଭ:** ଆନନ୍ଦ ଉଲ୍ଲାସରେ ଦିନଟି କଟିବ । ବ୍ୟବସାୟରେ ଉନ୍ନତି ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ ଦ୍ୱନ୍ଦ୍ୱ ସୃଷ୍ଟି ହେବ। ଉଚ୍ଚ ସ୍ତରରେ ସମ୍ପର୍କ ବଢ଼ିବାର ସୂଚନା । ମନ ଭଲ ରହିବ । ବନ୍ଧୁ ଦର୍ଶନ ।



**ମୀନ:** ଦୂରକୁ ଯାତ୍ରା କରିବେ । ମାଙ୍ଗଳିକ କାର୍ଯ୍ୟରେ ସଫଳତା ମିଳିବ । କର୍ମକ୍ଷେତ୍ରରେ ସଫଳତା ମିଳିବ । ରୋଜଗାରରେ ଅଗ୍ରଗତି । ଅନ୍ୟମାନଙ୍କ ପାଖରେ ସମ୍ମାନିତ ହେବେ । ମହିଳାମାନେ ସୁଖୀ ହେବେ ।



# ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳୀ ଦେଲା ବିଜେଡି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ତରଫରୁ ସୁଭାଷ ଚନ୍ଦ୍ର ବୋଷ, ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଓ ମହାରାଜ ମର୍ଦ୍ଦରାଜ ଦେଓଙ୍କର ତିରୋଧାନ ଦିବସ ରାଜଧାନୀରେ ଅବସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପାଳନ କରାଯାଇଅଛି । ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୭ ତମ ଜୟନ୍ତୀ ପାଳନ ଅବସରରେ ତାଙ୍କୁ ଏକ ଦେଶବତ୍ସଳ ବେସାଲିସ ଜନନାୟକ ଓ ବୀର ସୁରେନ୍ଦ୍ର ସାଏଙ୍କୁ ଦୁଃସାହସି ବିପ୍ଳବୀ ବୋଲି ତାଙ୍କର ୨୧୩ ତମ ଜୟନ୍ତୀରେ ଅତିଥି ମାନେ ପ୍ରତିପାଦନ କରିଥିବା ବେଳେ ମହାରାଜ ମର୍ଦ୍ଦରାଜ ଦେଓଙ୍କ ୭୦ ତମ ଶ୍ରାଦ୍ଧ ଦିବସରେ ତାଙ୍କୁ ଏକ ଦୂରଦ୍ରଷ୍ଟା ଲୋକଙ୍କ ପାଇଁ ଏକ ସମର୍ପିତ ଜୀବନ ବିତାଇଥିବା ଶାସକ ଭାବେ ଅଭିହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଥମେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇଥିଲା । ଏହି ସଭାରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ମୁଖ୍ୟ ସଂଯୋଜକ ପ୍ରବୀର ମହାନ୍ତି, ସମାଜସେବୀ ବିଜୟ ତ୍ରିପାଠୀ, ଡକ୍ଟର ରଙ୍ଗାଧର ସାହୁ, କାଳନ୍ଦି ପରିଡ଼ା, ଅକ୍ଷୟ ଜେଠୀ, ସାମଲ ଶର୍ମା, ମନୋଜ ପତି ସୁଜାତା ଜେନା, ବନଜା ବେହେରା, ଦେବରାଜ ପରିଡ଼ା, କାମଦେବ ମହାପାତ୍ର, ଅମିତ ପାତାଳ ସିଂ ପ୍ରାଧ୍ୟାପକ ଆଦିତ୍ୟ ଦାସ, ହରପ୍ରିୟା ପଟ୍ଟଯୋଶୀ, ନମ୍ରତା ସାହୁ, ରମେଶ ଚନ୍ଦ୍ର ପାତାଳ ସିଂ, ସାରଦା ମିଶ୍ର, ତପସ୍ୱିନୀ ପ୍ରଧାନ, ସୁଜାତା ମିଶ୍ର, ଲିପକ ମହାନ୍ତି, ଜ୍ୟୋତି ରଞ୍ଜନ ରାଉତ, ଗିରିଜା ଶଙ୍କର ମହାପାତ୍ର ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

29 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୨୪ ଜାନୁଆରୀ ୨୦୨୪ ବୁଧବାର



# ୨୨ଟି ବସ୍ତାରୁ ୩୯୮ଟି ଜୀବନ୍ତ କଇଁଛ ଜବତ



**କାଳିମେଲା, ନ୍ୟୁଜ ବ୍ୟୁରୋ**

ଆନ୍ଧ୍ର ପ୍ରଦେଶରୁ ଓଡ଼ିଶାକୁ ଚୋରା ଚାଲାଣ ବେଳେ ମୋଟୁ ପୁଲିସ ଦ୍ୱାରା ବ୍ୟାପକ କଇଁଛ ଜବତ କରାଯାଇଥିବାର ଜଣାପଡ଼ିଛି। ଆଜି ସକାଳେ ମୋଟୁ ନିକଟରେ ଥିବା ଆନ୍ଧ୍ର ଓଡ଼ିଶା ସୀମାନ୍ତ ତନଖି ଫାଟକରେ ମୋଟୁ ପୁଲିସ ଯାନବାହାନ ଯାଂଚ କରୁଥିବାବେଳେ ଆନ୍ଧ୍ର ପଟୁ ଓଡ଼ିଶା ଭିତରକୁ ପ୍ରବେଶ କରିଥିବା ଏକ ମିନି ଟ୍ରକକୁ ଯାଂଚ କରିବାବେଳେ ଟ୍ରକରେ ୨୨ଟି ବସ୍ତାରେ ମୋଟ ୩୯୮ ଜୀବନ୍ତ କଇଁଛକୁ ଜବତ କରାଯାଇଥିଲା। ମୋଟୁ ପଲିସ ସବଇନ୍ସପେକ୍ଟର ଲକ୍ଷ୍ମୀଧର ଲେଙ୍କାଙ୍କ ନେତୃତ୍ୱରେ ଏହି ଚୋରା କଇଁଛକୁ ଜବତ କରାଯାଇ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ପୁଲିସ ମିନି ଟ୍ରକ୍ (ଏପି୩୯ଟିଏସ ୭୧୬୦)କୁ ଜବତ କରିବା ସହିତ ଏହି ଚୋରା ଚାଲାଣରେ ସଂପୃକ୍ତ ଥିବା ୪ଜଣ ଅଭିଯୁକ୍ତଙ୍କୁ ବନ ବିଭାଗ ଅଟକ ରଖି ଅଧିକ ପଚରା ଉଚରା କରୁଥିବାର ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ମାଲକାନଗିରି ଜିଲ୍ଲାରେ କଇଁଛ ମାଂସର ଚାହିଦା ଅଧିକ ଥିବାରୁ ଦୈନିକ ଆନ୍ଧ୍ର ପ୍ରଦେଶର କାକିନାଡ଼ା ଅଂଚଳରୁ ଶହଶହ ଚୋରାରେ କଇଁଛ ଓଡ଼ିଶା ଭିତରକୁ ପ୍ରବେଶ କରିଥାଏ। ସିଲେରୁ ନଦୀରେ ଥିବା ବିଭିନ୍ନ ଚୋରା ନଦୀ ଘାଟ ଦେଇ କାଳିମେଲା ବ୍ଲକର ବିଭିନ୍ନ ସ୍ଥାନକୁ ଏହି କଇଁଛ ଚାଲାଣ ହୋଇ ଆସୁଛି। କମ ଦାମରେ କଇଁଛ କିଣି ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ା ଦରରେ କିଲୋ ପ୍ରତି ୪ ଶହରୁ ୫ଶହ ଟଙ୍କାରେ ବିକ୍ରି କରି ବେପାରୀମାନେ ମାଲାମାଲ ହେଉଛନ୍ତି।

# ଓରେରା ନିର୍ଦ୍ଦେଶ କାର୍ଯ୍ୟକାରୀ ପ୍ରସଂଗ: ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି (ଓରେରା) ନିର୍ଦ୍ଦେଶ କାର୍ଯ୍ୟକାରୀ ପ୍ରସଙ୍ଗରେ ରହିଥିବା ସମସ୍ୟା ପ୍ରସଂଗକୁ ନେଇ ବିଚାରାଧୀନ ମାମଲାରେ ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟରେ ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ନିଜ ନିର୍ଦ୍ଦେଶ କାର୍ଯ୍ୟକାରୀ ପାଇଁ ଓରେରାର ଆଇନ ଅନୁସାରେ କ୍ଷମତା ରହିଛି। କିନ୍ତୁ ଏହି କ୍ଷମତା ଓରେରା ପ୍ରୟୋଗ କରୁ ନାହାନ୍ତି। ଏପରି ନିର୍ଦ୍ଦେଶ କାର୍ଯ୍ୟକାରୀ ପ୍ରସଙ୍ଗକୁ ସିଭିଲ୍ କୋର୍ଟକୁ ପଠାଇ ଦିଆଯାଉଛି। ଫଳରେ ଓରେରାରେ ବିବାଦ ଫଏସଲା ହେବା ପରେ ମଧ୍ୟ ପକ୍ଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହାଇକୋର୍ଟ ଏହି ପ୍ରସଙ୍ଗରେ ଜବାବ ରଖିବାକୁ ଓରେରାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁଇ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ବିଦ୍ୟୁତ ରଂଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ୍.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ବିମଳେନ୍ଦୁ ପ୍ରଧାନଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଓରେରାରେ ରୁଜୁ ମାମଲାରେ ପ୍ରଦାନ କରାଯାଉଥିବା ନିର୍ଦ୍ଦେଶ କାର୍ଯ୍ୟକାରୀ ପ୍ରସଙ୍ଗରେ ନିଷ୍କ୍ରିୟତା ଅବଲମ୍ବନ କରାଯାଉଛି। ନିଜ ନିର୍ଦ୍ଦେଶ କାର୍ଯ୍ୟକାରୀ ପାଇଁ ଓରେରାର ଆଇନ ଅନୁସାରେ କ୍ଷମତା ରହିଛି। କିନ୍ତୁ ଏହି କ୍ଷମତା ଓରେରା ପ୍ରୟୋଗ ନ କରି ନିର୍ଦ୍ଦେଶ କାର୍ଯ୍ୟକାରୀ ପ୍ରସଙ୍ଗକୁ ସିଭିଲ କୋର୍ଟକୁ ପଠାଇ ଦେଉଛନ୍ତି ବୋଲି ହାଇକୋର୍ଟରେ ଦାୟର ମାମଲାରେ ଦର୍ଶାଯାଇଛି। ଫଳରେ ଓରେରା ନିର୍ଦ୍ଦେଶ କାର୍ଯ୍ୟକାରୀ ପାଇଁ ସିଭିଲ କୋର୍ଟରେ ମାମଲା ରୁଜୁ କରିବାକୁ ପଡୁଛି। ରିୟଲ ଇଷ୍ଟେଟ କ୍ଷେତ୍ର ପାଇଁ ରିୟଲ ଇଷ୍ଟେଟ (ରେଗୁଲେସନ୍ ଆଣ୍ଡ ଡେଭେଲପମେଣ୍ଟ) ଆକ୍ଟ, ୨୦୧୬ ଆସିବା ପରେ ରାଜ୍ୟ ସରକାର ଓରେରା ନିୟମାବଳୀ, ୨୦୧୭ ପ୍ରଣୟନ କରିଥିଲେ। ଓରେରା ଆଇନ ଅନୁସାରେ ଅଥରିଟି, ଆଡଜୁଡ଼ିକେଟିଂ ଅଫିସର ଓ ଆପିଲେଟ ଟ୍ରିବ୍ୟୁନାଲ ନିଜ ନିର୍ଦ୍ଦେଶ କାର୍ଯ୍ୟକାରୀ କରି ପାରିବେ। କିନ୍ତୁ ରାଜ୍ୟ ସରକାର ପ୍ରଣୟନ କରିଥିବା ନିୟମାବଳୀରେ କେମିତି ରେରା ଆଇନ ଅନୁସାରେ ଗଠିତ ଅଥରିଟି, ଆଡଜୁଡ଼ିକେଟିଂ ଅଫିସର ଓ ଆପିଲେଟ ଟ୍ରିବ୍ୟୁନାଲ ନିଜ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବେ ସେ ନେଇ କିଛି ବ୍ୟବସ୍ଥା କରାଯାଇ ନଥିଲା। ଏ ନେଇ ପୂର୍ବରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ପ୍ରସଙ୍ଗରେ ବିଚାର କରି ନିଷ୍ପତ୍ତି ନେବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ କହିଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ୨୦୧୯ରେ ଏ ନେଇ ନିୟମାବଳୀରେ ସଂଶୋଧନ ଆଣିଥିଲେ। ଏଥିରେ ରେରା ଆଇନ ଅନୁସାରେ ଗଠିତ ଅଥରିଟି, ଆଡଜୁଡ଼ିକେଟିଂ ଅଫିସର ଓ ଆପିଲେଟ ଟ୍ରିବ୍ୟୁନାଲ ନିଜ ନିର୍ଦ୍ଦେଶ କେମିତି କାର୍ଯ୍ୟକାରୀ କରିବେ ତାହା ଉଲ୍ଲେଖ କରାଯାଇଥିଲା। ଆଇନଗତ କ୍ଷମତା ଓ ନିୟମ ଥିଲେ ମଧ୍ୟ ଓରେରା ନିଜ ନିର୍ଦ୍ଦେଶ ନିଜେ କାର୍ଯ୍ୟକାରୀ କରୁ ନାହାନ୍ତି। ଓରେରା ପ୍ରଦାନ କରିଥିବା ନିର୍ଦ୍ଦେଶ କାର୍ଯ୍ୟକାରୀ ପ୍ରସଙ୍ଗକୁ ନେଇ ଲୋକଙ୍କୁ ସିଭିଲ କୋର୍ଟକୁ ଯିବାକୁ କୁହାଯାଉଛି। ରିୟଲ ଇଷ୍ଟେଟ କ୍ଷେତ୍ରରେ ବିବାଦର ଶୁଣାଣି ପାଇଁ ଓରେରା ଗଠନ କରାଯାଇଥିବା ବେଳେ ଏହାର ନିର୍ଦ୍ଦେଶ କାର୍ଯ୍ୟକାରୀ ପାଇଁ ପକ୍ଷଙ୍କୁ ସିଭିଲ କୋର୍ଟକୁ ଯିବାକୁ ବାଧ୍ୟ କରାଯିବା ଗ୍ରହଣୀୟ ନୁହେଁ। ଓରେରା ନିଜ ନିର୍ଦ୍ଦେଶ ନିଜେ କାର୍ଯ୍ୟକାରୀ ପାଇଁ ଦାୟର ମାମଲାର ୬ ମାସ ଭିତରେ ଶୁଣାଣି ଶେଷ କରିବା କଥା। କିନ୍ତୁ ଏହି ପ୍ରସଙ୍ଗକୁ ସିଭିଲ କୋର୍ଟକୁ ପଠାଯିବା ଦ୍ୱାରା ଅଯଥା ବିଳମ୍ବ ହେଉଛି।

# ରଷିକୁଲ୍ୟା ମୁହାଣରେ ମଙ୍ଗୋଳିଆ ଧ୍ରୁବହଂସ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଅଲିଭ୍ ରିଡ୍ଲେ କଇଁଛଙ୍କ ଗଣଅଣ୍ଡାଦାନ ପାଇଁ ଅନ୍ତର୍ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ରଷିକୁଲ୍ୟା ମୁହାଣ ବିଦେଶାଗତ ପକ୍ଷୀଙ୍କୁ ଆକୃଷ୍ଟ କରୁଛି। ମୁହାଣ ବାଲୁକାଶଯ୍ୟାରେ ଏବେ ବିଭିନ୍ନ ଅଞ୍ଚଳରୁ ଆସିଥିବା ପକ୍ଷୀଙ୍କ ସମାଗମ ଦେଖିବାକୁ ମିଳୁଛି। ମଙ୍ଗୋଳିଆରୁ ଆସିଥିବା ଧ୍ରୁବହଂସ (ବାରହେଡେଡ୍ ଗୁସ୍) ଏବେ ମୁହାଣର ଶୋଭା ବର୍ଦ୍ଧନ କରୁଛନ୍ତି। ପ୍ରାୟ ୧ ହଜାରରୁ ଅଧିକ ଧ୍ରୁବହଂସ ରଷିକୁଲ୍ୟା ମୁହାଣ ବାଲୁକାଶଯ୍ୟାରେ ରହିଥିବା ଦେଖିବାକୁ ମିଳିଛି। ଗତ କିଛିଦିନ ହେଲା ରଷିକୁଲ୍ୟା ମୁହାଣ ଓ ପୋତାଗଡ଼ ଅଞ୍ଚଳରେ ଏହି ପକ୍ଷୀଙ୍କ ସମାଗମ ବଢ଼ିବାରେ ଲାଗିଛି। ସେମାନଙ୍କୁ ଦେଖିବା ପାଇଁ ପର୍ଯ୍ୟଟକମାନେ ମଧ୍ୟ ଆକୃଷ୍ଟ ହେଉଛନ୍ତି। ଏମାନଙ୍କ ରଙ୍ଗ ଧଳା ହୋଇଥିବା ବେଳେ ଡେଣାରେ କଳାରଙ୍ଗର ଷ୍ଟ୍ରିପ୍ ରହିଥାଏ। ପକ୍ଷୀମାନଙ୍କ ମଧ୍ୟରେ ଧ୍ରୁବହଂସର ଅମ୍ଳଜାନ ଗ୍ରହଣ କରିବା କ୍ଷମତା ଅଧିକ। ଏଣୁ ସେମାନେ ସର୍ବାଧିକ ଉଚ୍ଚତାରେ ଉଡ଼ି ଗୋଟିଏ ଦିନରେ ସର୍ବାଧିକ ୧୫ରୁ ୧୬ଶହ କିମି ଯାତ୍ରା କରିଥାଆନ୍ତି। ମଙ୍ଗୋଲିଆ ମୁଖ୍ୟ ଆସ୍ଥାନ। ଶୀତଦିନରେ ସେଠାକାର ତାପମାତ୍ରା ଶୂନ ଡିଗ୍ରିରୁ ତଳକୁ ଖସୁଥିବାରୁ ଧ୍ରୁବହଂସ ଖାଦ୍ୟ ଅନ୍ୱେଷଣରେ ଓଡ଼ିଶା ଉପକୂଳମୁହାଁ ହୋଇଥାଆନ୍ତି। ବିଶେଷକରି ଚିଲିକା, ଭିତରକନିକା ଓ ରଷିକୁଲ୍ୟା ମୁହାଣକୁ ଅଧିକ ଆସିଥାନ୍ତି। ଗତ ପ୍ରାୟ ୧୦ବ ?ର୍ଷ ହେଲା ରଷିକୁଲ୍ୟା ମୁହାଣ ଓ ନଦୀପଠାରେ ଏମାନଙ୍କୁ ଦେଖିବାକୁ ମିଳୁଛି। ନଭେମ୍ବର ମାସରୁ ଫେବ୍ରୁଆରି ପର୍ଯ୍ୟନ୍ତ ଓଡ଼ିଶା ଉପକୂଳରେ ରହିଥାଆନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଚଳିତବର୍ଷ ଟିକେ ବିଳମ୍ବରେ ଧ୍ରୁବହଂସ ଆସିଛନ୍ତି। ଏମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଅଞ୍ଚଳବାସୀ ମଧ୍ୟ ଏହି ପକ୍ଷୀଙ୍କ ସୁରକ୍ଷା ବ୍ୟବସ୍ଥା ପାଇଁ ତତ୍ପର ରହିଥିବା ରଷିକୁଲ୍ୟା ସମୁଦ୍ର କଇଁଛ ସୁରକ୍ଷା ସମିତିର ସମ୍ପାଦକ ରବୀନ୍ଦ୍ରନାଥ ସାହୁ କହିଛନ୍ତି।

# ୨୯% କିଶୋରୀ ଓ ୨୭% କିଶୋର ଭବିଷ୍ୟତ ବୃତ୍ତି ସମ୍ପର୍କରେ ଅଜ୍ଞ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏକ ବିଂଶ ଶତାବ୍ଦୀରେ ମଣିଷର କୁଶଳତା ଓ କ୍ଷମତାକୁ ମଣିଷ ଦ୍ୱାରା ପ୍ରସ୍ତୁତ କୃତ୍ରିମ ବୁଦ୍ଧିମତା (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ) ନିୟନ୍ତ୍ରଣ କରିବାକୁ ଯାଉଛି। ଆଗାମୀ ଦଶନ୍ଧୀ ଭାରତର ହେବ । ଜ୍ଞାନ, କ୍ଷମତା ଆଦିରେ ବିଶ୍ୱଗୁରୁ ହେବ ବୋଲି ଯୋଜନା ଚାଲିଛି। ଇଂରାଜୀ ଶାସନ ସମୟରେ ରଚିତ ମଧୁବର୍ଣ୍ଣବୋଧର 'ଚାକିରି କରିବ ପୁଲିସି, ମାଛ ଖାଇବ ଇଲିସି' ରୁଢ଼ି ଆଜି ମଧ୍ୟ ପ୍ରାସଙ୍ଗିକ ରହିଛି ବୋଲି ନିକଟରେ ଦେଶର ୧୪ରୁ ୧୮ ବର୍ଷ ବୟସ୍କ ଛାତ୍ରଛାତ୍ରୀଙ୍କୁ ନେଇ ୨୬ଟି ରାଜ୍ୟର ୨୮ଟି ଜିଲ୍ଲାରେ କରାଯାଇଥିବା ବାର୍ଷିକ ଶିକ୍ଷା ସ୍ଥିତି ରିପୋର୍ଟ (ଅସର) ସର୍ଭେରେ ପ୍ରମାଣିତ ହୋଇଛି। ଓଡ଼ିଶାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସରକାରୀ ଚାକିରି ମଧ୍ୟରେ ପୁଲିସ ଓ ଶିକ୍ଷକତା ହିଁ ପ୍ରମୁଖ ଆକର୍ଷଣ ରହିଥିବା ବେଳେ ଦେଶର କିଶୋରକିଶୋରୀଙ୍କ ମଧ୍ୟରେ ବୃତ୍ତିଗତ ଲକ୍ଷ୍ୟ ତାଲିକାରେ ସେନା ଯବାନ ଓ ଶିକ୍ଷକ ଚାକିରି ହିଁ ପ୍ରମୁଖ ରହିଛି। ଓଡ଼ିଶାର ସମ୍ବଲପୁର ଜିଲ୍ଲାକୁ ନମୁନା ଜିଲ୍ଲା ଭାବେ ନିଆଯାଇ ସର୍ବେକ୍ଷଣରେ ସାମିଲ କରାଯାଇଥିଲା। ସର୍ବେକ୍ଷଣରେ ଯୋଡ଼ି ହୋଇଥିବା ନବମରୁ ଦ୍ୱାଦଶ ଶ୍ରେଣୀର କିଶୋରଙ୍କ ମଧ୍ୟରୁ ୪.୬ ପ୍ରତିଶତ ଯେ କୌଣସି ସରକାରୀ ଚାକିରି କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ୨.୧ ପ୍ରତିଶତ ଘରୋଇ କମ୍ପାନିରେ ଚାକିରି କରିବାକୁ ଲକ୍ଷ୍ୟ ରଖିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, ୨୭.୧ ପ୍ରତିଶତ କିଶୋର କିଶୋରୀ ଭବିଷ୍ୟତରେ କ'ଣ ହେବେ ସେନେଇ ସନ୍ଦିହାନ ଥିବା ବେଳେ ୩.୧ ପ୍ରତିଶତ କୃଷି, ୧.୯ ପ୍ରତିଶତ ଖେଳାଳୀ ଓ ୧.୭ ପ୍ରତିଶତ ପାରିବାରିକ ବ୍ୟବସାୟ କିମ୍ବା ବୃତ୍ତି ଅନୁସରଣ କରିବେ ବୋଲି କହିଛନ୍ତି। ଯେତିକି ପ୍ରତିଶତ କିଶୋର ସରକାରୀ ଚାକିରି କରିବେ ବୋଲି କହିଛନ୍ତି ସେମାନଙ୍କ ମଧ୍ୟରେ ୧୬.୮ ପ୍ରତିଶତ ପୁଲିସ ଚାକିରିକୁ ନିଜର ପ୍ରଥମ ପସନ୍ଦ କହିଛନ୍ତି। ଏହା ପଛକୁ ଇଂଜିନିୟର ୧୨.୭ ପ୍ରତିଶତ, ସେନା ଯବାନ ୧୧.୩ ପ୍ରତିଶତ, ଶିକ୍ଷକତା ୮ ପ୍ରତିଶତ, ଡାକ୍ତର ୪ ପ୍ରତିଶତ ରହିଥିବା ବେଳେ ଆଇଏଏସ୍ ଓ ଆଇପିଏସ୍ ଭଳି ଲାଭପ୍ରଦ ଚାକିରି ସର୍ବନିମ୍ନ ପସନ୍ଦରେ ରହିଛି। ଭବିଷ୍ୟତ ଜୀବନରେ ୦.୦୮ ପ୍ରତିଶତ କିଶୋର ଆଇଏଏସ୍ ହେବେ ବୋଲି କହିଥିବା ବେଳେ ୦.୦୩ ପ୍ରତିଶତ ଆଇପିଏସ୍ ହେବି ବୋଲି ମତ ଦେଇଛନ୍ତି। ସେହିଭଳି ପାଠ ପଢୁଥିବା କିଶୋରୀଙ୍କ ମଧ୍ୟରେ ୨୯.୪ ପ୍ରତିଶତ ନିଜର ଭବିଷ୍ୟତର ବୃତ୍ତି ସମ୍ପର୍କରେ ଅଜ୍ଞ ଅଛନ୍ତି। ୧.୮ ପ୍ରତିଶତ ଭବିଷ୍ୟତ ଜୀବନରେ ଘରକାମ କରିବେ ବୋଲି କହିଥିବା ବେଳେ ୨.୮ ପ୍ରତିଶତ କୌଣସି ସରକାରୀ ଚାକିରି, ୦.୬ ପ୍ରତିଶତ ଘରୋଇ ଚାକିରି, ୦.୪ ପ୍ରତିଶତ ଖେଳାଳୀ, ୧.୧ ପ୍ରତିଶତ କୃଷକ ଓ କୃଷି ସମ୍ପର୍କିତ କାର୍ଯ୍ୟ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଯେତିକି ପ୍ରତିଶତ କିଶୋରୀ ସରକାରୀ ଚାକିରି ଜୀବନର ଲକ୍ଷ୍ୟ ବୋଲି କହିଛନ୍ତି ସେମାନଙ୍କ ମଧ୍ୟରେ ସର୍ବାଧିକ ୨୩.୫ ପ୍ରତିଶତ ଶିକ୍ଷୟିତ୍ରୀ, ୧୨.୭ ପ୍ରତିଶତ ନର୍ସ, ୧୧.୪ ପ୍ରତିଶତ ପୁଲିସ, ୭.୨ ପ୍ରତିଶତ ଡାକ୍ତର, ୩.୫ ପ୍ରତିଶତ ସେନା ଯବାନ ହେବାକୁ ଲକ୍ଷ୍ୟ ରଖିଥିବା ବେଳେ ୧ ପ୍ରତିଶତ ଆଇଏଏସ୍, ୦.୯ ପ୍ରତିଶତ ଆଇପିଏସ୍ ଓ ୦.୭ ପ୍ରତିଶତ ଇଂଜିନିୟର ହେବାକୁ ଲକ୍ଷ୍ୟ ରଖିଛନ୍ତି।

ଦେଶରେ ଶିକ୍ଷାର ସ୍ଥିତି କିଭଳି ରହିଛି ସେନେଇ ନୂଆଦିଲ୍ଲୀର ପ୍ରଥମ ଟ୍ରଷ୍ଟ ପକ୍ଷରୁ ବାର୍ଷିକ ଶିକ୍ଷା ସ୍ଥିତି ରିପୋର୍ଟ (ଏଏସ୍ଇଆର) ପ୍ରକାଶ ପାଇଥାଏ। ଜାନୁଆରୀ ୧୭ରେ ପ୍ରକାଶିତ ୨୦୨୩ର ଏହି ରିପୋର୍ଟରେ ଦେଶର ଶିକ୍ଷା ସ୍ଥିତି ସମ୍ପର୍କରେ ଅନେକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି।

# ସୋନପୁର ବ୍ଲକ ସ୍ତରୀୟ ସୂଚନା ଶିକ୍ଷା ଓ ଯୋଗାଯୋଗ କର୍ମଶାଳା

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ପଞ୍ଚାୟତ ସମିତି, ସୋନପୁର ରେ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଓ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ର ମିଳିତ ଆନୁକୁଲ୍ୟରେ ବ୍ଲକ କଳା ସଂସ୍କୃତି ସଂଘ, ସୋନପୁର ତରଫରୁ ବ୍ଲକ ସ୍ତରୀୟ ସୂଚନା ଶିକ୍ଷା ଓ ଯୋଗାଯୋଗ ନିମିତ୍ତ ଦୁଇ ଦିବସୀୟ କର୍ମଶାଳା ଉଦଯାପିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ କଳା ସଂସ୍କୃତି ସଂଘର ସଭାପତି ତଥା ପଞ୍ଚାୟତ ସମିତି, ସୋନପୁରର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟ ରଞ୍ଜନ ସ୍ୱାଇଁ, ଉପସଭାପତି ନନ୍ଦ କାହ୍ନ। ପୂଝାରୀ, ବରିଷ୍ଠ କଳାକାର ପୂର୍ଣ୍ଣଚନ୍ଦ୍ର କଠାର ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯୁଧିଷ୍ଠିର ଭୋଇ ଉପସ୍ଥିତ ଥିବା ବେଳେ ସୋନପୁର ବ୍ଲକ ଅନ୍ତର୍ଗତ ସମସ୍ତ ବ୍ଲକ କଳା ସଂସ୍କୃତି ସଂଘର କଳା ପରିବେଷଣ ଦଳ ଗୁଡିକ ଅଂଶ ଗ୍ରହଣ କରିଥିଲେ।

# ନିଜ ଭୋଟ ବ୍ୟାଙ୍କ ଜଗିଛି ବିଜେଡି: ରୋଚକ ସ୍ଥିତିରେ ରାଜନୀତି

**ଆସିକା, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ରାଜନୈତିକ ମାନଚିତ୍ରରେ ଆସିକା ବିଧାନସଭା ନିର୍ବାଚନମଣ୍ଡଳୀ ଅନେକ ଦୃଷ୍ଟିରୁ ସ୍ୱତନ୍ତ୍ର। ୧୯୫୧ ମସିହାରେ ବିଧାନସଭା କ୍ଷେତ୍ର ଗଠନ ପରଠୁ ୨୦୧୯ ମଧ୍ୟରେ ହୋଇଥିବା ୧୬ଟି ନିର୍ବାଚନରେ ବହୁ ବିଶିଷ୍ଟ ରାଜନେତା ଏଠାରେ ସେମାନଙ୍କ ଭାଗ୍ୟ ପରୀକ୍ଷା କରିଛନ୍ତି। ୧୯୫୧ରେ ଦ୍ୱୈତ ସଂରକ୍ଷଣ ବ୍ୟବସ୍ଥାରେ କମ୍ୟୁନିଷ୍ଟ ପାର୍ଟିର ସ୍ୱର୍ଗତ ହରିହର ଦାସ ଓ ପଦ୍ମଶ୍ରୀ ମୋହନ ନାୟକ ଆସିକାର ପ୍ରଥମ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୧୯୫୭, ୧୯୬୭ ଓ ୧୯୭୪ରେ ହରିହର ଦାସ ପୁଣି ନିର୍ବାଚିତ ହୋଇଥିଲେ। ମୋଟ ୪ ଥର ବିଧାୟକ ଭାବେ ନିର୍ବାଚିତ ହୋଇ ହରିହରଙ୍କ ବିରଳ ରେକର୍ଡ଼ ସୃଷ୍ଟି ଏବେ ବି ଅତୁଟ ରହିଛି। ସେହିପରି ବିଜେଡିରୁ ଦେବରାଜ ମହାନ୍ତି ତିନିଥର ୨୦୦୦, ୨୦୦୯ ଓ ୨୦୧୪ରେ ବିଧାୟକ ଭାବେ ନିର୍ବାଚିତ ହୋଇ ସଫଳତା ହାସଲ କରିଛନ୍ତି। ଅନ୍ୟପକ୍ଷରେ ୧୯୬୧ରେ କଂଗ୍ରେସରୁ ଲୋକନାଥ ମିଶ୍ର, ୧୯୭୧ ରେ ଉତ୍କଳ କଂଗ୍ରେସରୁ କବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀ, ୧୯୭୭ରେ ଜନତା ପାର୍ଟିରୁ ହରିହର ସ୍ୱାଇଁ, ୧୯୮୦ ଓ ୧୯୮୫ରେ କଂଗ୍ରେସରୁ ରାଘବ ପରିଡ଼ା, ୧୯୯୦ରେ ସିପିଆଇରୁ ଦ୍ୱିତୀକୃଷ୍ଣ ପଣ୍ଡା, ୧୯୯୫ରେ କଂଗ୍ରେସରୁ ଉଷାରାଣୀ ପଣ୍ଡା ଓ ୨୦୦୪ରେ ସ୍ୱାଧୀନ ପ୍ରାର୍ଥୀ ସରୋଜ ପାଢ଼ୀ ନିର୍ବାଚିତ ହୋଇଛନ୍ତି। ମୋଟାମୋଟି ଭାବେ କହିବାକୁ ଗଲେ ଏହି ନିର୍ବାଚନମଣ୍ଡଳୀ ସିପିଆଇର ଏକ ଗଡ଼ ଭାବେ ପରିଚିତ ଥିଲା। ତେବେ ୨୦୦୪ ପରଠୁ ଏଠାରେ ରାଜନୈତିକ ସମୀକରଣ ବଦଳିଛି। ସେହିବର୍ଷ ଶେଷଥର ପାଇଁ ବିଜେଡିକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ଏହାପରଠୁ ଲଗାତାର ତିନିଟି ନିର୍ବାଚନ ୨୦୦୯, ୨୦୧୪ ଓ ୨୦୧୯ରେ ବିଜେଡି ବିଜୟ ଧାରାକୁ ବଜାୟ ରଖିଛି। ପ୍ରାକ୍ତନ ଆସିକା ଲୋକସଭା ସାଂସଦ ସ୍ୱର୍ଗତ ଲଡୁକିଶୋର ସ୍ୱାଇଁଙ୍କ ପତ୍ନୀ ମଞ୍ଜୁଳା ସ୍ୱାଇଁ ବର୍ତ୍ତମାନ ବିଧାୟିକା ରହିଛନ୍ତି। ଏଭଳି ପରିସ୍ଥିତିରେ ଆଗକୁ ସାଧାରଣ ନିର୍ବାଚନ ଆସୁଥିବା ବେଳେ ବିଜେଡି ଅପରାଜେୟ ରହିବାକୁ ରଣକୌଶଳ ଆରମ୍ଭ କରିସାରିଛି। ତେବେ ଗଲା ତିନିଟି ନିର୍ବାଚନରେ ବିଜେଡିର ଭୋଟ ହାର ବୃଦ୍ଧି ଦଳ ପାଇଁ ସଞ୍ଜୀବନୀ ପାଲଟିଛି ବୋଲି କହିଲେ ଅତ୍ୟୁକ୍ତି ହେବନି। ୫ଟି ନିର୍ବାଚନର ଫଳାଫଳକୁ ଅନୁଧ୍ୟାନ କଲେ ୨୦୦୦ରେ ବିଜେଡି ୪୪.୦୯% ଭୋଟ ପାଇଥିଲା। ସେତେବେଳେ ଦେବରାଜ ମହାନ୍ତି ଦଳୀୟ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ। ୨୦୦୪ରେ ପ୍ରାର୍ଥୀ ପରିବର୍ତ୍ତନ କରିବା ଫଳରେ ଦଳ ୨୬.୭୮% ଭୋଟ ପାଇ ତୃତୀୟ ସ୍ଥାନକୁ ଖସିଥିଲା। କିନ୍ତୁ ୨୦୦୯ ଓ ୨୦୧୪ରେ ଦଳ ଏଠାରେ ପୁଣି ଦେବରାଜଙ୍କ ଉପରେ ଆସ୍ଥା ପ୍ରକଟ କରିବାରୁ ଭୋଟ ହାର ଯଥାକ୍ରମେ ୫୨.୨୫ ଓ ୫୪.୮୪ %କୁ ବୃଦ୍ଧି ପାଇଥିଲା। ୨୦୧୯ରେ ବିଜେଡି ମହିଳା କାର୍ଡ଼ ଖେଳି ପୂର୍ବତନ ସାଂସଦ ଦିବଙ୍ଗତ ଲଡୁକିଶୋରଙ୍କ ପତ୍ନୀ ମଞ୍ଜୁଳାଙ୍କୁ ସୁଯୋଗ ଦେଇଥିଲା। ଆଉ ଏଥିରେ ବି ଦଳର ଭୋଟ ହାର ୫୫.୫% ବଢ଼ିଥିଲା। ଫଳରେ ଏହି ଭୋଟହାରକୁ ପାଥେୟ କରି ଦଳ ଆଗାମୀ ନିର୍ବାଚନ ବୈତରଣୀକୁ ପାର କରିବାକୁ ଅଣ୍ଟା ଭିଡ଼ିଛି। ସେହିପରି ବିଜେପିର ପୂର୍ବସ୍ଥିତିକୁ ଅନୁଧ୍ୟାନ କଲେ ୧୯୯୫ରେ ଦଳ ପ୍ରଥମେ ସୂର୍ଯ୍ୟନାରାୟଣ ଦାଶଙ୍କୁ ପ୍ରାର୍ଥୀ କରି ମାତ୍ର ୫.୦୬% ଭୋଟ ପାଇଥିଲା। ଏହାପରେ ବିଜେଡି ସହ ମେଣ୍ଟ କାରଣରୁ ୨୦୦୦ ଓ ୨୦୦୪ରେ ଦଳରୁ କାହାକୁ ପ୍ରାର୍ଥୀ କରାଯାଇ ନଥିଲା। କିନ୍ତୁ ମେଣ୍ଟ ଭାଙ୍ଗିବା ପରେ ୨୦୦୯ ନିର୍ବାଚନରେ ଦଳ ପୁଣି ସୂର୍ଯ୍ୟନାରାୟଣଙ୍କୁ ପ୍ରାର୍ଥୀ କରି ୫.୮୨% ଓ ୨୦୧୪ରେ ନାରାୟଣ ବେହେରାଙ୍କୁ ପ୍ରାର୍ଥୀ କରି ୫.୯୪ % ଭୋଟ ପାଇଥିଲା। ୨୦୧୯ରେ ବିଜେଡି ଛାଡ଼ି ଦେବରାଜ ବିଜେପିରେ ଯୋଗ ଦେଇ ନିର୍ବାଚନ ଲଢ଼ିବା ପରେ ଭୋଟହାର ୩୨.୯%କୁ ବୃଦ୍ଧି ପାଇଥିଲା। କିନ୍ତୁ ଦଳକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ଏହାମଧ୍ୟରେ ଦଳର ସଂଗଠନରେ ଅନେକ ପରିବର୍ତ୍ତନ ଘଟିଛି। ପୂର୍ବତନ ବିଧାୟକ ସରୋଜ ପାଢ଼ୀ ବିଜେପିରେ ଯୋଗ ଦେଇ ନିଜ ପାଇଁ କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି। ତେବେ ବିଜେପି ଏଥର ବିଜେଡିକୁ କଡ଼ା ଟକ୍କର୍ ଦେଇପାରେ ବୋଲି ରାଜନୈତିକ ସମୀକ୍ଷକ ଆକଳନ କରିଛନ୍ତି। ଅନ୍ୟପକ୍ଷରେ ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସ ଏକ ପ୍ରକାର ମୁରବିହୀନ ହୋଇଯାଇଛି। ୧୯୯୫ରେ ଶେଷଥର ପାଇଁ ଉଷାରାଣୀ ପଣ୍ଡା ଏଠାରୁ ପ୍ରାର୍ଥୀ ହୋଇ ବିଜୟ ହାସଲ କରିଥିଲେ। ୨୦୦୦ ମସିହା ପରଠୁ ଦଳକୁ କେବଳ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। ୧୯୯୫ରେ ଉଷାରାଣୀ ୩୬.୫ ପ୍ରତିଶତ ଭୋଟ ପାଇ ବିଜୟୀ ହୋଇଥିଲେ। ୨୦୦୦ରେ ଉମାଚରଣ ବିଷୋୟୀ ୨୬.୯୯ ପ୍ରତିଶତ ଭୋଟ ସହ ଦ୍ୱିତୀୟ ସ୍ଥାନରେ, ୨୦୦୪ରେ ପ୍ରଶାନ୍ତ ଚନ୍ଦ୍ର ସ୍ୱାଇଁ ୨୮.୮୩ ପ୍ରତିଶତ ଭୋଟ ସହ ଦ୍ୱିତୀୟ ସ୍ଥାନ ଓ ୨୦୦୯ରେ ଅଲେଖ ଚୌଧୁରୀ ୧୭.୫୭ ପ୍ରତିଶତ ଭୋଟ ସହ ତୃତୀୟ ସ୍ଥାନ ଏବଂ ୨୦୧୪ରେ ସରୋଜ ପାଢ଼ୀ ୩୩.୧୫ ପ୍ରତିଶତ ଭୋଟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ୨୦୧୯ରେ ସ୍ୱର୍ଗତ ମନୋଜ ଜେନା ଏଠାରୁ ପ୍ରାର୍ଥୀ ହୋଇଥିବା ବେଳେ ମାତ୍ର ୭.୭୧ ପ୍ରତିଶତ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଏହାପରଠୁ ଦଳ ସଂଗଠନକୁ ସୁଦୃଢ଼ କରିବାକୁ ନୂଆ ନେତୃତ୍ୱ ଖୋଜୁଛି।

# ପୂରଣ ହେଲା ଶିମିଳିପାଳ ବନବାସୀଙ୍କ ବିଜୁଳି ସ୍ୱପ୍ନ

**ବାରିପଦା/ଯଶିପୁର, ନ୍ୟୁଜ ବ୍ୟୁରୋ**



ସ୍ୱାଧୀନତାର ୭୭ବର୍ଷ ପରେ ମଧ୍ୟ ଏଠାକାର ବନବାସୀଙ୍କ ଘରେ ବିଜୁଳି ସଂଯୋଗ ହୋଇପାରି ନ ଥିଲା। ସୂର୍ଯ୍ୟାସ୍ତ ପରେ ଏଠାରେ ସମସ୍ତଙ୍କ ଘରେ ତାଟିକବାଟ ପଡ଼ିଯାଏ। କିରାସିନି ଦର ମହଙ୍ଗା ଥିବାରୁ ରାତିସାରା ସେମାନେ କାଠଗଣ୍ଡି ଜାଳି ଉଜାଗର ରହୁଥିଲେ। ଏବେ ସୂର୍ଯ୍ୟାସ୍ତ ପରେ ବି ସୂର୍ଯ୍ୟର ଆଲୋକରେ ଆଲୋକିତ ହୋଇଛି ବନବାସୀଙ୍କ ଅନ୍ଧାରୀ ଘର। ଶିମିଳିପାଳ ବନବାସୀଙ୍କ ଘରେ ପହଞ୍ଚିଛି ବିଜୁଳି। ସୋଲାର ମାଇକ୍ରୋ ଗ୍ରୀଡ୍ରୁ ପ୍ରତ୍ୟେକ ଘରକୁ ବିଦ୍ୟୁତ୍ ଖୁଣ୍ଟ ସାହାଯ୍ୟରେ ବିଜୁଳି ସଂଯୋଗ ହୋଇଛି। ଯେଉଁ ଘର ଦୂରରେ ରହିଛି, ସେଠାକୁ ବ୍ୟକ୍ତିଗତ ଭାବେ ସୋଲାର ଯୋଗେ ବିଜୁଳି ଯୋଗାଇ ଦିଆଯାଇଛି। ଗାଁରେ ବିଜୁଳି ଆଲୁଅ ଜଳିବା ଦେଖି ବନବାସୀ ଖୁସିରେ ଆତ୍ମବିଭୋର ହୋଇଛନ୍ତି। ଅଭୟାରଣ୍ୟର ଯଶିପୁର ବ୍ଲକର ଅସ୍ତକୁଆଁର, ଗୁଡ଼ଗୁଡ଼ିଆ ଏବଂ ବରେଇପାଣି ପଞ୍ଚାୟତର ୪୨ଟି ଗାଁର ୫ ହଜାର ୯୦୦ ପରିବାର ଏହାଦ୍ୱାରା ଉପକୃତ ହେଇଛନ୍ତି। ବର୍ତ୍ତମାନ ବନବାସୀ ୨୪ଘଣ୍ଟିଆ ନିରବଚ୍ଛିନ୍ନ ବିଜୁଳି ସୁବିଧା ପାଇବା ସହ ଟିଭି, ରେଫ୍ରିଜେଟର, ଫ୍ୟାନ ଓ କୁଲର ଆଦି ବ୍ୟବହାର କରିପାରିବେ। ଏହି ୫, ୯୦୦ ପରିବାରକୁ ବିଦ୍ୟୁତ ଯୋଗାଣ ପାଇଁ ଶିମିଳିପାଳ ଅଭୟାରଣ୍ୟରେ ହିଁ ୧୭ଟି ମାଇକ୍ରୋ ଗ୍ରୀଡ୍ ସ୍ଥାପନ ହୋଇଛି। ଏଥିପାଇଁ ୩୦ କୋଟି ଟଙ୍କା ବ୍ୟୟ କରାଯାଇଛି। ଏହି ପ୍ରକଳ୍ପ ୨୫ବର୍ଷ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଚାଲିପାରିବ। ଏହା ଓଡ଼ିଶା ଇତିହାସରେ ପ୍ରଥମ ଘଟଣା ବୋଲି ସୋଲାର ପ୍ରକଳ୍ପର ଜେନେରାଲ ମ୍ୟାନେଜର ରାଜୀବ କୁମାର ନାଏକ କହିଛନ୍ତି।

## ବାହାନଗା ଟ୍ରେନ୍ ଦୁର୍ଘଟଣାରେ ବହିଷ୍କୃତ ହେଲେ ୨ ଅଧିକାରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବାହାନଗା ଟ୍ରେନ୍ ଦୁର୍ଘଟଣାରେ ବଡ଼ ଆକ୍ସନ। ୨ ଅଫିସର ଚାକିରିରୁ ବହିଷ୍କୃତ କଲା ରେଳ ବିଭାଗ । ଘଟଣାର ତଦନ୍ତ ରିପୋର୍ଟ ପରେ ଆକ୍ସନ ନେଇଛି ରେଳ ବିଭାଗ। ସୂଚନା ଅନୁଯାୟୀ, ଷ୍ଟେସନ ସୁପରିଟେଣ୍ଡେଣ୍ଟ ଏସବି ମହାନ୍ତି ଏବଂ ଡିଭିଜନାଲ ଟ୍ରାଫିକ୍ ଇନ୍ସପେକ୍ଟର ଏକେ ଖୁଣ୍ଟିଆଙ୍କୁ ବହିଷ୍କାର କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ଜୁନ୍ ୨ ତାରିଖରେ ବାଲେଶ୍ୱର ଜିଲ୍ଲା ବାହାନଗାରେ ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣାରେ ୨୯୩ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବା ବେଳେ ୧ ହଜାରରୁ ଅଧିକ ଆହତ ହୋଇଥିଲେ । ଏହି ମର୍ମନ୍ତୁଦ ରେଳ ଦୁର୍ଘଟଣା ଦୋହଲାଇଦେଇଥିଲା ପୂରା ବିଶ୍ୱକୁ।

ତେବେ ଘଟଣାରେ ସିବିଆଇ ଯାଞ୍ଚ ମଧ୍ୟ କରାଯାଇଥିଲା। ଅନେକ ଅଧିକାରୀଙ୍କୁ ଜେରା ମଧ୍ୟ କରାଯାଇଥିଲା। ଏହାପରେ ତିନି ଅଭିଯୁକ୍ତଙ୍କୁ ଗିରଫ ମଧ୍ୟ କରାଯାଇଥିଲା।

# ଲକ୍ଷ୍ମୀପୁରାଣ ପଠନ ପ୍ରତିଯୋଗିତା ଓ ଆଲୋଚନାଚକ୍ର

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ଧର୍ମଶାଳା ଯୁକ୍ତଦୁଇ ମହାବିଦ୍ୟାଳୟ ତରଫରୁ ସୁବର୍ଣ୍ଣପୁରରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ଓ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ପ୍ରଯୋଜନାରେ ଅନୁଷ୍ଠାନର ନୂଆଁ- ଓ ସାହିତ୍ୟ ପ୍ରତିଯୋଗିତା କ୍ରମରେ ଛାତ୍ରଛାତ୍ରୀମାନଂକ ଦ୍ୱାରା ଲକ୍ଷ୍ମୀପୁରାଣ ପଠନ ପ୍ରତିଯୋଗିତା ଓ ଅନୁଷ୍ଠିତ ହୋଇଛି ଆଲୋଚନା ଚକ୍ର ଯୁଗେ ଯୁଗେ ଜଗନ୍ନାଥ । ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପାଳ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥି ଆଲୋଚକ ଭାବରେ ସୋନପୁର ମହାବିଦ୍ୟାଳୟର ସଂସ୍କୃତ ବିଭାଗର ମୁଖ୍ୟ ଅଧ୍ୟାପକ କୈଳାସ ଚାନ୍ଦ ଯୋଗ ଦେଇ କହିଥିଲେ ଆମ ଦାରୁବ୍ରହ୍ମଙ୍କ ଅଂଗୁଳି ନିର୍ଦ୍ଦେଶରେ ଏ ଜଗତ ଆତଯାତ ହୁଏ । ଉତ୍ସବରେ ଅନ୍ୟତମ ଅତିଥି ଭାବରେ ପ୍ରାଧ୍ୟାପକ ସୌମିତ୍ରୀ ପ୍ରଧାନ, ପ୍ରାଧ୍ୟାପକ ପ୍ରତୁଳ ତ୍ରପାଠୀ ଯୋଗଦାନ କରି ନିଜ ନିଜ ବକ୍ତବ୍ୟ ରଖିଥିଲେ । ନୋଡ଼ାଲ୍ ଅଫିସର ପ୍ରାଧ୍ୟାପକ ଡକ୍ଟର ପୁରୁଷୋତ୍ତମ ମିଶ୍ରଙ୍କ ତତ୍ତ୍ୱାବଧାନରେ ଓ ଅନୁଷ୍ଠାନର କ୍ରୀଡ଼ା ଶିକ୍ଷକ ଗୋବିନ୍ଦ ପ୍ରଧାନ, କାଶୀନାଥ ମିଶ୍ର, ବିଭୀଷଣ ପ୍ରଧାନ, ଗଦାଧର ପ୍ରଧାନ ଓ ନୀଳାମ୍ବର ପ୍ରଧାନ ପ୍ରମୁଖଙ୍କର ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ବର୍ଷୀୟାନ ରାଜନେତା ଓ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଜନ ନାୟକ କର୍ପୂରୀ ଠାକୁରଙ୍କ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଏକ ଶ୍ରଦ୍ଧାଞ୍ଜଳି ସ୍ତମ୍ଭ**

# ସାମାଜିକ ନ୍ୟାୟର ମୂର୍ତ୍ତିମନ୍ତ ପ୍ରତୀକ କର୍ପୂରୀ ଠାକୁର



ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

ଆଜି ଜନ ନାୟକ କର୍ପୂରୀ ଠାକୁର ଜୀଙ୍କ ଜନ୍ମ ଶତବାର୍ଷିକୀ। ସାମାଜିକ ନ୍ୟାୟ ପାଇଁ ତାଙ୍କର ନିରନ୍ତର ପ୍ରୟାସ କୋଟି କୋଟି ଲୋକଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ସୃଷ୍ଟି କରିଥିଲା। ମୁଁ କର୍ପୁରୀଜୀଙ୍କୁ ଭେଟିବାର ସୁଯୋଗ ପାଇନଥିଲି କିନ୍ତୁ, ମୁଁ ତାଙ୍କ ସହ ଘନିଷ୍ଠ ଭାବରେ କାମ କରିଥିବା କୈଳାସପତି ମିଶ୍ର ଜୀଙ୍କଠାରୁ ତାଙ୍କ ବିଷୟରେ ବହୁତ କିଛି ଶୁଣିଥିଲି । ସେ ସମାଜର ଅନ୍ୟତମ ପଛୁଆ ବର୍ଗ ନାଇ (ନାପିତ) ସମାଜର ସଦସ୍ୟ ଥିଲେ । ନାନା ବାଧାବିଘ୍ନ ଅତିକ୍ରମ କରି ସେ ଅନେକ କିଛି ହାସଲ କରିବା ସହ ସାମାଜିକ ଉନ୍ନତି ପାଇଁ କାର୍ଯ୍ୟ କରିଥିଲେ।

ଜନ ନାୟକ କର୍ପୂରୀ ଠାକୁରଜୀଙ୍କ ଜୀବନ ସରଳତା ଏବଂ ସାମାଜିକ ନ୍ୟାୟର ଯୁଗଳ ସ୍ତମ୍ଭ ଅଟେ । ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସରଳ ଜୀବନଶୈଳୀ ତଥା ନମ୍ର ସ୍ୱଭାବ ତାଙ୍କୁ ସାଧାରଣ ଲୋକଙ୍କ ସହ ଗଭୀର ଭାବରେ ଯୋଡ଼ିଥିଲା। ତାଙ୍କ ସରଳତାକୁ ଦର୍ଶାଉଥିବା ଅନେକ ଉଦାହରଣ ରହିଛି। ତାଙ୍କ ସହ କାମ କରୁଥିବା ଲୋକମାନେ ସ୍ମରଣ କରି କୁହନ୍ତି ଯେ, କିପରି ସେ ତାଙ୍କ ଝିଅର ବିବାହ ସମେତ ଯେ କୌଣସି ବ୍ୟକ୍ତିଗତ କାର୍ଯ୍ୟ ପାଇଁ ନିଜ ରୋଜଗାର ଟଙ୍କା ଖର୍ଚ୍ଚ କରିବାକୁ ପସନ୍ଦ କରୁଥିଲେ। ବିହାର ମୁଖ୍ୟମନ୍ତ୍ରୀ ଥିବା ସମୟରେ ରାଜନେତାଙ୍କ ପାଇଁ ଏକ କଲୋନୀ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା କିନ୍ତୁ ସେ ନିଜେ ଏଥିପାଇଁ କୌଣସି ଜମି କିମ୍ବା ଟଙ୍କା ନେଇନଥିଲେ। ୧୯୮୮ମସିହାରେ ତାଙ୍କ ଦେହାନ୍ତ ହେବା ପରେ ଅନେକ ନେତା ତାଙ୍କ ଗାଁକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ଘର ଅବସ୍ଥା ଦେଖି ସେମାନେ କାନ୍ଦି ପକାଇଥିଲେ- ଏତେ ବଡ଼ ବ୍ୟକ୍ତିଙ୍କର ଏତେ ସାଧାରଣ ଘର କେମିତି !

ତାଙ୍କ ସରଳତାର ଆଉ ଏକ ଉଦାହରଣ ୧୯୭୭ ମସିହାରେ ଦେଖିବାକୁ ମିଳିଥିଲା, ଯେତେବେଳେ ସେ ବିହାର ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ । ଦିଲ୍ଲୀ ଓ ପାଟନାରେ ଜନତା ସରକାର କ୍ଷମତାରେ ଥିବା ବେଳେ ଲୋକନାୟକ ଜେପିଙ୍କ ଜନ୍ମଦିନ ପାଳନ ପାଇଁ ଜନତା ଦଳ ନେତାମାନେ ପାଟନାରେ ଏକାଠି ହୋଇଥିଲେ। ଶୀର୍ଷ ନେତାଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ କର୍ପୂରୀ ଠାକୁର ଜୀ, ଚିରା କୁର୍ତ୍ତା ପିନ୍ଧି ପହଞ୍ଚିଥିଲେ। ଚନ୍ଦ୍ରଶେଖର ଜୀ ନିଜ ଶୈଳୀରେ ଲୋକମାନଙ୍କୁ କିଛି କିଛି ଟଙ୍କା ଦାନ କରିବାକୁ କହିଥିଲେ ଯାହାଦ୍ୱାରା କର୍ପୁରୀ ଜୀ ଏକ ନୂତନ କୁର୍ତ୍ତା କିଣିପାରିବେ । କିନ୍ତୁ କର୍ପୁରୀ ଜୀ ନିଜ ସ୍ୱଭାବ ଅନୁରୂପ- ସେ ଟଙ୍କା ଗ୍ରହଣ କରିଥିଲେ ଏବଂ ତାହାକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ କରିଥିଲେ।

ଜନ ନାୟକ କର୍ପୂରୀ ଠାକୁର ଜୀଙ୍କୁ ସାମାଜିକ ନ୍ୟାୟ ଅତ୍ୟନ୍ତ ପ୍ରିୟ ଥିଲା । ତାଙ୍କର ରାଜନୈତିକ ଯାତ୍ରାରେ ସେ ଏପରି ଏକ ସମାଜ ଗଠନ ପାଇଁ ବିରାଟ ପ୍ରୟାସ କରିଥିଲେ ଯେଉଁଠି ସାମାଜିକ ସ୍ଥିତି ନିର୍ବିଶେଷରେ ସମ୍ବଳଗୁଡ଼ିକୁ ସ୍ୱଚ୍ଛ ଭାବେ ଏବଂ ସମସ୍ତଙ୍କୁ ସମାନ ଭାବେ ବିତରଣ କରାଯାଇଥିଲା। ସମସ୍ତେ ସମାନ ସୁଯୋଗ ପାଇଥିଲେ। ସେ ଭାରତୀୟ ସମାଜରେ ଦେଖାଦେଇଥିବା ବ୍ୟବସ୍ଥାଗତ ଅସମାନତାକୁ ଦୂର କରିବାକୁ ଚାହୁଁଥିଲେ ।

ଆଦର୍ଶ ପ୍ରତି ତାଙ୍କର ସଂକଳ୍ପବଦ୍ଧତା ଏତେ ଥିଲା ଯେ କଂଗ୍ରେସ ଦଳର ସର୍ବତ୍ର ପ୍ରଭାବ ଥିବା ଯୁଗରେ ରହିବା ସତ୍ତ୍ୱେ ସେ କଂଗ୍ରେସ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରିଥିଲେ କାରଣ ସେ ବହୁତ ଶୀଘ୍ର ବିଶ୍ୱାସ କରିଥିଲେ ଯେ କଂଗ୍ରେସ ଏହାର ପ୍ରତିଷ୍ଠା ଆଦର୍ଶରୁ ବିଚ୍ୟୁତ ହୋଇଯାଇଛି ।

୧୯୫୦ ଦଶକର ପ୍ରାରମ୍ଭରେ ତାଙ୍କର ନିର୍ବାଚନୀ ଜୀବନ ଆରମ୍ଭ ହୋଇଥିଲା। ସେବେଠାରୁ ସେ ବିଧାନସଭାରେ ଏକ ଶକ୍ତି ପାଲଟିଗଲେ ଏବଂ ଶ୍ରମିକ ଶ୍ରେଣୀ, ଖଟିଖିଆ, କ୍ଷୁଦ୍ର ଚାଷୀ ଏବଂ ଯୁବକମାନଙ୍କ ସଂଘର୍ଷ ପାଇଁ ପ୍ରଭାବୀ ଢଙ୍ଗରେ ସ୍ୱର ଉତ୍ତୋଳନ କରିଥିଲେ । ଶିକ୍ଷା ତାଙ୍କ ହୃଦୟର ଅତି ନିକଟତର ବିଷୟ ଥିଲା । ତାଙ୍କ ରାଜନୈତିକ ଜୀବନରେ ସେ ଗରିବଙ୍କ ପାଇଁ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ କାର୍ଯ୍ୟ କରିଥିଲେ । ସେ ସ୍ଥାନୀୟ ଭାଷାରେ ଶିକ୍ଷାଦାନର ସମର୍ଥକ ଥିଲେ, ଯାହାଦ୍ୱାରା ଛୋଟ ଛୋଟ ସହର ଓ ଗାଁର ଲୋକମାନେ ଉନ୍ନତି ଶିଢ଼ି ଚଢ଼ି ସଫଳତା ହାସଲ କରିପାରିବେ । ମୁଖ୍ୟମନ୍ତ୍ରୀ ଭାବେ ସେ ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ମଧ୍ୟ ଅନେକ ପଦକ୍ଷେପ ନେଇଥିଲେ।

ଗଣତନ୍ତ୍ର, ବିତର୍କ ଓ ଆଲୋଚନା କର୍ପୂରୀ ଜୀଙ୍କ ବ୍ୟକ୍ତିତ୍ୱର ଅଭିନ୍ନ ଅଙ୍ଗ ଥିଲା। ଯୁବାବସ୍ଥାରେ ଭାରତ ଛାଡ଼ ଆନ୍ଦୋଳନରେ ଝାସ ଦେବା ସମୟରେ ତାଙ୍କ ବ୍ୟକ୍ତିତ୍ୱର ଏହି ଦିଗ ଦେଖିବାକୁ ମିଳିଥିଲା । ପୁଣିଥରେ ଦେଶରେ ଜରୁରୀ ପରିସ୍ଥିତିକୁ ପ୍ରାଣପଣେ ବିରୋଧ କରି ସେ ଏହି ଭାବନାର ପରିଚୟ ଦେଇଥିଲେ । ତାଙ୍କର ଏହି ଅନନ୍ୟ ଦୃଷ୍ଟିକୋଣକୁ ଜେପି, ଡକ୍ଟର ଲୋହିଆ ଏବଂ ଚରଣ ସିଂହଜୀଙ୍କ ଭଳି ବ୍ୟକ୍ତିବିଶେଷ ଉଚ୍ଚ ପ୍ରଶଂସା କରିଥିଲେ ।

ସମ୍ଭବତଃ ଭାରତ ପାଇଁ ଜନ ନାୟକ କର୍ପୂରୀ ଠାକୁର ଜୀଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା ପଛୁଆ ବର୍ଗଙ୍କ ପାଇଁ ସକାରାତ୍ମକ କାର୍ଯ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ତାଙ୍କର ଭୂମିକା। ପଛୁଆ ବର୍ଗଙ୍କୁ ଯୋଗ୍ୟ ପ୍ରତିନିଧିତ୍ୱ ଏବଂ ସୁଯୋଗ ପ୍ରଦାନ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା। ତାଙ୍କ ନିଷ୍ପତ୍ତିକୁ ପ୍ରବଳ ବିରୋଧ କରାଯାଇଥିଲେ ମଧ୍ୟ ସେ କୌଣସି ଚାପ ଆଗରେ ମୁଣ୍ଡ ନୁଆଁଇନଥିଲେ। ତାଙ୍କ ନେତୃତ୍ୱରେ ଏପରି ନୀତି ପ୍ରଣୟନ କରାଗଲା, ଯାହା ଅଧିକ ସମାବେଶୀ ସମାଜ ପାଇଁ ମୂଳଦୁଆ ପ୍ରତିଷ୍ଠା କରିଥିଲା। ଏପରି ଏକ ସମାଜ ଯେଉଁ କୌଣସି ବ୍ୟକ୍ତିଙ୍କ ଜନ୍ମଗତ ସ୍ଥିତି ତାଙ୍କର ଭାଗ୍ୟ ନିର୍ଦ୍ଧାରଣ କରିବ ନାହିଁ । ସେ ସମାଜର ସବୁଠାରୁ ପଛୁଆ ବର୍ଗର ଥିଲେ ମଧ୍ୟ ସବୁ ବର୍ଗର ଲୋକଙ୍କ ପାଇଁ କାମ କରିଥିଲେ। ତାଙ୍କ ଭିତରେ ତିକ୍ତତାର ଚିହ୍ନ ନଥିଲା, ଯାହା ତାଙ୍କୁ ପ୍ରକୃତରେ ମହାନ କରିଥାଏ।

ବିଗତ ୧୦ ବର୍ଷ ମଧ୍ୟରେ, ଆମ ସରକାର ଜନ ନାୟକ କର୍ପୂରୀ ଠାକୁର ଜୀଙ୍କ ମାର୍ଗକୁ ଅନୁସରଣ କରି ତାଙ୍କ ଆଦର୍ଶକୁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମରେ ପ୍ରତିଫଳିତ କରିଛନ୍ତି ଯାହା ପରିବର୍ତ୍ତନକାରୀ ସଶକ୍ତିକରଣ ଆଣିଛି। ଆମ ରାଜନୀତିର ସବୁଠାରୁ ବଡ଼ ଦୁର୍ଭାଗ୍ୟଜନକ ଘଟଣା ହେଉଛି, କର୍ପୂରୀଜୀଙ୍କ ଭଳି କିଛି ନେତାଙ୍କୁ ବାଦ୍ ଦେଲେ ସାମାଜିକ ନ୍ୟାୟର ଆହ୍ୱାନ କେବଳ ରାଜନୈତିକ ସ୍ଲୋଗାନରେ ସୀମିତ ରହିଥିଲା। କର୍ପୂରୀଜୀଙ୍କ ଦୃଷ୍ଟିକୋଣ ଦ୍ୱାରା ଅନୁପ୍ରାଣିତ ହୋଇ ଆମେ ଏହାକୁ ଏକ ପ୍ରଭାବଶାଳୀ ପ୍ରଶାସନିକ ମଡେଲ ଭାବରେ କାର୍ଯ୍ୟକାରୀ କରିଛୁ । ମୁଁ ଆତ୍ମବିଶ୍ୱାସ ଏବଂ ଗର୍ବର ସହ କହିପାରିବି ଯେ ଗତ କିଛି ବର୍ଷ ମଧ୍ୟରେ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟ କବଳରୁ ମୁକ୍ତ କରିବାରେ ଭାରତର ସଫଳତା ପାଇଁ ଜନ ନାୟକ କର୍ପୂରୀ ଠାକୁର ଜୀ ଅତ୍ୟନ୍ତ ଗର୍ବ ଅନୁଭବ କରିଥା'ନ୍ତେ । ଏମାନେ ହେଉଛନ୍ତି ସମାଜର ସବୁଠାରୁ ପଛୁଆ ବର୍ଗର ଲୋକ, ଯେଉଁମାନେ ଉପନିବେଶବାଦୀ ଶାସନରୁ ମୁକ୍ତି ପାଇବାର ପାଖାପାଖି ସାତ ଦଶନ୍ଧି ପରେ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିଲେ। ଏଥିସହିତ ପ୍ରତ୍ୟେକ ଯୋଜନାକୁ ଶତପ୍ରତିଶତ ଲୋକଙ୍କ ନିକଟରେ ପହଞ୍ଚାଇବା ଦିଗରେ ଆମର ପ୍ରୟାସ ସମାଜ କଲ୍ୟାଣ ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଆଜି ଯେତେବେଳେ ମୁଦ୍ରା ଋଣ ଯୋଗୁଁ ଓବିସି, ଏସସି ଓ ଏସଟି ସମ୍ପ୍ରଦାୟର ଲୋକମାନେ ଉଦ୍ୟୋଗୀ ହେଉଛନ୍ତି, ସେତେବେଳେ ଏହା କର୍ପୂରୀ ଠାକୁରଜୀଙ୍କ ଆର୍ଥିକ ସ୍ୱାଧୀନତାର ସ୍ୱପ୍ନକୁ ପୂରଣ କରୁଛି । ସେହିଭଳି ଆମ ସରକାର ହିଁ ଏସସି, ଏସଟି ଏବଂ ଓବିସି ସଂରକ୍ଷଣ ବଢ଼ାଇବାର ସୌଭାଗ୍ୟ ପାଇଥିଲା। ଆମକୁ ଓବିସି କମିଶନ (ଦୁଃଖର ବିଷୟ ଯାହାକୁ କଂଗ୍ରେସ ବିରୋଧ କରିଥିଲା) ଗଠନ କରିବାର ଗୌରବ ମଧ୍ୟ ପାଇଥିଲୁ, ଯାହା କର୍ପୂରୀ ଜୀ ଦେଖାଇଥିବା ମାର୍ଗରେ କାମ କରୁଛି। ଆମର ପିଏମ-ବିଶ୍ୱକର୍ମା ଯୋଜନା ସମଗ୍ର ଭାରତରେ ଓବିସି ସମ୍ପ୍ରଦାୟର କୋଟି କୋଟି ଲୋକଙ୍କ ପାଇଁ ସମୃଦ୍ଧିର ନୂତନ ମାର୍ଗ ଆଣିବ।

ମୁଁ ନିଜେ ପଛୁଆ ବର୍ଗର ଜଣେ ବ୍ୟକ୍ତି ହିସାବରେ ଜନ ନାୟକ କର୍ପୂରୀ ଠାକୁର ଜୀଙ୍କୁ ଧନ୍ୟବାଦ ଦେବାକୁ ମୋ ପାଖରେ ଅନେକ କାରଣ ରହିଛି । ଦୁର୍ଭାଗ୍ୟବଶତଃ, ୬୪ ବର୍ଷ ବୟସରେ ଆମେ ଅକାଳରେ କର୍ପୁରୀ ଜୀଙ୍କୁ ହରାଇଥିଲୁ । ଯେତେବେଳେ ଆମକୁ ତାଙ୍କର ସର୍ବାଧିକ ଆବଶ୍ୟକତା ଥିଲା ସେହି ସମୟରେ ସେ ଆମକୁ ଛାଡ଼ି ଚାଲିଗଲେ । ତଥାପି ସେ ତାଙ୍କ କାମ ଯୋଗୁଁ କୋଟି କୋଟି ଲୋକଙ୍କ ହୃଦୟ ଓ ମନରେ ଅମର ହୋଇ ରହିଛନ୍ତି। ସେ ଥିଲେ ଜଣେ ପ୍ରକୃତ ଜନ ନାୟକ !

# କବିତାୟନ

28 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୨୪ ଜାନୁଆରୀ ୨୦୨୪ ବୁଧବାର


## ମାଳି


ଡ୍. ଦୀପକ କୁମାର ମିଶ୍ର


କେତେ ରଙ୍ଗ କେତେ ଫୁଲ କେତେ ପ୍ରଜାପତି
ସବୁ ଦେଖେ ଅନୁଭବେ ଧୂସରିତ ମାଳି
ଘର୍ମାକ୍ତ ଶରୀରେ ଆଉ କୁଞ୍ଚିତ କପାଳେ
ଉପଭୋଗ ଲଭିବାକୁ ବେଳ ତା'ର କାହିଁ !!

ସାଉଁଟି ରଖିଛି ଝଡ଼ା ଯାବତୀୟ ରଙ୍ଗ
ଶ୍ରାବଣର କେବେ ପୁଣି ଶୀତ ସକାଳର
ବସନ୍ତର ରଙ୍ଗ ତା'ର ଦେହରେ ଯାଏନି
ବୈଶାଖର ତାତି ତା'ର ଦେହ ଛାଡ଼େ ନାହିଁ ।

ହସିବାର ରଙ୍ଗ କଦାପି ଶିଖି ନାହିଁ ସିଏ
ନିକୁଟା ଦାନ୍ତକୁ ନିଛକ ହସ ଭାବିନିଏ
ପାଟି ଆଁ ହୋଇଯାଏ ଆପେ ଆପେ ସିନା
ଖିଲିଖିଲି ଶବ୍ଦ ତା'ର ଜାତକରେ ନାହିଁ ।

ଶ୍ରମ ରଙ୍ଗ ଦୁଃଖ ତୂଳୀ ଧରି ନିଜ ହାତେ
ନିଜ ପାଇଁ ଜୀବନର ଚିତ୍ର ନିଜେ ଆଙ୍କେ

ଯହିଁ ଥାଏ ଛଡ଼ାଫୁଲ, ମୃତ ପ୍ରଜାପତି
ମାପେ ତହିଁ ନୀରବରେ ଜୀବନର ଗତି ।




ମୋ-୮୨୮୦୨୧୧୦୦୦


## 'ତୁ ଆଉ ମୁଁ'


ଡଃ ସନ୍ତୋଷ କୁମାର ପଣ୍ଡା


ଜନ୍ମ ଜନ୍ମାନ୍ତର ଦୁଇଟି ଶରୀର
ଏକାତ୍ମ ସମ୍ପର୍କ ଆମ,
ତୁ ଆଉ ମୁଁ.... ନାମ ଦୁଇ ସିନା
ଏକ ଦିଗେ ଆମ କର୍ମ।

ମୁଁ ହେଲେ ଦକ୍ଷିଣ ତୁ ମୋହର ବାମ
ଅର୍ଦ୍ଧ ନାରୀଶ୍ୱର ରୂପ,
ତୋ ଶରୀର ପୀଡା ଉପଶମ ପାଇଁ
ମୁଁ ଯେ ମଇଲମ ସେକ ।

ତୋର କବରୀର ପୁଷ୍ପ ଗୁଚ୍ଛ ମୁହିଁ
ମଥାର ସିନ୍ଦୁର ଟୋପା,
ତୋ ଅଙ୍ଗ ଗହଣା ଅଟଇ ମୁଁ ପରା
ତୋ ହାତର ନାଲି ଶଙ୍ଖା।

ଏକ ମନ ପ୍ରାଣ ଆମରି ଜୀବନ
ତୁହି ଗୀତ ମୁଁ ଯେ ସ୍ୱର,
ମୋ ହୃଦୟ ବୀଣା ତନ୍ତ୍ରୀ ଅଟୁ ତୁହି
ତୁ ଯେ ଶୃଙ୍ଗ ମୁଁ ଶୃଙ୍ଗାର।

ତୁ ହେଲେ ନିଃଶ୍ୱାସ ପ୍ରଶ୍ୱାସ ମୁହିଁ ଲୋ
ତୁହି ଚକ୍ଷୁ ମୁଁ ପଲକ,
ମୋ ମସ୍ତକର ତୁ ମୟୂର ଚନ୍ଦ୍ରିକା
ତୁହି ଦୀପ ମୁଁ ଆଲୋକ।

ତୁ ଆଉ ମୁଁ.... ମୁଁ ଆଉ ତୁ
ନୁହଁନ୍ତି ଯେ ଭିନ୍ନାଭିନ୍ନ,
ତୁ ହେଲେ ହୃଦୟ ଜୀବନ ନାଟିକା
ମୁଁ ଅଟେ ତା'ର ସ୍ପନ୍ଦନ।



ସଂସାର ରଥର ଦୁଇ ଚକ ସହୀ
ପ୍ରକୃତି ପୁରୁଷ ଦୁଇ,
ଈଶ୍ୱର ସାରଥୀ ଅଟନ୍ତି ରଥର
ଆତ୍ମା ଟାଣେ ଘୋଡ଼ା ହୋଇ।


ସରସ୍ୱତୀ ବିଦ୍ୟା ମନ୍ଦିର, କେଶବଧାମ,
ଗତିରାଉତ ପାଟଣା, କଟକ।


## ଶାଢ଼ି ବୃତ୍ତାନ୍ତ


ମାନମୟୀ ରଥ


କି ରହସ୍ୟମୟ ସମ୍ପର୍କ
ଶାଢ଼ି ଆଉ ଝୁଲ ଭିତରେ ,
ସହଜ, ସରଳ ଏ ପ୍ରଶ୍ନର ଉତ୍ତର
ଅଛି କି କାହା ପାଖରେ ।

ନିଆଁକୁ ନିମନ୍ତ୍ରଣ ଦିଆଯାଏ
ପେଟ୍ରୋଲ ଛିଞ୍ଚି ଶାଢ଼ିରେ
ଜଳୁ ଜଳୁ ଘରୁ ବାହାରି ଆସେ ପରିହିତା
ଅଗ୍ନିଶିଖା ପରି ଦୌଡେ ରାଜରାସ୍ତାରେ ।

ସାରା ପରିବାର ଓ ସାହିଲୋକେ
ଦେଖଣାହାରୀ ଭଳି ରହନ୍ତି ଚୁପ
ସେ ବି କେମିତି କେଜାଣି
ଅଲଗା ହୋଇ ପାରେନି ଶାଢ଼ିଠାରୁ
ରଡ଼ ବ୍ୟାପୁଥିଲା ବେଳେ ।

ସେ ଓ ଶାଢ଼ି ଯେମିତି ଅଭିନ୍ନ
ଫିଙ୍ଗି ଦେଇ ପାରେନା ପରିଧାନ
ଆତ୍ମଘାତୀ ସଂକୋଚରେ ।

ନିଆଁ ନାଚି ଚାଲେ ନିର୍ଦ୍ୱନ୍ଦ୍ୱରେ
ତା'ର ଅସ୍ତିତ୍ୱ ଉପରେ ,
କାହିଁକି କେଜାଣି
ସେ ଆହୁରି ଛନ୍ଦି ରଖେ ନିଜକୁ
କେଉଁ ଆବେଶରେ ।

ସୂତା ପରେ ସୂତା
ଆବୋରି ବସେ ଅଜଣା ଆତଙ୍କ ,
ସେ ଅହ୍ୟ ସୁଲକ୍ଷଣୀ ହୁଏ ଶେଷରେ
ନୂଆ ଶାଢିରେ ଗୁଡେଇ ତାକୁ ନିଆଯାଏ
ଜାଳିବାକୁ ପୁଣି ଥରେ ।



ଏଥର କିନ୍ତୁ
ଆଉ ଏକ ଶାଢ଼ି ପରି
ଜଳି ଉଠେ ଦେହ ,
ଶିଖା ସବୁ ଦିଶେ
ଯେମିତି ଚିତ୍ର କେଉଁ ଆଗ୍ନେୟ ଅଭିଯୋଗର ।

ଶାଢ଼ି ପାଲଟି ଯାଏ କିମ୍ବଦନ୍ତୀ
ଜନ ମାନସରେ ,
କିଏ କହିବ ଶାଢ଼ିକୁ ନିଆଁଠାରୁ
ଅଲଗା ରଖିବାର ଉପାୟ
ପାଉଁଶ ପାଲଟିବାର ରୂପକଥାରେ ।


ବାଲିପୁଟ , ପୁରୀ
ମୋ-୭୯୭୮୫୭୯୩୯୯


## ନିଃସ୍ୱ ବଳୟ


ନୀଳମାଧବ କର


ତମେ ଚାଲିଯିବା ପରେ, ମୋ ବଳୟରୁ
ମୁଁ କେତେ ନିଃସ୍ୱ ଏବେ ...
ଆଗ୍ରହ ନାହିଁ, ଫୁଲଟିଏ ପାଇଁ, ବାସ୍ନା ପାଇଁ
ଶିଶୁଟିକୁ କୋଳେଇବା ପାଇଁ
ସ୍ଥିର ଏବେ ମହୁମାଛି, ତା ଗୁଞ୍ଜନ ନିରବ
ନୀଳ ଆକାଶର ଫର୍ଦ୍ଦ ଫର୍ଦ୍ଦ ଧଳା ମେଘ
ମୋ ପାଇଁ ଧୂସର ଧୂସର, ଅନାସକ୍ତ,
ଆସ୍ଥା ହଜିଯାଇଥିବା ପରି, ହୃଦୟରୁ, ପୃଥିବୀରୁ
ହଜିଯାଏ ସ୍ପନ୍ଦନ କେବେ କେବେ
ଭୁଲିହେଇଯାଏ ନିଶ୍ୱାସ ।।

ତମେ ଚାଲିଯିବା ପରେ, ତମ ବିନା
ମୁଁ ନିଜେ କେତେ ନିଃ ସ୍ୱ, ତା ପରତେ ହେଉଛି
ସବୁ ଅଜାଡ଼ି ସାରିବା ପରେ
ମୋ ପାଶେ କୃଷ୍ଣ ପାଇଁ ଦାନା ଟିକେ ନାହିଁ
ଶ୍ରାବଣରେ ମାଟି ସବୁ ବହି ଗଲାପରେ
ମୁଁ ଗୋଟେ ପ୍ରସ୍ତର ଚଟାଣ



ଏଠି ଲତାଟିଏର ସ୍ୱପ୍ନ ବୃଥା
ଫୁଲ ଫଳ ଶବ୍ଦ ମାତ୍ର
ପ୍ରେମର ଅକ୍ଷର ଏଠି ଅନୁଦଭାବିତ ।।


ଓଲଭରହାମ୍ପଟନ, ୟୁକେ


## ଯୁଦ୍ଧ


ଆଦ୍ୟାଶା ମହାପାତ୍ର


ଥରାଇ ଦେଉଛି ମାଟି ମାଆ ଛାତି ଯୁଦ୍ଧର ବିଭୀଷିକା
କିଏ ନ୍ୟାୟବନ୍ତ କିଏ ଜହ୍ଲାଦ ଲାଗେ ଆଜି ପ୍ରହେଳିକା,
ମାନବତା ମନୁ ଲୁପ୍ତ ହୋଇଛି ଆତଙ୍କର ହୁଏ ଜୟ
ଦିଶୁ ନାହିଁ କିବା ରିକ୍ତ ଜନତା ବିଗଳିତ ଲହୁ ଲୁହ !!

ନିଷ୍ପାପ ଶିଶୁ ବା ଅନୁଢା କନ୍ୟାର କ୍ରନ୍ଦନ ଶୁଭେ କି ନାହିଁ
ପ୍ରଭୁ କି କହନ୍ତି ରକ୍ତ ମୋ ଲୋଡା ପୂଜା ନୈବେଦ୍ୟ ପାଇଁ,
ହତ୍ୟା, ଲୁଣ୍ଠନ, ଧର୍ଷଣ ଆଦି ପୂଣ୍ୟ କହେ କେଉଁ ଶାସ୍ତ୍ର
ହିନ୍ଦୁ ମୁସଲିମ ଶିଖ୍ ଈଶାହି ଅବା କାହାର ଏ ମତ ??

ଆଶା ଆଶଙ୍କାରେ ଦିନ ବିତେ କାହିଁ ମୃତ୍ୟୁର ମାୟା ସୃଜି
ଈର୍ଷା ଅସୂୟା ଅତ୍ୟାଚାରରେ ଅତିଷ୍ଠ ଏ ଧରା ଆଜି
ମଣିଷ ହୋଇଛି ପଶୁ ଠାରୁ ହୀନ ବୁଦ୍ଧି ବିବେକ ଶୂନ୍ୟ
ରକ୍ତର ହୋଲି ଖେଳେ ନିର୍ବିକାରେ ମୈତ୍ରୀତ୍ୱ କରି ନ୍ୟୁନ ।।

ଯୁଦ୍ଧ ନୁହଁଇ ଆଲ୍ଲା ଯୀଶୁ ଅବା ଈଶ୍ୱରୀୟବାଦ ପାଇଁ
ମଣିଷ ଯୁଝୁଚି ସମୟ ସାଥିରେ ସ୍ୱୀୟ ସ୍ୱାଭିମାନ ନେଇ
ସତ୍ୟ ଶାନ୍ତି ଦୟା କ୍ଷମା ଭୁଲି ଆଜି ବର୍ବରତାରେ ମଗ୍ନ
ଧିକ୍କାର ସେଇ ହିଂସ୍ର ସ୍ୱଭାବକୁ ପଶୁତ୍ୱ ଠୁ ଯା' ହୀନ ।।




ନୂଆପଡା, କଟକ


## ନିର୍ବାଚନ ପର୍ବ


ମାନସ ରଞ୍ଜନ ନାୟକ


ପୂରୁ ବା ନପୂରୁ ଉଦର ଚାଖଣ୍ଡେ, ସରେନା ପରବ ମନା
ଜୀବନ ହାଟରେ କିଣାବିକା ଚାଲେ, ବଞ୍ଚିବାର ଦାନାକନା।
ବାପ ଗୋସାପଙ୍କ ପୁନେଇଁ ପରବ,ପାଲଟେ ସ୍ମୃତି ନିଆରା
ଅଜସ୍ର ଉତ୍ସାହ ଉନ୍ମେଷେ ଭିଜା, କିବା ନିର୍ବାଚନ ଫୁଆରା !

ସନା ମଳିକ'ର ବଦଳିଛି ଭେକ, ମିଳିଛି ପକ୍କା ଆବାସ
ବେପାରୀ କାଲୁ ହିସାବ ବୁଝିଛି, କରେ ଜିନ୍ଦାବାଦ ପ୍ରୟାସ।
ଗାଁ ଅପନ୍ତରା, ଗଳିମୁଣ୍ଡ ପାଟ, ରାତାରାତି ହୁଏ ନିର୍ମଳ
ରଙ୍ଗମଖା ପରେ ଫଳକରେ ଲେଖା, ସ୍ୱଚ୍ଛ ମୋ ଗାଁ ପରିମଳ।

ଯୋଜନ ଦୂର ଯୋଜନା ଯାକ, ନେତାଙ୍କ ଭାଷଣରେ ହାଜର
ମଥାନତ ଜୁହାର ସାଙ୍ଗକୁ, କିଣା କରତାଳିରେ ପ୍ରଚାର।
ରଜ ପରବଠୁ ବଳିପଡେ ପୁଣି ମାଉଁସ ଭାତର ଭୋଜି
ଗଡ ଜୟ ପାଇଁ ପଙ୍ଗତରେ ବସି ମେଳି ଅମେଳିଙ୍କ ବାଜି।

ଶୋଭାଯାତ୍ରା ନେଇ ପତାକା ହଲାଇ, ଗାଁ ଟୋକା ହେଲେ ମାତାଲ୍
ହାତଗୁଞ୍ଜା ସାଥେ ନାଲି ପାଣି ନିଶା, ମିଛ ସବୁ ହାଲଚାଲ୍।
ପରବ ପୂର୍ବରୁ ମୌସୁମୀ ପ୍ରାୟ, ଭାବି ନେତାଙ୍କ ଆଗମନ
ନ ମାଗି ବି ମିଳେ ପ୍ରୀତି ଭାଇଚାରା, ସତ ମହାର୍ଘ ସପନ!

ରାଣ ପ୍ରତିଶୃତି ଗୁଞ୍ଜରିତ ହୁଏ, କଟାଯାଏ କେତେ ନାଲିଫିତା
ଉତ୍ସବ ମୁଖର ଗାଁ ଛକ ଦାଣ୍ଡ ,ନାଚେ କିବା ବାଉବତା!
ପ୍ରସ୍ତୁତି ପରବ ଉଛାଟ ବାଜାରେ, ନରନାରୀ ଆହ୍ଲାଦିତ
ସାମଗ୍ରୀକତାର ଏ ମହା ମିଳନେ, ପରବ କି ଅନୁପାତ?

ଗଣତନ୍ତ୍ରର ମହାପର୍ବ ସିନା ସ୍ୱଚ୍ଛ ନିରପେକ୍ଷ ନିର୍ବାଚନ
ମତଦାତା ଯେବେ ବିକ୍ରୀ ହୁଏ ଏଠି, ନୁହଁ କି ଏ ପ୍ରହସନ?
ପ୍ରଗତି ନାରାରେ ଦୁର୍ଗତିର ଦୁର୍ଗ, ଗଢେ ଏ ମିଛ ପ୍ରଚାର
ନିର୍ବାଚନ ପର୍ବ ସଫଳ ହୋଇବ, ହେଜିଲେ ସମ୍ୟକ ବିଚାର।




ମଞ୍ଜୁରି ରୋଡ୍, ଭଦ୍ରକ-୭୫୬୧୨୧
ମୋ- ୯୮୯୦୮୫୧୪୨୭


## ଅକାଟ୍ୟ ସତ୍ୟ


ଅନସୂୟା ପଣ୍ଡା


ସତ୍ୟକୁ କ'ଣ ଲୁଚା ଯାଇ ପାରେ
ସେ'ତ ସାତ ତାଳ ପଙ୍କରୁ
ଗିଳିପାରେ ଅନ୍ଧାର।

ସତ୍ୟ ପାଖରୁ ମିଳେନି ନିସ୍ତାର
ମୀନ ଗର୍ଭରେ ଜିଇଁ ରହିଥାଏ
ଧରି ଅକାଟ୍ୟ ଆଧାର।

ଆଖିରେ ପଟି ବାନ୍ଧି
ଆଲୋକକୁ କରିହୁଏ କ'ଣ ଦୂର
ଏ ତ ମାତ୍ର ପ୍ରତାରଣା
ଆତ୍ମୀୟତା ସହ।

ଜାଣି ଜାଣି ନିଜକୁ
ନିର୍ଦ୍ଦୋଷ କରିବାର ଅଭିନୟେ
ଅଦୃଶ୍ୟରେ ଥାଏ
ଗୋଟେ ସମ୍ମୋହନ ଆତ୍ମବଢ଼ିମାର।

କେତେ କେତେ ପୋଡିବାର ଗନ୍ଧ ଓ ଦୁର୍ଗନ୍ଧ
କ୍ଷତବିକ୍ଷତ ଇତିହାସ ଗଢି ଉଠେ
ଅନ୍ତରାଳେ
ହୁଏତ ଏ ପଟି ବାନ୍ଧି ନଥିଲେ
ଜିଇଁ ପାରିଥାନ୍ତେ ଗାନ୍ଧାରୀଙ୍କ ଶହେ ପୁତ୍ର
ହେଇ ନଥାନ୍ତେ ଅଭିଶପ୍ତ ଗୋବିନ୍ଦ।

ଏତ ସତ୍ୟକୁ ବନ୍ଦୀ କରିବାର କପଟତା
ସତ୍ୟକୁ ଚାଲନା ଆଦରି ନେବା
ପୁନଶ୍ଚ ପୁନର୍ବିର୍ନ୍ୟାସର ସୃଜନରେ ।




ବୁର୍ଲା, ସମ୍ବଲପୁର,
ମୋ-୮୩୨୮୯୪୫୮୮୫


## ନୂଆ ବର୍ଷର ନୂଆ ସୁରୂଜ


ସଦାଶିବ ବିଶ୍ୱାଳ


ସୌର ରଥ ନେଇ ଆସ ଛାୟାକାନ୍ତ
ସପ୍ତ ଅଶ୍ୱ ସୁସଜ୍ଜିତ,
ନୂଆ ବରଷର ନୂଆ କିରଣରେ
ବିଶ୍ୱ ହେଉ ଆଲୋକିତ

ସପ୍ତ ଅଶ୍ୱ ନୁହେଁ ସେତ ଇନ୍ଦ୍ରଧନୁ
ସେ ସପ୍ତ ବୈଦିକ ଛନ୍ଦ,
ସୌର ରଥ ସାଥେ ଆସ ଲୋକ ବନ୍ଧୁ
ଧରାରେ ଭରୁ ଆନନ୍ଦ

ତୁମ ରଶ୍ମି ପଡି ଏ ସାରା ବିଶ୍ୱରୁ
ଅନ୍ଧାରର ହେଉ ଦୂର,
ରୋଗ ନିରୋଧକ ଶକ୍ତି ବୃଦ୍ଧି ପାଉ
ଦୟାକର ଦିବାକର

ତୁମେ ପ୍ରଭାକର ଅରୁଣ ପଦ୍ମାକ୍ଷ
ତୁମେ ରୋଗନିବାରକ,
ଅସାଧ୍ୟ ରୋଗରୁ ମୁକ୍ତି ଦେଇଥାଅ
ଦେଇ ଶକ୍ତି ବାଚନିକ

ତୁମ ଆଗମନେ ଧରା ଆଲୋକିତ
ଅନ୍ଧାର ଦୂରେଇ ଦିଏ,
ସୂର୍ଯ୍ୟ ନାରାୟଣ ପ୍ରଭାତେ ଦର୍ଶନ
ତନୁରେ ଶକ୍ତି ବଢାଏ

ପ୍ରଭାତରେ ବ୍ରହ୍ମା ମଧ୍ୟାହ୍ନରେ ଶିବ
ଅସ୍ତେ ହୁଅ ନାରାୟଣ,
ଖୋଲା ଆକାଶରେ ତୁମ ଉପସ୍ଥିତି
କରେ ରୋଗ ବିନାଶନ

ବିଶ୍ୱରେ ମାତିଛି ଅଜଣା ଭୁତାଣୁ
ମାଡଇ ଅଚିହ୍ନା ରୋଗ,
ନୂଆ ବରଷରେ ନୂଆ ରଶ୍ମି ବୁଣି
ବିଶ୍ୱକୁ ରଖ ନିରୋଗ

ଶରୀରରେ ଶକ୍ତି ଭରିଦିଅ ଭାନୁ
ଭରୁ ଶକ୍ତି ବାଚନିକ,
ରୋଗ ବିନାଶନ ହୋଇଯାଉ କ୍ଷଣେ
ଦୂର ହେଉ ରୋଗ ଶୋକ




ମୋହନଦାସ ଏନକ୍ଲେଭ, ଖଣ୍ଡଗିରି
ଭୁବନେଶ୍ୱର-୩୦


## କ୍ୟାଲେଣ୍ଡର


ସୁଶ୍ରୀ କାଦମ୍ବରୀ ମହାଖୁଡ଼


କେଇଟା କାଗଜରେ ଗୁନ୍ଥା ହୋଇଥିବା ଫର୍ଦ
ଟଙ୍ଗା ହୋଇଥିବା ବାର ଦିନ, ମାସ ଓ ବର୍ଷ
ନାଲି ରଙ୍ଗବୋଳା କିଛି ପୂଜା, ତିଥି ସମ୍ଭାର
ମନେ ପକାଏ ପ୍ରତିଶୃତି କର୍ତବ୍ୟର ଭାର

ପୃଷ୍ଠା ପରେ ପୃଷ୍ଠା କାଗଜ ଲେଉଟିଲା ପରେ
ବଦଳାଏ ଅତୀତ ନିର୍ଦ୍ଦିଷ୍ଟ କ୍ୟାଲେଣ୍ଡରରେ
ସ୍ମୃତି ସବୁ ବସା ବାନ୍ଧେ ବର୍ତ୍ତମାନ ଡାଳରେ
ଭବିଷ୍ୟତ ଚାତକେ ଚାହେଁ କର୍ମର ବେଳାରେ

କିଏ ସମ୍ପର୍କ ନିବିଡତା ଉପଭୋଗ କରେ
କିଏ ପାଏ ଆଉ କିଏ ହାରିଯାଏ ପ୍ରଲୋଭନାରେ
କିଏ ବଦଳି ଯାଏ ସ୍ୱାର୍ଥ ମିଥ୍ୟା ଚିନ୍ତନରେ
କିଏ ଅସମୟେ ଇଙ୍ଗିତ ଉପହାସ କରେ

କିଏ ତାରିଖ ପରି ଆସେ ଆଉ ଚାଲିଯାଏ
କିଛି ସମ୍ପର୍କ ଢ଼େଉପରି ଧୀରେ ଭାସି ଯାଏ

କାହାକୁ ଲୁହରେ ଭିଜାଏ ଅନୁତପ୍ତ କରାଏ
କେଉଁ ତାରିଖ ଚେନାଏ ଖୁସିଛିଞ୍ଚି ହସାଏ

ଜୀବନ ରଙ୍ଗ ଭରିଦିଏ କେବେ ବେରଙ୍ଗରେ
ଆଉ କିଏ ଦେଖି ହସୁ ଥାଏ ଅବେଳାରେ
କିଏ ପ୍ରେମ ଆଉ କିଏ ଜଳେ ପ୍ରତାରଣାରେ
ବାରମାସ ଝୁଲୁଥାଏ ଦୃଶ୍ୟହୀନ ଛବିରେ

ଏ କେବଳ ବାର ଦିନ ମାସ ବର୍ଷ ନୁହେଁ
ନିୟତି କର୍ତ୍ତବ୍ୟର ଉଚିତ ବାର୍ତ୍ତା ଟିଏ
କାଗଜ ଫର୍ଦ୍ଦ ବୋଳା ଲିଖିତ ସଂଖ୍ୟା ନୁହେଁ
କର୍ମ ଓ ସତ୍ୟତାକୁ ଚିହ୍ନିବା ପ୍ରଥା ଟିଏ ।।

କ୍ୟାଲେଣ୍ଡର ସତ୍ୟତାକୁ ଚିହ୍ନିବା ପ୍ରଥା ଟିଏ
.......


ଗୁଡ଼ିଆନାଳୀ, ଢେଙ୍କାନାଳ
ଦୂରଭାଷ -୮୯୦୮୪୧୪୯୭୯


## ହୃଦୟହୀନା


ନଳିନୀ ଦାଶ


ହୃଦୟହୀନା ତୁ କେମିତି ହୋଇଲୁ
ପର କରି ଚାଲିଗଲୁ
ମୋ ହୃଦୟ ଭାଙ୍ଗି କଲୁ ଚୁନାଚୁନା
ବିଶ୍ୱାସ ତୁଟାଇ ଦେଲୁ ।
ଭାବିଥିଲି ଦିନେ ବୁଝିଯିବୁ ପ୍ରିୟା
ମୋ ହୃଦ ବେଦନା କଥା
ପଢିନେବୁ କାଳେ ଲୁହ ପରିଭାଷା
ମୋ ମନର ନୀରବତା ।
ମନ ସିନ୍ଦୁକରେ ପ୍ରେମସ୍ମୃତି ଯେତେ
ରଖିଅଛି ମୁଁ ସାଇତି
ଆଖି ଲୁହ ଓଠେ ପିଇ ବଞ୍ଚିଅଛି
ପ୍ରିୟା ଲୋ ମୁଁ ନିତିନିତି ।
ତତେ ଝୁରିଝୁରି ବିରହ ଜ୍ୱାଳାରେ
ଜଳି ହୋଇବି ପାଉଁଶ
ଦେହ ସିନା ଅଛି ଜୀବନ ମୋ ନାହିଁ
ଅଛି ଟିକିଏ ନିଃଶ୍ୱାସ ।
ହୃଦୟ ମନ୍ଦିରେ ସ୍ଥାନ ଦେଇଥିଲି
ସହିମୁଁ ପାରୁନି ଆଜି
ଯେଉଁଠି ବି ଥାଆ ଖୁସିରେ ରହତୁ
ପାଇବୁନି ମତେ ଖୋଜି ।
ସବୁ ଅଭିମାନ ଲୁହ ଧାରେ ଭିଜି
ଭିଜାଭିଜା ଆଖି ପତା
ବୁଝିଯିବୁ କାଳେ ଅନ୍ତର ବେଦନା
ଛାତି ତଳେ ଯେତେ ବ୍ୟଥା ।
ସବୁ ସ୍ମୃତି ଦିନେ ସାଧା କାଗଜରେ
ଲେଖା ହେବ ଇତିହାସ
ଯେବେତୁ ଶୁଣିବୁ ମୋ ମଲା ଖବର
ହସିବୁ ତାଚ୍ଛଲ୍ୟ ହସ ।
ପ୍ରେମ କରି ମୋତେ ମନ ଚୋରି କଲୁ
ଫୁଟାଇଲୁ ଓଠେ ହସ
ମାରି ଦେଇ ଆଜି କି ଲାଭ ପାଇଲୁ
ଥିଲା କି ମୋର ଲୋ ଦୋଷ ।


ଭିକାରୀପଢ଼ା, ଶରଣକୁଳ, ନୟାଗଡ଼
ମୋ-୬୩୭୦୦୯୫୨୪୧


## ଆଲୋକର ଧାରେ...


ବିଜୟଲକ୍ଷ୍ମୀ ପାଣିଗ୍ରାହି


ଚେତନାର ପାରିଜାତ କୁଞ୍ଜେ
ପ୍ରଜ୍ଞାବତୀ ଆଶାଟିଏ ଜାଳିଲେ
ବିଚ୍ଛୁରିଯାଆନ୍ତି ମଞ୍ଜୁଳ ସ୍ୱପ୍ନକିଛି।
ନଈ ଛାତିରେ ଲାଗେ ନିଆଁ ।
ପ୍ରତି ହସର କାହାଣୀ
ଆଉ ନିତି ଲୁହର କିମ୍ବଦନ୍ତୀ
ଲହଡିମାରେ ଓଠ ଉପକୂଳେ ।
ଯେଉଁଠି ସକାଳ ବିଛେଇ ଦିଏ ତା' ପଣତ
ପକ୍ଷୀର କାକାଳୀ ପାଇଁ।
ସେଇଠି ଅନ୍ଧାରରେ ରହିବାକୁ
ଭଲପାଉଥିବା ପୁଳେ ଦୁଃଖର ବା
ଆଉ କେତେ ଧୈର୍ଯ୍ୟ?
ସେଥିପାଇଁ ନିୟତିର ନଈଟିଏ
ନିଇତି ଗଢୁଥାଏ ବାଲିଘର
କାହାର ଶୈଶବ ପାଇଁ
ଯୌବନର ଇନ୍ଦୁ ମ୍ଳାନ ପଡିଲେ ବି
ହୃଦୟରେ ସଞ୍ଚୁଥାଏ ଅସରନ୍ତି ଶୋଷ।
ବୟସ କୁସୁମ ଫିକା ପଡିଲା ପରେ
ପଦ୍ମ ଆଖିର ପରିଭାଷାରେ
ମନ୍ତ୍ର ଉଚ୍ଚାରୁ ଥାଏ
ଅସ୍ତ ସୂର୍ଯ୍ୟର କିରଣ।
ସବୁକିଛି ଜାହିର କରୁଥାନ୍ତି ଅସ୍ତିତ୍ୱ
ମରଣ ତ ବିରାମ ମାତ୍ର।
ଜୀବନ ପଥରେ
ରୀତିମତ ଚାଲିଥାଏ ଅନୁଭବର ଚାଷ
ଆଲୋକର ଧାରେ ଧାରେ ଦୃଶ୍ୟମାନ
ଯେତେ କର୍ମଫଳ
ପ୍ରଶସ୍ତ ଦିଗବଳୟ ଛାତିରେ....


ଝୁଙ୍କୁଟ, ଭୋଗରାଇ
ମୋ- ୮୬୮୪୫୦୦୫୦

# ଲୋକାର୍ପଣ ଅପେକ୍ଷାରେ ମାଁ ସମଲେଶ୍ୱରୀ ମନ୍ଦିର



ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ମହିମା ଅପାର। କେବଳ ସମ୍ବଲପୁର, ଓଡ଼ିଶା କି ଭାରତ ବର୍ଷ ନୁହେଁ ସାରା ବିଶ୍ୱରେ ଅଗଣିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କର କାହିଁ କୋଉ କାଳରୁ ମାଁଙ୍କ ପ୍ରତି ରହି ଆସିଛି ସମର୍ପିତ ଭକ୍ତିଭାବ। ମାଁ ସମଲେଶ୍ୱରୀ ମନ୍ଦିରର ଐତିହ୍ୟ, ସୁରକ୍ଷା ଓ ଅଗଣିତ ଭକ୍ତମାନଙ୍କର ଆଧ୍ୟାତ୍ମିକ ଭାବାବେଗ ଉପରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାର ଗୁରୁତର ସହ ଧ୍ୟାନକେନ୍ଦ୍ରୀତ କରି ଏହାର ଭବ୍ୟ ରୂପାନ୍ତରଣ ପାଇଁ ଯେଉଁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ତାହା ରେକର୍ଡ ଅବଧିରେ ସମ୍ପୂର୍ଣ୍ଣ ହୋଇପାରିଛି। ଯାହାକି ସାରା ଦେଶରେ ଏକ ଉଦାହରଣ ପାଲଟିଛି। ମାଁଙ୍କ ମନ୍ଦିରର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସଂକଳ୍ପ ଓ ଆରମ୍ଭରୁ ହିଁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ପରିଚାଳନା, ଅନୁଧ୍ୟାନ, ସମୀକ୍ଷା, ଦିଗ୍‌ଦର୍ଶନ ଓ ନିର୍ଦ୍ଦେଶ ଯୋଗୁଁ ହିଁ ଏହି ପ୍ରକଳ୍ପ ସ୍ୱୟଂ ସମ୍ପୂର୍ଣ୍ଣ ରୂପନେଇଛି।

ଯାହା କି ଆସନ୍ତା ୨୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଶୁଭଲୋକାର୍ପିତ ହେବାକୁ ଯାଉଛି। ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'ର ଲୋକାର୍ପଣ ପରେ ଏହା ହେଉଛି ରାଜ୍ୟ ସରକାରଙ୍କ ଦ୍ୱିତୀୟ ବୃହତ ମନ୍ଦିର ପ୍ରକଳ୍ପ। ଏହାକୁ ନେଇ ମାଁ ସମଲେଶ୍ୱରୀଙ୍କର ଅଗଣିତ ଭକ୍ତ, ଶ୍ରଦ୍ଧାଳୁ, ସେବାୟତ ସର୍ବପରୀ ଓଡ଼ିଶା ସମେତ ସାରା ବିଶ୍ୱବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମାଁ ସମଲେଶ୍ୱରୀଙ୍କର ମନ୍ଦିର ରୂପାନ୍ତରଣ ପାଇଁ ବିଗତ ୨୦୨୧ ମସିହା ଫେବ୍ରୁୟାରୀ ୧୭ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ 'ସମଲେଇ ପ୍ରକଳ୍ପ'ର ସମସ୍ତ ଆନୁସଙ୍ଗିକ ଦିଗ ଉପରେ ସବିଶେଷ ଆଲୋଚନା ହୋଇଥିଲା । ସେହି ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ୫-ଟି ମାଧ୍ୟମରେ କିଭଳି ଭାବରେ ରେକର୍ଡ ସମୟ ମଧ୍ୟରେ 'ସମଲେଇ ପ୍ରକଳ୍ପ'ର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିବ ତା' ଉପରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ଉକ୍ତ ବୈଠକ ପରଠାରୁ ଏ ପର୍ଯ୍ୟନ୍ତ ୫-ଟି ଅଧ୍ୟକ୍ଷ ଶ୍ରୀ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହିଁ କାର୍ଯ୍ୟ ହୋଇ ଏହା ଏକ ଯୁଗାନ୍ତକାରୀ ପ୍ରକଳ୍ପର ସ୍ୱରୂପ ପାଇଛି ।

ଏହି ପ୍ରକଳ୍ପରେ ମାଁ ସମଲେଶ୍ୱରୀଙ୍କ ମନ୍ଦିର ପରିସରର ଭବ୍ୟ ରୂପାନ୍ତରଣ, ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଦିବ୍ୟ ଅନୁଭବ ପ୍ରାପ୍ତି ପ୍ରତି ବିଶେଷ ଗୁରୁତ୍ୱ, ସମ୍ବଲପୁର ତଥା ଓଡ଼ିଶାର ପର୍ଯ୍ୟଟନ ଅର୍ଥନୀତି ପ୍ରତି ବିଶେଷ ଗୁରୁତ୍ୱ, ମନ୍ଦିର ଚାରିପାର୍ଶ୍ୱରେ ଅନ୍ୟାନ୍ୟ ପ୍ରକଳ୍ପର ବିକାଶ ଓ ସ୍ଥାନୀୟ ଅଧିବାସୀଙ୍କ ଆର୍ଥିକ ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବା ଆଦି ଚାରିଗୋଟି ପ୍ରାଥମିକ ଲକ୍ଷ୍ୟକୁ ସାକାର କରାଯାଇଛି ।

ପ୍ରାୟ ୪୦ ଏକର ପରିମିତ ଅଞ୍ଚଳରେ ମାଁ ସମଲେଶ୍ୱରୀଙ୍କ ମନ୍ଦିରର ଭବ୍ୟ ରୂପାନ୍ତରଣ ଘଟିଛି । ଚାରି ଦିଗରେ ଚାରିଗୋଟି ପ୍ରବେଶ ଦ୍ୱାର, ମନ୍ଦିର କାର୍ଯ୍ୟାଳୟ, ପୂଜକ ବିଶ୍ରାମାଳୟ, ଆଦି ସମସ୍ତ ବ୍ୟବସ୍ଥା କରାଯାଇଛି।

ମାଁ ସମଲେଶ୍ୱରୀଙ୍କ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଆଧ୍ୟାତ୍ମିକ ଅନୁଭବ ପାଇଁ ପ୍ରାୟ ଏକ କିଲୋମିଟର ଦୈର୍ଘ୍ୟର ପରିକ୍ରମା ପଥ ନିର୍ମାଣ ହୋଇଛି । ଏହାର ସନ୍ନିକଟରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁବିଧା ସଂକ୍ରାନ୍ତୀୟ ସମସ୍ତ ବ୍ୟବସ୍ଥା ଯେପରିକି ପାର୍କିଂ ସ୍ଥାନ, ପାନୀୟ ଜଳ, ଶୌଚାଳୟ, ସୂଚନା କେନ୍ଦ୍ର, ଯୋତାଷ୍ଟାଣ୍ଡ, ଭେଣ୍ଡିଂଜୋନ୍ ଆଦିର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏସବୁ କାର୍ଯ୍ୟ କରାଯାଇଥିବାରୁ ମାଁଙ୍କ ଦର୍ଶନ ପାଇଁ ଆସୁଥିବା ଅଗଣିତ ଭକ୍ତମାନେ ନିଶ୍ଚିତଭାବେ ଉପକୃତ ହୋଇପାରିବେ।

ସେହିପରି ଏହି ପ୍ରକଳ୍ପରେ ମହାନଦୀ ଘାଟର ରୂପାନ୍ତରଣ କରାଯାଇ ଘାଟରେ ଆରତୀ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି । ଏହି ମହାନଦୀ ଆରତୀ ଦ୍ୱାରା ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଏକ ସ୍ୱତନ୍ତ୍ର ଆଧ୍ୟାତ୍ମିକ ପରିବେଶ ପାଇପାରିବେ। । ଏହା ସହ ଭକ୍ତମାନେ ଯେପରି ମାଁଙ୍କ ମନ୍ଦିରରୁ ମହାନଦୀର ବିଭିନ୍ନ ଘାଟକୁ ଯାଇପାରିବେ ସେଥିପାଇଁ ସ୍ୱତନ୍ତ୍ର ପଥ ନିର୍ମାଣ କରାଯାଇଛି । ମନ୍ଦିରର ଐତିହ୍ୟ ସହ ଜଡ଼ିତ ଶ୍ରୀଗୋପାଳଜୀ ମଠ ଓ ଅନ୍ୟ ସମସ୍ତ ଐତିହାସିକ ସ୍ଥାନକୁ ସଂପୂର୍ଣ୍ଣ ଗୁରୁତ୍ୱ ଦିଆଯାଇଛି । ମନ୍ଦିରର ସୁରକ୍ଷା ଓ ଭକ୍ତମାନଙ୍କ ଆଧ୍ୟାତ୍ମିକ ଭାବାବେଗକୁ କେନ୍ଦ୍ରରେ ରଖି ପ୍ରକଳ୍ପ କାର୍ଯ୍ୟ କରାଯାଇଛି । ସେହିପରି ମାଁଙ୍କ ମନ୍ଦିର ପାର୍ଶ୍ୱରୁ ରେଳ ଷ୍ଟେସନକୁ ରାସ୍ତା ପ୍ରଶସ୍ତିକରଣ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇ ଯାନବାହନ ଚଳାଚଳ ଯେପରି ଭାବେ ବିନା ବାଧାରେ ହୋଇପାରିବ ସେଥିପ୍ରତି ଧ୍ୟାନ ଦିଆଯାଇଛି । ୫-ଟି ରୂପାନ୍ତରଣ ମାଧ୍ୟମରେ ମାଁ ସମଲେଶ୍ୱରୀଙ୍କ ଉଦ୍ଦେଶ୍ୟରେ ସମର୍ପିତ ଏହି ପ୍ରକଳ୍ପ ଏକ ରେକର୍ଡ ସମୟ ମଧ୍ୟରେ କାର୍ଯ୍ୟକାରୀ ହୋଇ ଲୋକାର୍ପଣ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସୁଦକ୍ଷ ନେତୃତ୍ୱ ଓ ୫-ଟି ଅଧ୍ୟକ୍ଷ ଶ୍ରୀ କାର୍ତ୍ତିକ ପାଣ୍ଡିଆନଙ୍କ ଗ୍ରାଉଣ୍ଡଜିରୋରୁ ପ୍ରାମାଣିକ ପରିଚାଳନା ପାଇଁ ସମଗ୍ର ଦେଶରେ ଏହି ପ୍ରକଳ୍ପ ଏକ ଉଦାହରଣ ହୋଇପାରିଛି । ଏଥିପାଇଁ ମାଁ ସମଲେଶ୍ୱରୀଙ୍କ ଅଗଣିତ ଭକ୍ତ, ଶ୍ରଦ୍ଧାଳୁ, ସେବାୟତଙ୍କ ସମେତ ବିଭିନ୍ନ ମହଲରେ ରାଜ୍ୟସରକାର ବିଶେଷକରି ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧ୍ୟକ୍ଷଙ୍କ ଦକ୍ଷତାର ସହ କାର୍ଯ୍ୟପରିଚାଳନାକୁ ପ୍ରଶଂସା କରୁଛନ୍ତି।











